କଟକ
ରବିବାର ୧୭ ମେ, ୨୦୨୬
ପ୍ରାତଃ ସଂସ୍କରଣ

May 17, 2026 Cuttack
Vol - XXIV, Issue - 45
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ସ୍ୱାସ୍ଥ୍ୟ ପରୀକ୍ଷା କରିବେ ଟ୍ରମ୍ପ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେ ୨୬ରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ୱାଲ୍ଟର ମିଲିଟାରୀ ମେଡ଼ିକାଲ ସେଣ୍ଟରରେ ହେବ ସ୍ୱାସ୍ଥ୍ୟ ପରୀକ୍ଷା। ଆସନ୍ତା ମାସ ସେ ୮୦ ବର୍ଷ ବୟସରେ ପାଦ ଦେବେ। ଆମେରିକା ଇତିହାସରେ ସେ ସବୁଠାରୁ ଅଧିକ ବୟସର ରାଷ୍ଟ୍ରପତି। ତାଙ୍କର ସ୍ୱାସ୍ଥ୍ୟ ଲଗାତର ଚର୍ଚ୍ଚାର ବିଷୟ ହୋଇଆସିଛି।

# ଓଏମ୍‌ସି ଓଡ଼ିଶା ଅର୍ଥନୀତିର ପ୍ରମୁଖ ସ୍ତମ୍ଭ

## ୭୧ତମ ପ୍ରତିଷ୍ଠା ଦିବସରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୫(ନି.ପ୍ର):** ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଓଡ଼ିଶା ଅର୍ଥନୀତିର ପ୍ରମୁଖ ସ୍ତମ୍ଭ। ରାଜ୍ୟର ଶିଳ୍ପାୟନ ଓ ଆର୍ଥିକ ବିକାଶରେ ଓଏମ୍‌ସିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଓଏମ୍‌ସିର ୭୧ତମ ପ୍ରତିଷ୍ଠା ଦିବସରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧ ବିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଖଣିଜ ଉତ୍ତୋଳନରେ ଦେଶରେ ମାଇଲଖୁଣ୍ଟ ସ୍ଥାପନ କରିଛି ଓଏମ୍‌ସି। ୨୦୩୬ରେ ଓଡ଼ିଶା ତା'ର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଓଏମ୍‌ସି ମଧ ୨୦୩୬ ସୁଦ୍ଧା ୧୦୦ ଟନ୍ ଖଣିଜ ଉତ୍ତୋଳନ ଲକ୍ଷ୍ୟ ରଖିଛି। ଏହାର ଅଧିକାରୀ ଓ କର୍ମଚାରୀଙ୍କ ମନୋବଳ ଏଭଳି ବୃଦ୍ଧି ପାଇଛି ଯେ ମୋତେ ଲାଗୁଛି ୨୦୨୬ ପୂର୍ବରୁ ଏହି ଲକ୍ଷ୍ୟ ହାସଲ



ହୋଇପାରିବ। ଆମେ ମଧ ଏହା କରିପାରିବା।

ଖଣି ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଓଏମ୍‌ସି ଆକର୍ଷଣୀୟ ପରିବର୍ତ୍ତନ ଆଣିଥିବା ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଓ 'ବିକଶିତ ଭାରତ' ଆହ୍ୱାନର ଉଲ୍ଲେଖ ମଧ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବିଜେପି ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭ ଥର ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ପ୍ରତି ତାଙ୍କର ଆକର୍ଷଣ ଓ ଭଲପାଇବାକୁ ଏହା ସୂଚିତ କରୁଛି। ଓଡ଼ିଶା ହେବାକୁ ଯାଉଛି ଭାରତର ଗ୍ରୋଥ୍ ଇଞ୍ଜିନ। ଭାରତର ଖଣିଜ ସୁରକ୍ଷାକୁ ଓଏମ୍‌ସି ସମୃଦ୍ଧ କରିପାରିବ। ପ୍ରଫିଟ ମେକିଂ କମ୍ପାନୀ ଭାବେ ଦେଶରେ ଆହୁରି ସୁନାମ ଅର୍ଜନ କରିବ। ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ଶିଳ୍ପାୟନର ଏକ ପ୍ରମୁଖ ସ୍ତମ୍ଭ ଭାବେ ଓଏମସି ଖଣିଜ ଉତ୍ତୋଳନ ଏବଂ ବ୍ୟବସାୟିକ କାରବାର କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ଆମ ପ୍ରଗତିର ଯାତ୍ରାକୁ ଅଧିକ ସୁଦୃଢ଼ କରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯାଜପୁରର କାଳିଆପାଣିରେ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ଲୋକାର୍ପଣ କରିଛନ୍ତି। ବେସିକ୍ ଲାଇଫ୍ ସପୋର୍ଟ (ବିଏଲ୍ଏସ୍) ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବାସହ ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର (ଆଇଓଏମ୍‌ସି)ର ମଧ ଶୁଭାରମ୍ଭ କରିଛନ୍ତି। ଅନ୍‌ଲାଇନ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥା (ଓ-ସ୍ୱାସ୍ଥ୍ୟ)ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଖଣି ଅଞ୍ଚଳର ଜନସାଧାରଣଙ୍କ କଲ୍ୟାଣ ଦିଗରେ ଓଏମ୍‌ସିର ଲୋକକୈନ୍ଦ୍ରିକ ପ୍ରୟାସ ଜାରି ରହିଛି। ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ ସବୁଜ ସୁରକ୍ଷାକୁ ଆଦରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଏମ୍‌ସିର ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ବେଶ୍ ପ୍ରଶଂସନୀୟ। ରାଜ୍ୟକୁ ସମୃଦ୍ଧ କରୁଥିବା ଆମର ଶ୍ରମିକ ଭାଇଭଉଣୀ ଓ ସମସ୍ତ କର୍ମଚାରୀଙ୍କ ନିଷ୍ଠାକୁ ମୁଁ ସମ୍ମାନ ଜଣାଉଛି। ନୂଆ ଚିନ୍ତାଧାରା ଓ ସ୍ୱଚ୍ଛ ପରିଚାଳନା ସହ ଓଏମସି 'ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ'ର ଦୂରଦୃଷ୍ଟିକୁ ସାକାର କରିବାରେ ନିରନ୍ତର ସହାୟକ ହେବ।

## ଆଣ୍ଡାମାନ ଛୁଇଁଲା ମୌସୁମୀ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଶନିବାର ଆଣ୍ଡାମାନ ଛୁଇଁଛି। ସାଧାରଣତଃ ମୌସୁମୀ ମେ ୨୦ ବେଳକୁ ଆଣ୍ଡାମାନ ଛୁଇଁଥାଏ। ଏଥର ସଅଳ ପହଞ୍ଚିଛି। ଦକ୍ଷିଣପୂର୍ବ ଆରବ ସାଗରରେ କିଛି ଅଂଶକୁ ମଧ ମୌସୁମୀ ଛୁଇଁଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଯଦି ଗତିବିଧି ସ୍ୱାଭାବିକ ରହେ ତେବେ ଆସନ୍ତା ୨୬ ତାରିଖରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ। ଏଥର ଲା ନିନା ଭଳି ବିଶ୍ୱସ୍ତରୀୟ ପାଗ ପରିବର୍ତ୍ତନ ଯୋଗୁ ଭଲ ବର୍ଷା ଆଶା କରାଯାଉଛି। ଭାରତୀୟ ଅର୍ଥନୀତି ଏବଂ ଚାଷ କାର୍ଯ୍ୟ ପାଇଁ ମୌସୁମୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଚୋରା ଚାଲାଣ ବେଳେ ୧ ଟନ୍‌ରୁ ଅଧିକ ଖଇର କାଠ ଜବତ

**ସୁନ୍ଦରଗଡ଼,୧୬।୫(ନି.ପ୍ର):** ପ୍ରାୟ ୧ ଟନ୍ ଖଇର କାଠ ଚୋରା ଚାଲାଣ ହେଉଥିବାବେଳେ ଜବତ କରିଛି ବନବିଭାଗ। ସୁନ୍ଦରଗଡ଼ ଗୋପାଳପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଘୋଘରପାଲି ରିଜର୍ଭ ଫରେଷ୍ଟ ଭିତରେ ରାତିର ଅନ୍ଧାରରେ ଚାଲିଥିଲା ଖଇର କାଠ ଚୋରାଚାଲାଣ। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବାପରେ ବନବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଖଇରକାଠ ଛତିଶଗଡ଼କୁ ଚାଲାଣ କରିବାକୁ ଯୋଜନା ଚାଲିଥିଲା। ବନବିଭାଗର ଅତର୍କିତ ଚଢାଉ ବେଳେ କୌଶଳ କ୍ରମେ ଦୁର୍ବୃତ୍ତମାନେ ଖସିଯିବାରେ ସଫଳ ହୋଇଥିଲେ। ସେମାନଙ୍କୁ ଧରିବାକୁ ବନବିଭାଗ ପକ୍ଷରୁ ତନାଘନା ଜାରି ରହିଛି।

## ସମାଜବାଦୀ ପାର୍ଟି ନେତା ଆଜମ ଖାନ୍‌ଙ୍କୁ ୨ ବର୍ଷ ଜେଲ ଦଣ୍ଡ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ଏକ ବଡ଼ ଝଟ୍‌କା ଲାଗିଛି ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ଆଜମ ଖାନ୍‌ଙ୍କୁ।



୨୦୧୯ ଲୋକସଭା ନିର୍ବାଚନ ସମୟରେ ସେ ଦେଇଥିବା ଏକ ବିବାଦୀୟ ବୟାନ ପାଇଁ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜମ ଖାନ୍ ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ (ଡିଏମ)ଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏଥିପାଇଁ କୋର୍ଟ ତାଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ଉପରେ ୫ ହଜାର ଟଙ୍କା ଜୋରିମାନା ମଧ ଲଗାଇଛନ୍ତି। ଆଜମ ଖାନ୍ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଦରମା ଭୋଜି କର୍ମଚାରୀ କହିଥିଲେ। ଦରମା ଭୋଜି କର୍ମଚାରୀଙ୍କୁ ଭୟ ନକରିବାକୁ ଏବଂ ସେମାନଙ୍କୁ ସେ ଜୋତା ପୋଛିବାକୁ ବାଧ କରିବେ ବୋଲି କହିଥିଲେ। ଆଜମ ଖାନ୍‌ଙ୍କର ଏହି ବକ୍ତବ୍ୟକୁ ନେଇ ପ୍ରଶାସନ ଓ ଅଧିକାରୀମାନେ ଦୃଢ଼ ଆପତ୍ତି ପ୍ରକାଶ କରିଥିଲେ। ମାମଲା କୋର୍ଟକୁ ଯାଇଥିଲା।

## ୫ ଗ୍ରୀନ୍ ଏନର୍ଜି ସ୍କିଲ ସେଣ୍ଟର ପ୍ରତିଷ୍ଠା କଲା ଟାଟା

**ଭୁବନେଶ୍ୱର,୧୬।୫(ନି.ପ୍ର):** ଟାଟା ପାୱାର କମ୍ପାନୀ ଓଡ଼ିଶାରେ ୫ଟି ଗ୍ରୀନ ଏନର୍ଜି ସ୍କିଲ ସେଣ୍ଟର ପ୍ରତିଷ୍ଠା କରିଛି। ଟାଟା ପାୱାର କମ୍ପାନୀର ଦକ୍ଷତା ବିକାଶ ଶାଖା ଟାଟା ପାୱାର୍ ସ୍କିଲ୍ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ (ଟିପିଏସଡିଆଇ) ପକ୍ଷରୁ କଟକ, ଢେଙ୍କାନାଳ, ବାଲେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ପ୍ରତିଷ୍ଠା କରାଯାଇଛି ଏହି ସେଣ୍ଟର। ଏହାର ଉଦ୍ଦେଶ୍ୟ ରହିଛି ରାଜ୍ୟର ବିକାଶମୁଖୀ ଶକ୍ତି ବ୍ୟବସ୍ଥା ପାଇଁ ବୈଷୟିକ ଦକ୍ଷତା ଭିତ୍ତିଭୂମିକୁ ମଜଭୁତ କରିବା। ଏହାସହ ଭବିଷ୍ୟତ ପାଇଁ ଏକ ଦକ୍ଷ ୱାର୍କଫୋର୍ସ ଗଠନ କରିବା। ରାଜ୍ୟରେ ବଢୁଥିବା ବିଦ୍ୟୁତ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ କୁଶଳୀ ବୈଷୟିକ କର୍ମଚାରୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ମଧ ଏହା ସହାୟକ ହେବ। ପିଏମ୍ ସୂର୍ଯ୍ୟ ଘର, ମୁଫ୍ତ ବିଜିଳି ଯୋଜନା ଏବଂ ୟୁଏଲ୍ଏ କାର୍ଯ୍ୟକ୍ରମ ଅଧୀନରେ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବା ପ୍ରକ୍ରିୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଥିପାଇଁ ତାଲିମପ୍ରାପ୍ତ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ଏସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ, ବିଦ୍ୟୁତ ସୁରକ୍ଷା ସହ ଉପଯୁକ୍ତ ଗ୍ରାହକ ସେବାର ମଧ ଆବଶ୍ୟକତା ରହିଛି।

## ଚିତା ବାଘଛାଲ ଜବତ, ୩ ଗିରଫ



**ବ୍ରହ୍ମପୁର,୧୬।୫(ନି.ପ୍ର):** ଗଞ୍ଜାମ ଜିଲ୍ଲା ଜରଡ଼ା ପୋଲିସ ଏକ ଚିତା ବାଘଛାଲ ଜବତ କରିବାସହ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ଼ ଏବଂ ଗୋଟିଏ ଛୁରୀ ଜବତ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ଏହି ଅଭିଯୁକ୍ତ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅଧୀନ ଚଚଡାଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବାରଡ଼ା ଗାଁର ଗୁଞ୍ଜୁ ରଇତ (୬୦) ଏବଂ ମଙ୍ଗରାଜପୁର ଗାଁର ରିତୁନ ବଡ଼ମୁଣ୍ଡି (୨୫)। ସେମାନେ ଧନାବଡ଼ା ଆଙ୍କୁଲି ଅଞ୍ଚଳରେ ଏହି ବାଘ ଛାଲ ବିକ୍ରି କରିବା ପାଇଁ ଡିଲ୍ କରୁଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଗିରଫ କରିବାସହ କୋର୍ଟ ଚାଲାଣ କରିଛି। ଗଜପତି ରାମଗିରି ଅଞ୍ଚଳରେ ଏହି ବାଘକୁ ଶିକାର କରାଯାଇଥିବା ଜଣାପଡ଼ିଛି। ବାଘର ନଖ, ହାଡ଼ ଆଦି କେଉଁଠି ରଖାଯାଇଛି ଏବଂ ଏଥିରେ ଆଉଁ କେଉଁ କେଉଁମାନେ ସମ୍ପୃକ୍ତ ଏନେଇ ତଦନ୍ତ ଜାରି ରହିଛି। ୩ ଅଭିଯୁକ୍ତଙ୍କୁ ଗିରଫ କରିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି। ଏକ ପୋଲିସ ଟିମ୍ ମଧ ତାକୁ ଖୋଜୁଛନ୍ତି।

# ଏ ଦଶକ ବିପଦର ଦଶକ

## ନେଦରଲ୍ୟାଣ୍ଡ୍‌ସରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ବର୍ତ୍ତମାନର ଦଶକ ବିପଦର ଦଶକ। ଯୁଦ୍ଧ ବନ୍ଦ ନହେଲେ ପରିସ୍ଥିତି ଆହୁରି ଭୟାନକ ହେବ। ନେଦରଲ୍ୟାଣ୍ଡ୍‌ସ ଗସ୍ତ ବେଳେ କମ୍ୟୁନିଟି ପ୍ରୋଗ୍ରାମରେ ଜନସଭାକୁ ସମ୍ବୋଧିତ କରି ଏଡା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ମୋଦୀ ୧୫ ତାରିଖରୁ ବିଦେଶ ଗସ୍ତରେ (ୟୁଏଇ ଏବଂ ୟୁରୋପ) ଯାତ୍ରା କରିଛନ୍ତି। ପ୍ରଥମେ ସେ ୟୁଏଇ ଗସ୍ତ କରିଥିଲେ। ଗସ୍ତ କାଳରେ ୟୁଏଇ ସହିତ ଦ୍ୱିପାକ୍ଷିକ ଆଲୋଚନା ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ମଧ ସ୍ୱାକ୍ଷରିତ ହୋଇଛି। ୟୁଏଇରୁ ସେ ସିଧା ଯାତ୍ରା କରିଥିଲେ ନେଦରଲ୍ୟାଣ୍ଡ୍‌ସ। ନେଦରଲ୍ୟାଣ୍ଡ୍‌ସରୁ ମୋଦୀ ସ୍ୱିଡେନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

ନେଦରଲ୍ୟାଣ୍ଡ୍‌ସର ରାଜା ଫିଲେପ ଆଲେକ୍‌ଜାଣ୍ଡର ଓ ରାଣୀଙ୍କୁ ସାକ୍ଷାତ କରିଛନ୍ତି ମୋଦୀ। ନେଦରଲ୍ୟାଣ୍ଡ୍‌ସରେ ମୋଦୀ ପହଞ୍ଚିବାପରେ ତାଙ୍କୁ ରାଜାଙ୍କର ରିୟର ଆଡ୍‌ମିରାଲ ଏବଂ ଚିଫ୍ ଅଫ୍ ମିଲିଟାରୀ, ଡଚ୍ ବୈଦେଶିକ ମନ୍ତ୍ରୀ ଓ ଭାରତର ରାଷ୍ଟ୍ରଦୂତଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୋଦୀ ମଧ ନେଦରଲ୍ୟାଣ୍ଡ୍‌ସ ପ୍ରଧାନମନ୍ତ୍ରୀ ରବ୍ ଜେଟନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଭାରତ ଓ ନେଦରଲ୍ୟାଣ୍ଡ୍‌ସ ଉର୍ଜା ସୁରକ୍ଷା ଓ



ନେଦରଲ୍ୟାଣ୍ଡ୍‌ସରେ ରାଜା ଓ ରାଣୀଙ୍କୁ ସାକ୍ଷାତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

ଜଳସୁରକ୍ଷା ସମେତ ବିଭିନ୍ନ ସେକ୍ଟରରେ ଏକତ୍ର କାର୍ଯ୍ୟ କରୁଛନ୍ତି। ୟୁରୋପୀୟ ୟୁନିୟନ ସହ ଭାରତର ଏଫ୍‌ଟିଏ ଭାରତ ଓ ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୂତ କରିବ। ଭାରତୀୟ ବିଜିନେସ ୟୁରୋପରେ ଏଣ୍ଟ୍ରି କରିବା ପାଇଁ ନେଦରଲ୍ୟାଣ୍ଡ୍‌ସ ହେବ ଗେଟ୍ ୱେ।

ନେଦରଲ୍ୟାଣ୍ଡ୍‌ସର ଦି ହେଗ୍‌ରେ ଭାରତୀୟ କମ୍ୟୁନିଟି ଓ ନେଦରଲ୍ୟାଣ୍ଡ୍‌ସବାସୀଙ୍କୁ ସମ୍ବୋଧିତ କରି ମୋଦୀ ବର୍ତ୍ତମାନର ବିଶ୍ୱ ଯୁଦ୍ଧ ସଙ୍କଟ ଦେଇ ଗତି କରୁଥିବା ଏବଂ ଯୁଦ୍ଧ ବନ୍ଦ ହେବା ନିହାତି ଜରୁରୀ ବୋଲି ଉଲ୍ଲେଖ କରିଛନ୍ତି।

### ଭାରତୀୟ ବିଜିନେସ ୟୁରୋପରେ ଏଣ୍ଟ୍ରି କରିବା ପାଇଁ ନେଦରଲ୍ୟାଣ୍ଡ୍‌ସ ହେବ ଗେଟ୍ ୱେ

ଭାରତୀୟ ଗଣତନ୍ତ୍ରର ମଧ ଖୁବ୍ ପ୍ରଶଂସା କରିଛନ୍ତି ମୋଦୀ। ସେ କହିଛନ୍ତି, ନିକଟରେ ଭାରତରେ ୫ଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନରେ ୮୦-୯୦% ମତଦାନ ହୋଇଛି। ଭାରତୀୟ ନାଗରିକ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିପୁଳ ସଂଖ୍ୟାରେ ସାବ୍ୟସ୍ତ କରିଛନ୍ତି। 'ମଦର ଅଫ୍ ଡେମୋକ୍ରାସି' ଭାବେ ପରିଚିତ ଭାରତ ପାଇଁ ଏହା ଗର୍ବ ଓ ଗୌରବ ବିଷୟ। ପ୍ରତ୍ୟେକ ଥର ଭାରତରେ ମତଦାନ ହାର ବୃଦ୍ଧି ପାଇ ଚାଲିଛି।

୧୬ ମେ ୨୦୨୬ରେ ନେଦରଲ୍ୟାଣ୍ଡ୍‌ସରେ ଭାରତୀୟ କମ୍ୟୁନିଟିକୁ ସମ୍ବୋଧିତ କରିବାବେଳେ ମୋଦୀ ମଧ ୧୬ ମେ ୨୦୧୪ର ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଆଜିର ଦିନ (ମେ ୧୬)ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୧୬ ମେ ୨୦୧୪ରେ ଲୋକସଭା ନିର୍ବାଚନ ଫଳ ଘୋଷଣା ହୋଇଥିଲା। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ସରକାର ଗଠନ କରିବାପାଇଁ।

# ପାକିସ୍ତାନକୁ ଭାରତୀୟ ସ୍ଥଳସେନା ମୁଖ୍ୟଙ୍କ ଚେତାବନୀ

## ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନକଲେ ଇତିହାସ ଓ ଭୂଗୋଳରୁ ହଜିଯିବ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ପାକିସ୍ତାନକୁ ଚରମ ଚେତାବନୀ ଶୁଣାଇଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ସେନା ସଂଳାପ କାର୍ଯ୍ୟକ୍ରମରେ ସେ ଏହି ଚେତାବନୀ ଶୁଣାଇ କହିଛନ୍ତି, ପାକିସ୍ତାନ ଯଦି ଭାରତ ବିରୁଦ୍ଧରେ ତା'ର ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନକରେ ତେବେ ପରିମାଣ ଭୋଗିବ। ଇତିହାସ ଓ ଭୂଗୋଳରୁ ହଜିଯିବ। ଇତିହାସ ଓ ଭୂଗୋଳରେ ରହିବ କି ନାହିଁ ଏହାର ନିଷ୍ପତ୍ତି ପାକିସ୍ତାନ ନେଉ।

ପହଲଗାମ୍ ଆତଙ୍କବାଦୀ ହମ୍‌ଲା ପରେ ଭାରତ ପାକିସ୍ତାନରେ ଲାଳିତ ପାଳିତ ଆତଙ୍କବାଦୀଙ୍କ ବିରୁଦ୍ଧରେ ଗୋଟିଏ ବର୍ଷ ପୂର୍ବେ ଆରମ୍ଭ କରିଥିଲା ଅପରେସନ ସିନ୍ଦୂର। ପାକିସ୍ତାନ ସମେତ ବିଶ୍ୱକୁ ମଧ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ବଡ଼ ବାର୍ତ୍ତା ଦେଇଥିଲା। ସ୍ଥଳ ସେନା ମୁଖ୍ୟ କହିଛନ୍ତି, ଯେକୌଣସି ସାମରିକ ଅଧିକାରୀଙ୍କ ପାଇଁ ସବୁଠାରୁ ବଡ଼ ଆନନ୍ଦର ସମୟ ହେଉଛି ଯେତେବେଳେ ତାଙ୍କ ସେନାବାହିନୀ ତାଙ୍କୁ ସ୍ୱୀକାର କରନ୍ତି ଏବଂ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରନ୍ତି। ଏକ ସଫଳ ଅପରେସନ ପରେ ତାଙ୍କୁ



ଆଲିଙ୍ଗନ କରନ୍ତି। ସେତେବେଳେ କୌଣସି ପଦ କିମ୍ବା ପଦାନୁକ୍ରମ ନଥାଏ। ତାହା ହେଉଛି ସବୁଠାରୁ ସ୍ୱତନ୍ତ୍ର ମୁହୂର୍ତ୍ତ। ଜଣେ ସୈନ୍ୟଙ୍କ ନିକଟରେ ସର୍ବଦା ସମୟ କମ୍ ରହିଥାଏ। ଏହା କେବଳ ତାଙ୍କ ୟୁନିଟ୍ ପାଇଁ ନୁହେଁ, ବରଂ ତାଙ୍କ ପରିବାର ପାଇଁ ମଧ। ଦୁର୍ଗମ ଅଞ୍ଚଳରେ ନିୟୋଜିତ ସୈନ୍ୟ ପ୍ରାୟତଃ ସେମାନଙ୍କର ପରିବାର ସଦସ୍ୟ ଓ ବନ୍ଧୁ ପରିଜନଙ୍କ ବିବାହ ଆଦି ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ପାରନ୍ତି ନାହିଁ। ସେମାନେ ନିଜ ପିଲାଙ୍କ ଜନ୍ମର ସମୟରେ ମଧ ଉପସ୍ଥିତ ହୋଇ ପାରିନଥାନ୍ତି। ଆମେ ଏହାକୁ ସୁଧାରିବା ପାଇଁ କାମ କରୁଛୁ, କିନ୍ତୁ କେତେକ ସମୟରେ ଏହା ଆମ ନିୟନ୍ତ୍ରଣ ବାହାରେ ରହୁଛି।

## ଫତେହ-୪ ପରୀକ୍ଷା କଲା ପାକିସ୍ତାନ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ପାକିସ୍ତାନ ଫତେହ-୪ ମିସାଇଲ ପରୀକ୍ଷଣ କରିଛି। ଫତେହ ସିରିଜର ଏହା ଚତୁର୍ଥ ମିସାଇଲ। ପରୀକ୍ଷଣ ପରେ ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ, ଏହା ଭାରତର ବ୍ରହ୍ମୋସ ଭଳି ଶକ୍ତିଶାଳୀ। କେବଳ ପାକିସ୍ତାନ ପକ୍ଷରୁ ହିଁ ଏହା କୁହାଯାଇଛି। ଅନ୍ୟ କୌଣସି ଦେଶ ପକ୍ଷରୁ କୁହାଯାଇନାହିଁ ଯେ ଏହା ବ୍ରହ୍ମୋସ ଭଳି ଶକ୍ତିଶାଳୀ।

### ବ୍ରହ୍ମୋସ ସହ ତୁଳନୀୟ ନୁହେଁ

ପାକିସ୍ତାନର ଏହି ଦାବିକୁ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ବୋଲି ମତ ଦେଇଛନ୍ତି। ସେମାନଙ୍କ ମତରେ ଫତେହ-୪ର ବେଗ ମାକ୍ (ଶବ୍ଦର ବେଗ) ଠାରୁ ୦.୭ ଅଧିକ। କିନ୍ତୁ ବ୍ରହ୍ମୋସର ବେଗ ୨.୦୮ ରୁ ୩.୦୦। ଫତେହ-୪ର ରେଞ୍ଜ ୭୫୦ କିମି ଏବଂ ଏହା ୨୦୦-୩୦୦ କିଗ୍ରା ଯୁଦ୍ଧାସ୍ତ୍ର ବହନ କରିପାରିବ। କିନ୍ତୁ ବ୍ରହ୍ମୋସର ରେଞ୍ଜ୍ ୮୦୦ କିମିରୁ ଅଧିକ ଏହା ୪୦୦ କିଗ୍ରାରୁ ଅଧିକ ଯୁଦ୍ଧାସ୍ତ୍ର ବହନ କରିପାରିବ। ଫତେହ-୪ କେବଳ ସ୍ଥଳ ଭାଗରୁ ହିଁ ଲକ୍ଷ୍ୟଭେଦ କରିପାରିବ। କିନ୍ତୁ ବ୍ରହ୍ମୋସ ଜଳ,ସ୍ଥଳ ଓ ଆକାଶରେ ଲକ୍ଷ୍ୟଭେଦ କରିପାରିବ। ଫତେହ-୪ କେବଳ ପରୀକ୍ଷଣ ସ୍ଥଳରେ ହିଁ ରହିଛି, କିନ୍ତୁ ଭାରତର ବ୍ରହ୍ମୋସ ବର୍ଷେ ପୂର୍ବେ ଅପରେସନ ସିନ୍ଦୂରରେ ତା'ର କମାଲ ଦେଖାଇ ସାରିଛି। ବ୍ରହ୍ମୋସ କିଣିବାକୁ ମଧ ବିଭିନ୍ନ ଦେଶ ପକ୍ଷରୁ ପ୍ରକାଶ ପାଉଛି ପ୍ରବଳ ଆଗ୍ରହ।

## ନିଟ୍ ପ୍ରଶ୍ନପତ୍ର ଲିକ୍ : ବଟାନୀ ଅଧାପିକା ଗିରଫ

**ନୂଆଦିଲ୍ଲୀ,୧୬।୫(ନି.ପ୍ର):** ନିଟ୍-ୟୁଜି ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ ଶୁକ୍ରବାର ସିବିଆଇ ରସାୟନ ବିଭାଗ ପ୍ରଫେସର ପି ଭି କୁଲକର୍ଣ୍ଣିକୁ ଗିରଫ କରିଥିଲା। ଶନିବାର ବଟାନୀ ଅଧାପିକା ମନୀଷା ଗୁରୁନାଥ ମନ୍ଧାରେଙ୍କୁ ଗିରଫ କରିଛି।

ପୁନେରୁ ମନୀଷାଙ୍କୁ ବାୟୋଲୋଜି ପ୍ରଶ୍ନ ଲିକ୍ ଅଭିଯୋଗରେ ଗିରଫ କରାଯାଇଛି। ମନୀଷାଙ୍କୁ ବଟାନୀ ଓ ଜୁଲୋଜି ଏକ୍ସପର୍ଟ ଭାବେ ଦାୟିତ୍ୱ ଦେଇଥିଲା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)। ଏକ ସ୍ୱତନ୍ତ୍ର କୋଚିଂ ଜରିଆରେ ମନୀଷା ପରୀକ୍ଷାର୍ଥୀଙ୍କ ମଧରେ ପ୍ରଶ୍ନପତ୍ର ଲିକ୍ କରିଥିଲେ। ପରୀକ୍ଷାର୍ଥୀଙ୍କୁ ସେ ଦେଇଥିବା ଅଧିକାଂଶ ପ୍ରଶ୍ନ ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନ ସହ ମିଶି ଯାଇଥିଲା।

# ସରକାରୀ ଗାଡ଼ିର ରାଇଡ୍ ଶେୟାରିଂ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୬।୫(ନି.ପ୍ର):** ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ଓ ଆର୍ଥିକ ଅନିଶ୍ଚିତକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରୀ ଯାନବାହାନର ସଚେତନ ଏବଂ ସଂଯମୀ ବ୍ୟବହାର ସହ ରାଇଡ୍ ଶେୟାରିଂ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଳ, ବିଶେଷକରି ଇନ୍ଧନ ଏବଂ ଉର୍ଜାର ସୁଚିନ୍ତିତ ଓ ପୋଷଣୀୟ ପରିଚାଳନା ପାଇଁ ଗ୍ରହଣ କରାଯାଇଛି ଏହି ପଦକ୍ଷେପ।

ସରକାରୀ କାର୍ଯ୍ୟକ୍ରମରେ ବିଭିନ୍ନ ବୈଠକ, ପରିଦର୍ଶନ ଓ ଯାଞ୍ଚ୍ ଆଦି ବେଳେ ଅଧିକାରୀ ଏବଂ କର୍ମଚାରୀ ସରକାରୀ ଗାଡ଼ି ଶେୟାର କରିପାରିବେ। ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ କରିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାରେ କୁହାଯାଇଛି ଯେ, ସରକାରୀ ଗାଡ଼ିର ସହଭାଗୀ ବ୍ୟବହାର ନିହାତି ଜରୁରୀ। ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରୁଛନ୍ତି,

### ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ

ବିଶେଷକରି ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଞ୍ଚ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମୟରେ ସେମାନେ ରାଇଡ୍ ଶେୟାରିଂ କରିପାରିବେ। ଏଥିପାଇଁ ସେମାନଙ୍କୁ ପରାମର୍ଶ ଦିଆଯିବା ସହ ଉତ୍ସାହିତ କରାଯାଇଛି।

ଏହାଦ୍ୱାରା ଅନାବଶ୍ୟକ ଇନ୍ଧନ ବ୍ୟୟ ହ୍ରାସ ପାଇବ, ଜାତୀୟ ଶକ୍ତି ସଂରକ୍ଷଣରେ ମଧ ବଡ଼ ସହାୟତା ମିଳିବ। ଏହି ପୁଲିଂ ବ୍ୟବସ୍ଥାର ସମନ୍ୱୟ ଦାୟିତ୍ୱ ବୈଠକ କିମ୍ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ। କାର୍ଯ୍ୟାଳୟ ସମୟ ମଧରେ ମଧ୍ୟାହ୍ନ ଭୋଜନ କିମ୍ବା କୌଣସି ଅଣଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ ଅଳ୍ପ ଦୂରତାକୁ ଯାତ୍ରା ସମୟରେ କିମ୍ବା ବ୍ୟକ୍ତିଗତ ସୁବିଧା ପାଇଁ ସମସ୍ତ ଅଧିକାରୀଙ୍କୁ ସରକାରୀ ଯାନବାହାନ ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଛି। ଅଳ୍ପ ଦୂରତା ସମୟରେ ଅଧିକାରୀମାନେ ପଦଯାତ୍ରାରେ ଯାଇପାରିବେ କିମ୍ବା ସହଭାଗୀ ପରିବହନ ଓ ଅନ୍ୟାନ୍ୟ ପରିବେଶ ଅନୁକୂଳ ବିକଳ୍ପ ଆପଣାଇ ପାରିବେ।

# ଜେକେ ପେପର୍ ମିଲ୍ସକୁ ଗ୍ରୀନଟେକ୍ ସିଏସଆର ଇଣ୍ଡିଆ ଗୋଲ୍ଡ ଆୱାର୍ଡ




ରାୟଗଡ଼ା:୧୬/୫(ନି.ପ୍ର): ରାୟଗଡ଼ା ଜିଲ୍ଲା ଜେକେ କାଗଜ କଳ,ଜେକେପୁର, ତାଙ୍କର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ '' ୱେଲଫେଆର ଅଫ୍ ଦିବ୍ୟାଙ୍ଗସ ବିଭାଗରେ ଗ୍ରୀନଟେକ୍ ସିଏସଆର ଇଣ୍ଡିଆ ଗୋଲ୍ଡ ଅୱାର୍ଡ ୨୦୨୬ ଦ୍ୱାରା ସମ୍ମାନିତ ହୋଇଛି। ଏହି ପୁରସ୍କାରଟି ଗ୍ରୀନଟେକ୍ ସିଏସଆର ଇଣ୍ଡିଆ ଆୱାର୍ଡ୍ ୨୦୨୬ ପକ୍ଷରୁ ମେ ମାସ ୧୩ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଥିଲା। ମାନ୍ୟବର ରାମଦାସ ଅଠାୱାଲେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ରାଜ୍ୟମନ୍ତ୍ରୀ, ''ମୁଖ୍ୟ ଅତିଥି'' ଭାବେ ଉପସ୍ଥିତ ହୋଇ ପୁରସ୍କାର ପ୍ରଦାନ କରିଥିଲେ। ଜେକେ କାଗଜ କଳ ପକ୍ଷରୁ ସ୍ମୃତିରେଖା କର ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ସମ୍ମାନଟି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର କଲ୍ୟାଣ ପାଇଁ ସଂସ୍ଥାର ଉଲ୍ଲେଖନୀୟ ପଦକ୍ଷେପକୁ ସ୍ୱୀକୃତି ଦେଇଛି। ''ନୂତନ ଜ୍ଞାନ ବର୍ଦ୍ଧନୀ'' ନାମକ ଏକ ବିଶେଷ ବିଦ୍ୟାଳୟ, ଯାହା ରାୟଗଡ଼ା ଜିଲ୍ଲାର କୋଲନରାରେ ଅବସ୍ଥିତ, ସେଠାରେ ମନୋବୃତ୍ତିକ ଅସମର୍ଥ ଶିଶୁମାନଙ୍କୁ ଶିକ୍ଷା, ଫିଜିଓଥେରାପି ଏବଂ ସାର୍ବିକ ବ୍ୟକ୍ତିତ୍ୱ ବିକାଶ ସହାୟତା ଦିଆଯାଉଛି। ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଏହାରୁ ଲାଭାନ୍ୱିତ ହେଉଛନ୍ତି। ଏହି ପ୍ରକଳ୍ପଟି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସହଯୋଗରେ ପରିଚାଳିତ ହେଉଛି।ଦିବ୍ୟାଙ୍ଗ ଯୁବମାନଙ୍କ ମଧ୍ୟରେ କ୍ରୀଡା ପ୍ରୋତ୍ସାହନ ପାଇଁ ମଧ୍ୟ ସଂସ୍ଥା ବିଭିନ୍ନ ପଦକ୍ଷେପ ନେଇଛି। ବିଶେଷକରି ପ୍ରତିଭାଶାଳୀ ପାରା–ଖେଳାଳି ଏଲ୍. ରମେଶ କୁମାରଙ୍କୁ ନିରନ୍ତର ସମର୍ଥନ ଯୋଗାଇ ଆସୁଛି। ସେ ଜାପାନ, ମାଲେସିଆ ଓ ଶ୍ରୀଲଙ୍କା ଭଳି ଦେଶରେ ଆୟୋଜିତ କାରାଟେ, କୁଙ୍ଗଫୁ ଓ ତାଇକ୍ୱାଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। କଳା ବେଲ୍ଟ ଧାରୀ ଏଲ୍.ରମେଶ କୁମାର ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସୁନା, ରୁପା ଓ କାଞ୍ଚ ପଦକ ଜିତି ରାୟଗଡ଼ା ଓ ସଂସ୍ଥାର ଗର୍ବ ବଢ଼ାଇଛନ୍ତି। ତାଙ୍କର ଏହି ଯାତ୍ରାରେ ଜେକେ ପେପର୍? ମିଲ୍ସ ଆର୍ଥିକ ସହାୟତା ଯୋଗାଇ ଆସୁଛି। ଏହା ସହିତ, ଜିଲ୍ଲା ସ୍ତରର ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ବିଭିନ୍ନ ପାରା–ସ୍ପୋର୍ଟସ୍ ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ସମଗ୍ର ସହଯୋଗ ମଧ୍ୟ ଯୋଗାଇ ଦିଆ ଯାଉଛି, ଯାହା ତାଙ୍କର ଆତ୍ମବିଶ୍ୱାସ ଓ ସାମାଜିକ ସମାବେଶକୁ ବଢ଼ାଇଛି। ଏହି ପ୍ରୟାସମାନେ ପାର୍ଶ୍ୱବର୍ତୀ ଗ୍ରାମମାନଙ୍କର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଜୀବନରେ ଲକ୍ଷଣୀୟ ପରିବର୍ତ୍ତନ ଆଣିଛି। ସିଏସଆର କାର୍ଯ୍ୟକ୍ରମ ଅଧୀନରେ ସଂସ୍ଥା ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ପାଇଁ ଢାଞ୍ଚା ଓ ସଂସ୍କୃତି–କ୍ରୀଡା ପ୍ରଚାରରେ ସକ୍ରିୟ ଭାବେ କାମ କରୁଛି।ଜେକେ ପେପର୍ ମିଲ୍ସ, ରାୟଗଡ଼ା ୟୁନିଟ୍ର ଏକ୍ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ (ୱର୍କ୍ସ) ବିନୟ ଦ୍ୱିବେଦୀ ପିଆର୍ ଓ ସିଏସଆର ଟିମ୍ର ପ୍ରୟାସକୁ ପ୍ରଶଂସା କରି ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ସମାଜ ଉନ୍ନତି ପାଇଁ ଏପରି କାର୍ଯ୍ୟକ୍ରମ ଅବ୍ୟାହତ ରହିବ ।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସଚେତନତା ଅଭିଯାନ




ଭୁବନେଶ୍ୱର,୧୬।୫(ନିପ୍ର): ଭାରତୀୟ ରେଳବାଇ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ବିଷୟବସ୍ତୁକୁ ନେଇ ବିଶ୍ୱ ପରିବେଶ ଦିବସ ଅଭିଯାନ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି ଓ ଜୁନ ୫ ପର୍ଯ୍ୟନ୍ତ ଚାଲିବ। ଏହି ପଦକ୍ଷେପର ଏକ ଅଂଶ ସ୍ୱରୂପ ଯାତ୍ରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବର ଗୁରୁତ ବୁଝାଇବା ପାଇଁ ଖୋର୍ଦ୍ଧା ରୋଡ ମଣ୍ଡଳ ବ୍ୟାପକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛି। ପ୍ରଥମ ଦିନରେ ବିଭିନ୍ନ ରେଳ ଷ୍ଟେସନ, ରେଳବାଇ କଲୋନୀ ଏବଂ ରେଳ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାନର ପ୍ରଦର୍ଶନ ଓ ଯାତ୍ରୀମାନଙ୍କୁ ଲିଫ୍ଲେଟ୍ (ପତ୍ରିକା) ବଣ୍ଟନ ପୂର୍ବକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ନିଜ ପରିବାର ସଦସ୍ୟ, ବନ୍ଧୁ ଏବଂ ସମାଜକୁ ପରିବେଶ ଅନୁକୂଳ ଅଭ୍ୟାସ ପାଇଁ ପ୍ରେରିତ କରିବାକୁ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସଠିକ ନିଷ୍କାସନ, ବର୍ଜ୍ୟବସ୍ତୁ ପୃଥକୀକରଣ ଅଭ୍ୟାସ ବିଷୟରେ କର୍ମଚାରୀଙ୍କୁ ସଚେତନ କରିବା, ଷ୍ଟେସନ ଓ ରେଳବାଇ ପରିସରରେ ସ୍ୱଚ୍ଛତା ଅଭିଯାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟାନର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଷ୍ଟେସନ ଷ୍ଟଲଗୁଡ଼ିକରେ ସ୍ୱତନ୍ତ୍ର ନିରୀକ୍ଷଣ ଅଭିଯାନ ମଧ୍ୟ ଚଲାଯିବ। ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ଓ ଏହାର ନିରାକରଣ ପାଇଁ ଗ୍ରହଣୀୟ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଆଲୋଚନାଚକ୍ର ଆୟୋଜିତ ହେବ। ସେହିପରି କପଡ଼ା ଓ ଝୋଟ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହନ ସହ ଡିଜିଟାଲ୍ ଏବଂ କାଗଜବିହୀନ ଟିକେଟିଂ ବ୍ୟବସ୍ଥାର ପ୍ରଚାର ପାଇଁ ମଧ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅଭିଯାନ ମେକାନିକାଲ୍ ବିଭାଗର ଏନଭାର୍ଣ୍ଣମେଣ୍ଟ ଆଣ୍ଡ ହାଉସକିପିଂ ମ୍ୟାନେଜମେଣ୍ଟ ଶାଖା ଦ୍ୱାରା ପରିଚାଳିତ କରାଯାଉଛି।

# ସୋଆରେ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୧୬।୫(ନିପ୍ର): ଶିକ୍ଷା ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସେଣ୍ଟର ଫର ପ୍ରୋପାଗେସନ୍, ପ୍ରିଜରଭେସନ୍ ଆଣ୍ଡ ରିଷ୍ଟୋରେସନ୍ ଅଫ୍ ଆନ୍ସିଏଣ୍ଟ କଲଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆନ (ପ୍ରାଚୀନ) ଦ୍ୱାରା ଆୟୋଜିତ ସପ୍ତାହ ବ୍ୟାପୀ ଲେଖା ସମ୍ପାଦନା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିଳାଲେଖ ବିଶାରଦ ଓ ପ୍ରାଚୀନ ଲିପି ଗବେଷକ ଡ. ସୁବ୍ରତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ଭାରତର ଅସରନ୍ତି ସାହିତ୍ୟ ଭଣ୍ଡାର ବିଶେଷ ଭାବେ ସଂସ୍କୃତରେ ଲିଖିତ ପୋଥିଗୁଡ଼ିକ ଉପରେ ଗବେଷଣା ହେବା ଆବଶ୍ୟକ। ଏପର୍ଯ୍ୟନ୍ତ ଏହି ସାହିତ୍ୟ ନିଧିର ମାତ୍ର ୨୦ ପ୍ରତିଶତର ସଂପାଦନା ହୋଇପାରିଛି। ଉକ୍ତ କର୍ମଶାଳାରେ ୪୧ ଜଣ ଗବେଷକ ଯୋଗ ଦେଇଛନ୍ତି। ସେମାନଙ୍କୁ ପ୍ରାଚୀନର ୪ ବିଶେଷଜ୍ଞ ପ୍ରଫେସର ଜଗନ୍ନାଥ ଦାସ, ପ୍ରଫେସର ଗୌରାଙ୍ଗ ଚରଣ ଦାସ, ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।



ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଡ. ଆଚାର୍ଯ୍ୟ କହିଥିଲେ, ଭାଷାବିତ ସାର ଉଇଲିୟମ ଜୋନସ୍ ଚାର୍ଲସ ଉଇଲକିନସ ସହାୟତାରେ ଭାରତରେ ପୁରାତନ ପୋଥି ଓ ଶିଳାଲେଖ ସଂଗ୍ରହ କରିବାକୁ ଆରମ୍ଭ କରିଥିଲେ। ପୋଥି ସଂଗ୍ରହ ପାଇଁ ୧୭୮୪ ମସିହାରେ ସାର ଜୋନସ କୋଲକାତାରେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ ସ୍ଥାପନ କରିଥିଲେ। ୧୮୦୮ ବେଳକୁ ସାର ଜୋନସ୍ ଓ ଉଇଲକିନସ କାଳିଦାସଙ୍କ ଶକୁନ୍ତଳା କାବ୍ୟକୁ ଇଂରାଜୀରେ ଅନୁବାଦ କରିଥିଲେ। ଜର୍ମାନୀର ବିଶାରଦମାନେ ମଧ୍ୟ ଭାରତର ସାହିତ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ପ୍ରଫେସର ପଣ୍ଡା ପ୍ରାଚୀନ ଦ୍ୱାରା ସାରଳା ଦାସଙ୍କ ମହାଭାରତର ସମ୍ପାଦନା ସହିତ ୭ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ପୋଥିର ପୃଷ୍ଠାକୁ ଡିଜିଟାଲାଇଜ୍ଡ କରାଯାଇଥିବା ପ୍ରକାଶ କରିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ଦାସ ଦ୍ୱିତୀୟ ଥର ଏପରି ଲେଖା ସମ୍ପାଦନା ଉପରେ କର୍ମଶାଳା ଆୟୋଜିତ ହୋଇଥିବା କହିଥିଲେ।

# ଟିପିସିଓଡିଏଲର ଭେଣ୍ଡର ସମ୍ମିଳନୀ



ଭୁବନେଶ୍ୱର,୧୬।୫(ନିପ୍ର): ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାରେ ତାଲିକାଭୁକ୍ତ ଭେଣ୍ଡରମାନଙ୍କ ସହ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ନିଜର ସେବାଯୋଗାଣ ଅଞ୍ଚଳରେ ରୁଫ୍‌ଟପ୍ ସୌର ଶକ୍ତି ବ୍ୟବହାରକୁ ବୃଦ୍ଧି କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଏକ ଭେଣ୍ଡର ସମ୍ମିଳନୀ ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ୨୦୨୬ ମେ ମାସକୁ ମନ୍ଥ ଅଫ୍ ସୋଲାର ଭାବେ ପାଳନ କରାଯିବ। ଅବସରରେ ଟିପିସିଓଡିଏଲ୍ ଉପଭୋକ୍ତା ସଚେତନତା ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ହାତକୁ ନେଉଛି। ଉକ୍ତ ସମ୍ମିଳନୀରେ ସମଗ୍ର ଅଞ୍ଚଳରୁ ତାଲିକାଭୁକ୍ତ ୨୫୦ ଭେଣ୍ଡର ଏକତ୍ରିତ ହୋଇଥିଲେ। ଏହି ଆଲୋଚନାଚକ୍ରରେ ସେବା ଗୁଣବତ୍ତାର ଉଚ୍ଚମାନ ବଜାୟ ରଖିବା ଏବଂ ସଠିକ୍ ସମୟରେ ସୋଲାର ସ୍ଥାପନ ଶେଷ କରିବାକୁ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହାସହ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ କରାଯାଇଥିବା ନୂତନ ପରିବର୍ତ୍ତନଗୁଡ଼ିକ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି ଅବସରରେ ଟିପିସିଓଡିଏଲ୍ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ମାଧ୍ୟମରେ ଅକ୍ଷୟ ଶକ୍ତିର ବ୍ୟବହାରକୁ ବିସ୍ତାର କରିବା ପାଇଁ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ। ଉପଭୋକ୍ତାମାନଙ୍କୁ ଏହି ପଦକ୍ଷେପରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଓ ବିଦ୍ୟୁତ୍ ଖର୍ଚ୍ଚ ଯଥେଷ୍ଟ ହ୍ରାସ କରିବା ସହିତ ଶସ୍ତା, ଦୀର୍ଘସ୍ଥାୟୀ ଏବଂ ପରିବେଶ ଅନୁକୂଳ ଶକ୍ତି ସମାଧାନର ଲାଭ ଉଠାଇବା ପାଇଁ ରୁଫ୍‌ଟପ୍ ସୋଲାର ସିଷ୍ଟମ ଆପଣାଇବାକୁ ନିବେଦନ କରୁଛୁ।

# ଗ୍ରାମୀଣ ଲାଞ୍ଜିଗଡ଼ରେ ସ୍ୱାସ୍ଥ୍ୟସେବାକୁ ବିସ୍ତାର କରିଛି ଏମ୍ଏସ୍ଜେକେ ହସ୍ପିଟାଲ



ଭୁବନେଶ୍ୱର,୧୬।୫(ନିପ୍ର): କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳରେ ଚିକିତ୍ସା ସେବା ପରିବର୍ତ୍ତନର କେନ୍ଦ୍ରରେ ମା ସନ୍ତୋଷୀ ଜନକଲ୍ୟାଣ (ଏମ୍ଏସ୍ଜେକେ) ହସ୍ପିଟାଲ ଅଛି। ଯାହା ଲାଞ୍ଜିଗଡ଼ ଏବଂ ଆଖପାଖ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ସହାୟତା କେନ୍ଦ୍ର ଭାବରେ ଉଭା ହୋଇଛି। ବର୍ଷ ବର୍ଷ ଧରି ଏହି ଅଞ୍ଚଳର ଲୋକଙ୍କୁ ଚିକିତ୍ସା ସୁବିଧା ପାଇବା ପାଇଁ ଦୀର୍ଘ ବାଟ ଯାତ୍ରା କରିବାକୁ ପଡୁଥିଲା। ଏହାଦ୍ୱାରା ଗର୍ଭବତୀ, ପିଲା, ବୃଦ୍ଧ, ମ୍ୟାଲେରିଆ ଓ ଫାଇଲେରିଆରେ ପୀଡିତ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଥିଲା। ଏମ୍ଏସ୍ଜେକେ ହସ୍ପିଟାଲ ୨୦୦୦ ମସିହାରେ ୪ଟି ଗ୍ରାମ ପଞ୍ଚାୟତର ୭୦ ଗାଁରେ ପ୍ରାୟ ୮,୦୦୦ ଲୋକଙ୍କୁ ସେବା ଯୋଗାଇବା ପାଇଁ ପ୍ରତିଷ୍ଠିତ ହୋଇଥିଲା। ୨୦୧୪ରେ ବେଦାନ୍ତ ହସ୍ପିଟାଲ ସହିତ ସହଭାଗୀ ହେବା ପରେଏହାର ପ୍ରସାର ଯଥେଷ୍ଟ ବୃଦ୍ଧି ପାଇଥିଲା। କାନୀ ସହାୟତାରେ ଏମଏସଜେକେ ହସ୍ପିଟାଲ ଏବେ ୧୨ ପଂଚାୟତର ୧୨୦ ଗ୍ରାମରେ ଚିକିତ୍ସା ସେବା ଯୋଗାଇ ଦେଉଛି। ଯାହା ଦ୍ୱାରା ବାର୍ଷିକ ପ୍ରାୟ ୨୦,୬୫୪ ଜଣ ଲୋକ ଉପକୃତ ହେଉଛନ୍ତି। ଏହି ହସ୍ପିଟାଲ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଚିକିତ୍ସା ସେବାକୁ ଉନ୍ନତ କରିଛି।

ଲାଞ୍ଜିଗଡ଼ରୁ ପ୍ରାୟ ୨୫ କିମି ଦୂର ବାଙ୍କାଗୁଡ଼ାରେ ଉନ୍ନତ ଚିକିତ୍ସା ସୁବିଧା ମିଳୁଛି। ପୂର୍ବରୁ ବିପଦରେ ଥିବା ଗର୍ଭବତୀ ମହିଳାମାନେ ଏବେ ହସ୍ପିଟାଲରେ ବିଶେଷଜ୍ଞ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ପିଲାମାନେ ନିୟମିତ ଟୀକାକରଣ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ପାଉଛନ୍ତି। ମ୍ୟାଲେରିଆ, ଡାଇରିଆ, ସିକଲ୍ ସେଲ୍ ଆନିମିଆ ଆଦିରେ ପୀଡିତ ରୋଗୀମାନେ ଘର ପାଖରେ ଚିକିତ୍ସା ସୁବିଧା ପାଉଛନ୍ତି। ଏମ୍ଏସ୍ଜେକେ ହସ୍ପିଟାଲ ଏହି ଅଂଚଳ ପାଇଁ ଆଶୀର୍ବାଦ ହୋଇଛି ବୋଲି ଲାଞ୍ଜିଗଡ଼ ବାସିନ୍ଦା ଭାରତ ମାଝୀ କହିଛନ୍ତି। ବେଦାନ୍ତର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ବିଶେଷଜ୍ଞ ଡାକ୍ତର ଏବଂ ନର୍ସମାନେ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ରୋଗ ଚିହ୍ନଟରେ ସାହାଯ୍ୟ କରୁଛନ୍ତି।

## ମେଧାବୃତ୍ତି ପରୀକ୍ଷାରେ ବ୍ଲକର ୧୪ ସଫଳ ଛାତ୍ରଛାତ୍ରୀ

ଠାକୁରମୁଣ୍ଡା,୧୬୫/(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ୧୪ ଜଣ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ହୋଇ ବ୍ଲକ ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି।ଜଡିବିଲ ଉଚ୍ଚ ବିଦ୍ୟାଳୟ ୨୦୨୫–୨୬ ଶିକ୍ଷା ବର୍ଷ ଅଷ୍ଟମ ଶ୍ରେଣୀର ପାଞ୍ଚ (୦୫)ଜଣ ଛାତ୍ର ମୋହିତ ପାତ୍ର, ଉଦୟ ମାଝୀ,ରିତେଶ କୁମାର ହାଁସଦା,ବାବୁସାନ ସାମାଡ,ସାୱାନ ଜଜ ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି () ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ଓ ପିତା ମାତାଙ୍କର ମାନ ସମ୍ମାନ ତଥା ଗୌରବକୁ ବଢ଼ାଇଛନ୍ତି।ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ୬ ଜଣ ବାଳିକା ସଫଳ ହୋଇଛନ୍ତି।ସ୍ମୃତିରେଖା ମହାନ୍ତ, ଅନୁସ୍ମିତା ମହାନ୍ତ, ଶୁଭଶ୍ରୀ ସଂଗୀତା ମହାନ୍ତ, ଆଦ୍ୟାଶା ନାଏକ, ଚାନ୍ଦ୍ରମଣୀ ପୂର୍ତ୍ତି ଓ ସ୍ୱାତୀ ସୁଲଗ୍ନା ନାଏକ ସଫଳ ହୋଇ ବିଦ୍ୟାଳୟ ପାଇଁ କୃତିତ୍ୱ ଆଣିଛନ୍ତି।

# ରଥଯାତ୍ରା କମିଟିର ନୂତନ ଅଧ୍ୟକ୍ଷ ସାଂସଦ ନବ ଚରଣ ମାଝୀ



ରାଇରଙ୍ଗପୁର,୧୬/୦୫ (ନିପ୍ର):ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ରାଇରଙ୍ଗପୁର ରଥଯାତ୍ରା କମିଟିର ବୈଠକ ନବ ନିଯୁକ୍ତ ଉପଜିଲ୍ଲାପାଳ ତଥା ଦେବୋତ୍ତର କମିଟିର ଅଧ୍ୟକ୍ଷ ଉଗ୍ରସେନ ଓରାମଙ୍କ ସଭାପତିତ୍ୱରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ମନ୍ଦିରର ଉନ୍ନତିକରଣ,ଯାତ୍ରିନିବାସ ସମ୍ମୁଖରେ ଥିବା ଜଗନ୍ନାଥ ମନ୍ଦିର ଜାଗାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ,ଏବଂ ମନ୍ଦିର ଓ ରଥଯାତ୍ରା ସମ୍ବନ୍ଧୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା ।ତଦସହ ଗତବର୍ଷ ରଥଯାତ୍ରାରେ ଆୟବ୍ୟୟ ଅଟକଳ ର ହିସାବ ରଥ କମିଟି ପ୍ରଦାନ କରିଥିଲା ।ଗତବର୍ଷର ବଳକା ୮ ଲକ୍ଷ ୫୮ ହଜାର ଟଙ୍କା ମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯାଇଥିଲା । ପରେ ଚଳିତ ବର୍ଷ ପାଇଁ ରଥଯାତ୍ରା କମିଟିର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମୟୂରଭଂଜ ସାଂସଦ ନବ ଚରଣ ମାଝୀଙ୍କୁ ମନୋନିତ କରାଯାଇଥିଲା । ସାଂସଦ ନବ ଚରଣ ମାଝୀ କହିଥିଲେ ତାଙ୍କୁ ଯେଉଁ ଆଧ୍ୟାତମିକ କର୍ମ ପରିଚାଳନା ପାଇଁ ଗୁରୁ ଦାୟିତ୍ୱ ଦିଆଯାଇଛି ତାକୁ ନିଷ୍ଠାର ସହ ତୁଲାଇବେ ଏବଂ ସେଥିପାଇଁ ଦେବୋତ୍ତର କମିଟି ଓ ରଥ କମିଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ ।

# ପୁଣି ମାତିଲେ ଚୋର ବାରଣ୍ଡାରୁ ନେଇଗଲେ ବାଇକ୍



ଲକ୍ଷ୍ମୀପୁର, ୧୬।୫(ନିପ୍ର): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଅଞ୍ଚଳରେ ପୁଣି ଚୋରଙ୍କ ଉପଦ୍ରବ ଘଟିଛି। ପୂର୍ବରୁ ତାଲା ପଡ଼ିଥିବା ଘରକୁ ଟାର୍ଗେଟ କରି ଲୁଟପାଟ କରୁଥିବା ଚୋରମାନେ ଏବେ ଘର ବାରଣ୍ଡାରେ ରଖାଯାଇଥିବା ଦୁଇଚକିଆ ଯାନକୁ ନିଶାନା କରୁଛନ୍ତି। ସୂଚନା ଅନୁଯାୟୀ, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟଙ୍କ ମୋଟରସାଇକେଲକୁ ଦୁର୍ବୃତ୍ତମାନେ ଘର ପିଣ୍ଡାରୁ ଉଠାଇ ନେଇଥିଲେ। କିନ୍ତୁ ହ୍ୟାଣ୍ଡେଲ ଲକ୍ ନ ଖୋଲିବାରୁ କିଛି ଦୂରରେ ଛାଡ଼ି ପଳାଇଥିଲେ। କିନ୍ତୁ ସେହି ସମୟରେ ନିକଟସ୍ଥ ନୂଆସାହିରେ ରହୁଥିବା ବ୍ୟବସାୟୀ ରଶ୍ମିରଞ୍ଜନ ନାୟକଙ୍କ ବାଇକ୍କୁ ନେଇ ଫେରାର ହୋଇଯାଇଛନ୍ତି। ଦୁହେଁ ଏନେଇ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଛନ୍ତି। ବ୍ୟବସାୟୀଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧି ମୋଟରସାଇକେଲ ନେଇ ପଳାଉଥିବା ଦୃଶ୍ୟ କଏଦ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଥିବା ବେଳେ ଚୋରମାନଙ୍କୁ କେବେ ଗିରଫ କରାଯିବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ଲକ୍ଷ୍ମୀପୁର ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଚାଲିଥିଲେ ମଧ୍ୟ ଲଗାତାର ଚୋରି ହେଉଥିବାରୁ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି।

# କାଳ ବୈଶାଖୀ ତାଣ୍ଡବ ଭାଙ୍ଗିଲା ଘର, ଉଡ଼ିଲା ଛପର

କୋରାପୁଟ,୧୬।୫(ନି ପ୍ର): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତରେ ଶନିବାର ଅପରାହ୍ନରେ କାଳ ବୈଶାଖୀର ପ୍ରଭାବରେ ଦୁଇଟି ଘର ନଷ୍ଟ ହୋଇଛି। ଖୁଡା ଗ୍ରାମର ପର୍ଶୁରାମ ହନ୍ତାଳଙ୍କ ଘର ଉପର ଆଜବେଷ୍ଟ ଉଡ଼ି ଭାଙ୍ଗି ନଷ୍ଟ ହୋଇଥିବା ବେଳେ କୁଡୁବ ଗ୍ରାମର ମାଳତୀ ବୁରୁଡିଙ୍କ ଘର ପାର୍ଶ୍ୱରେ ଥିବା ଗଛ ଭାଙ୍ଗି ପଡ଼ିବାରୁ ଘର ଭାଙ୍ଗି ନଷ୍ଟ ହୋଇଛି। ଫଳରେ ଦୁଇଟି ପରିବାର ବର୍ତ୍ତମାନ ପରଘର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି । ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଓ ପଞ୍ଚାୟତ ପ୍ରତିନିଧି ଅନୁରୋଧ କରିଛନ୍ତି। ନନ୍ଦପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଦୁର୍ଗା ପ୍ରସାଦ ଦୋରା ରାଜସ୍ବ ନିରୀକ୍ଷକଙ୍କୁ ତ୍ୱରିତ ସହାୟତା ସ୍ୱରୂପ ପଲିଥିନ୍? ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ତଦନ୍ତ କରି କ୍ଷୟକ୍ଷତିର ଆକଳନ ରିପୋର୍ଟ ଦେବା ପରେ ଘରଭଙ୍ଗା ସହାୟତା ପ୍ରଦାନ କରିବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି।



# ସେଞ୍ଚୁରିଆନ୍ ୟୁନିଭର୍ସିଟି ପକ୍ଷରୁ ଡେଙ୍ଗୁ ସଚେତନତା




ରାୟଗଡା: ୧୬/୫ (ନି.ପ୍ର) : ଜାତୀୟ ଡେଙ୍ଗୁ ଦିବସ ଅବସରରେ ସେଞ୍ଚୁରିଅନ ୟୁନିଭର୍ସିଟି ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେଣ୍ଟ ର ରାୟଗଡା କ୍ୟାମ୍ପସ ସ୍ଥିତ ନର୍ସିଙ୍ଗ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ରାୟଗଡାର ମହିଳା ମେଡିସିନ ୱାର୍ଡରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ''ଏକତ୍ର ହୋଇ , କାର୍ଯ୍ୟ କର, ଡେଙ୍ଗୁ ଦୂର କର'' ବିଷୟବସ୍ତୁ କୁ ଆଧାର କରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏହି ଅବସରରେ ନର୍ସିଙ୍ଗ ଅଧ୍ୟାପକ ଓ ଚତୁର୍ଥ ସେମେଷ୍ଟର ବି.ଏସ୍?.ସି ନର୍ସିଙ୍ଗ ଛାତ୍ରଛାତ୍ରୀମାନେ ''ଡେଙ୍ଗୁ ସଚେତନତା ଦୂତ'' ଭାବେ ପ୍ରାୟ ୩୬ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ସଚେତନ କରିଥିଲେ। ସେମାନେ ଡେଙ୍ଗୁର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ପରିବେଶ ସ୍ୱଚ୍ଛତା, ମଶା ପ୍ରଜନନ ସ୍ଥଳ ନିରାକରଣ ଓ ଡେଙ୍ଗୁ ସମ୍ପର୍କିତ ଭ୍ରାନ୍ତିଧାରଣା ଦୂର କରିବା ଉପରେ ସଚେତନତା ସୃଷ୍ଟି କରିଥିଲେ।ଡିଏଚଏଚର ମେଡିକାଲ ଅଫିସର, ନର୍ସିଙ୍ଗ ଇନ୍‌ଚାର୍ଜ ଓ ନର୍ସିଙ୍ଗ ଅଫିସରମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ସମୁଦାୟ ଭିତ୍ତିକ ମଶା ନିୟନ୍ତ୍ରଣ ଓ ସମୟୋପଯୁକ୍ତ ଚିକିତ୍ସା ହିଁ ଡେଙ୍ଗୁ ପ୍ରତିରୋଧର ମୁଖ୍ୟ ଉପାୟ ବୋଲି ଏହି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିଲା।

# ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମୀକ୍ଷା ବୈଠକରେ ଯୋଗଦାନ



ରାୟଗଡ଼ା:୧୬/୫(ନି.ପ୍ର):ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାୟଗଡ଼ା ଗସ୍ତ କରି ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ।ରାୟଗଡ଼ା ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ମାନେ ନିଜ ନିଜର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକ ପାତ କରିଥିଲେ। ରାୟଗଡ଼ା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲ୍‌କର୍ଣ୍ଣି ରାୟଗଡ଼ା ଜିଲ୍ଲାର ସମସ୍ତ ତଥ୍ୟ ବିଶଦ୍ ଭାବରେ ବର୍ଣ୍ଣନା କରିଥିଲେ। ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ରାୟଗଡ଼ା ଜିଲ୍ଲାର ଉନ୍ନୟନ କାର୍ଯ୍ୟ ବିଷୟରେ ଅବଗତ ହେଲା ପରେ ଅତୀବ ଖୁସି ବ୍ୟକ୍ତ କରିଥିଲେ। ଏବଂ କହିଥିଲେ ରାୟଗଡ଼ାର ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ସମସ୍ତଙ୍କର ଇଚ୍ଛା ଶକ୍ତି ଦରକାର। ସେ ବାରମ୍ବାର ରାୟଗଡ଼ା ଜିଲ୍ଲା ଗସ୍ତ କରି ଲୋକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ।ଜିଲ୍ଲାର ଶିକ୍ଷା, ଗ୍ରାମ୍ୟ ଉନ୍ନୟନ , ପୂର୍ତ୍ତ, ପାନୀୟଜଳ, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗର ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ରାଜସ୍ବ, ଜିଲ୍ଲା ଉନ୍ନୟନ ଅଧିକାରୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଣ୍ଠଶିଳ୍ପୀ ପ୍ରୀତିନନ୍ଦା ରାଉତରାୟ ସମ୍ବର୍ଦ୍ଧିତ



କୁଜଙ୍ଗ,୧୬/୫(ନିପ୍ର) ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କ ସୁକନ୍ୟା ପ୍ରୀତିନନ୍ଦା ରାଉତରାୟଙ୍କୁ କମ୍ୟୁନିଷ୍ଟ ନେତା କମ୍ରେଡ ଲୋକନାଥ ଚୌଧୁରୀଙ୍କ ୨୩ତମ ଶ୍ରାଦ୍ଧ ଉତ୍ସବ ଅବସରରେ ଲୋକନାଥ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ସ୍ମୃତି ସଭାରେ ଶ୍ରେଷ୍ଠ କଣ୍ଠ ଶିଳ୍ପୀ ଭାବରେଲୋକନାଥ ସ୍ମୃତି ସମ୍ମାନପ୍ରଦାନ କରାଯାଇଛି ଏହିସଭାର ସଭାପତିତ୍ୱ କରିଥିଲେ କମ୍ରେଡ଼ ଶଶୀଭୂଷଣ ସ୍ୱାଇଁ , ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ଇ,ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ବାଲିକୁଦା, ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ପ୍ରମୁଖ ପ୍ରୀତିନନ୍ଦା ରାଉତରାୟଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ପରେ ପରେ ଏହି ସମ୍ବର୍ଦ୍ଧନାର ଯୋଗ୍ୟତାକୁ ସାରସ୍ୱତ ମହାମଞ୍ଚ ସଭାପତି ପଣ୍ଡିତ ନାଗୁ ଚରଣ ଦେବତା,ସମ୍ପାଦକ ପ୍ରଶାନ୍ତ କୁମାର ସେଠୀ, ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ଡ଼ଃ ବସନ୍ତ ମଞ୍ଜରୀ ଦାସ,ସମ୍ବାଦ ସାହିତ୍ୟଘର ସଭାପତି ମହେଶ୍ୱର ସ୍ୱାଇଁ,ଆଞ୍ଚଳିକ ପୂଜ୍ୟ ପୂଜା ଅଧ୍ୟକ୍ଷ ଯଯାତି କେଶରୀ ସାମନ୍ତରାୟ, ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ଡ଼ଃ ସଞ୍ଜୟ କୁମାର ବିଶ୍ୱାଳ,ଡକ୍ଟର ବିରନାରାୟଣ ପାତ୍ର, ଅରୂପାନନ୍ଦ ସ୍ୱାଇଁ,ହେମନ୍ତ କୁମାର ନାୟକ ପ୍ରମୁଖ ଉଚ୍ଚ ପ୍ରଶଂସା କରିଥିଲେ

# ନୂଆ ଖଜୁରିଆ ଯାତ୍ରାରେ ଗଣ୍ଡଗୋଳ, ଜଣେ ଗିରଫ

ବ୍ରହ୍ମପୁର, ୧୬।୫(ନିପ୍ର): ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ନୂଆ ଖଜୁରିଆ ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିବା ସମୟରେ ନିଶା କାରବାରକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି । ନିଶା କାରବାରକୁ ବିରୋଧ କରିବାରୁ ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି । ଏନେଇ ଅଭିଯୋଗ ପରେ ପୋଲିସ ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲୁଥିବା ବେଳେ ଅଭିଯୁକ୍ତ ସୁରେନ୍ଦ୍ର ପ୍ରଧାନ ସେଠାରେ ମଦ, ଗଞ୍ଜେଇ ଓ ନିଶାଦ୍ରବ୍ୟ ବିକ୍ରି କରୁଥିଲେ । ଏହାକୁ ଗ୍ରାମର ଶ୍ରୀକାନ୍ତ ସାବତ ଏବଂ ତାଙ୍କ ବନ୍ଧୁ ଦିଲ୍ଲୀପ ଖୁଣ୍ଟିଆ ବିରୋଧ କରିଥିଲେ । ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା ।

# ଶ୍ୱଶୁର ଘର ଗାଁରୁ ଜ୍ୱାଇଁର ମୃତଦେହ ଉଦ୍ଧାର ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ଘେରରେ

ରାଇରଙ୍ଗପୁର/ବହଳଦା, ୧୬/୫ (ନିପ୍ର): ମୟୁରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡଦୁହୁ ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା,। ଶ୍ୱଶୁର ଘର ଗାଁରେ ଆତ୍ମହତ୍ୟା କରିଛି ଜ୍ୱାଇଁ। ମୃତକ ହେଲେ ରାଇରଙ୍ଗପୁର,ପୌରାଞ୍ଚଳ ଅନ୍ତର୍ଗତ ଇଟିଣ୍ଡା ଗ୍ରାମର ରେହମାତ ହୁସେନ (୩୮), ପିତା ସେକ ସୁଲତାନ। ସୂଚନା ଅନୁସାରେ ରେହମାତ ହୁସେନ ବଡଦୁହୁ ଗ୍ରାମରୁ ବିବାହ କରିଥିବାବେଳେ ସେ ଶ୍ୱଶୁର ଘରେ ହିଁ ରହି ଆସୁଥିଲେ। ତେବେ ସେ ରଜଗାର ଉଦ୍ଦେଶ୍ୟରେ କାମ କରିବାକୁ ପୁଣେକୁ ଯାଇ ଶୁକ୍ରବାର ଦିନ ଫେରିଥିଲେ। ହେଲେ ଶନିବାର ସକାଳରୁ ବଡଦୁହୁ ଗ୍ରାମରୁ ରେଡମ ପଟକୁ ଯାଇଥିବା ରାସ୍ତା କଡର ଏକ ଗଛରେ ବେକରେ ଫାଶ ଲଗାଇ ଝୁଲନ୍ତା ଅବସ୍ଥାରେ ମରି ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମୃତଦେହ ଉଦ୍ଧାର କରିଛି ବହଳଦା ଥାନା ପୁଲିସ। ପ୍ରାଥମିକ ତଦନ୍ତରୁ ପାରିବାରିକ ଅଶାନ୍ତି କାରଣରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଘଟଣାର ଅଧିକ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣା ପଡିବ ବୋଲି ବହଳଦା ଥାନା ପୁଲିସ ସୂଚନା ଦେଇଛି। ଏନେଇ ବହଳଦା ଥାନାରେ କେସ ନଂ ୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବହଳଦା ଥାନା ପୁଲିସ।

# କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା 'ଏଆଇ ଫର୍ ଓଡ଼ିଶା' ଅଭିଯାନ ଉଦ୍‌ଘାଟିତ




ସମ୍ବଲପୁର,୧୬।୫(ନି.ପ୍ର): ସ୍ଥାନୀୟ ଶିଳ୍ପ ଓ ଉଦ୍ୟୋଗୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭିତ୍ତିକ ଦକ୍ଷତା ସହ ଆଗକୁ ନେବା ଲକ୍ଷ୍ୟରେ 'ଆଇଆଇଏମ ସମ୍ବଲପୁର' ଏବଂ 'ଆଇଆଇଏମ ଅହମଦାବାଦ'ର ସହଯୋଗରେ 'ଏଆଇ ଫର୍ ଓଡ଼ିଶା' ଅଭିଯାନର ଶୁଭାରମ୍ଭ ହୋଇଛି।କର୍ମଶାଳାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ୍ ମାଧ୍ୟମରେ ଉଦଘାଟନ କରିଥିଲେ।ଏହି ଅଭିଯାନ ଅଧୀନରେ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଏଆଇ : ସ୍ଥାନୀୟ ବଜାରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଶୀର୍ଷକ ଏକ ବ୍ୟବହାରିକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ୩୫୦ରୁ ଅଧିକ ଶିଳ୍ପ ପ୍ରତିନିଧି, ଏମଏସଏମଇ ଓ ଉଦ୍ୟୋଗୀ ଏହି କର୍ମଶାଳାରେ ଯୋଗଦେଇଥିଲେ।ବ୍ୟବସାୟରେ ସ୍ଥାୟୀ ବିକାଶ, କାର୍ଯ୍ୟକ୍ଷମ ଦକ୍ଷତା ଓ ଜାତୀୟ ସ୍ତରରେ ପ୍ରତିଯୋଗିତାକୁ ଶକ୍ତିଶାଳୀ କରିବାରେ ଏଆଇର ବ୍ୟବହାର କିପରି ଉପକାରୀ ହୋଇ ପାରିବ, ସେଥିପାଇଁ ଉଦ୍ୟୋଗୀ ମାନଙ୍କୁ ସଚେତନ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏଆଇ ଭାରତର ଉଦ୍ୟୋଗୀ ଓ ଏମଏସଏମଇ ଖାତକୁ ନୂତନ ଦିଗ ଦେଉଛି। ଏହା ଉତ୍ପାଦକତା ବୃଦ୍ଧି କରିବା ସହ ଗ୍ରାହକ ପହଞ୍ଚ ବଢ଼ାଇବା ଓ ସ୍ଥାୟୀ ବିକାଶକୁ ସକ୍ଷମ କରୁଛି। ଏଭଳି ପ୍ରୟାସ ଦେଶକୁ ପ୍ରଯୁକ୍ତିନିର୍ଭର ବିକଶିତ ଭାରତ ଗଠନରେ ସହାୟକ ହେବ । ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସ୍ୱାଲ କହିଥିଲେ ଯେ, ଭାରତର ଜିଡିପିରେ ଏମଏସଏମଇର ଯୋଗଦାନ ୩୦ ପ୍ରତିଶତ ଓ କର୍ମସଂସ୍ଥାନ ରେ ଏହାର ଅଂଶୀଦାରିତ୍ୱ ୬୨ ପ୍ରତିଶତ ଥିବାରୁ ଏହା ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଗଣିତ। ଆଗାମୀ ଦିନରେ ଏଆଇ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ପରିବର୍ତ୍ତନକାରୀ ଭୂମିକା ନିଭାଇବ । ଆଇଆଇଏମ ଅହମଦାବାଦର ନିର୍ଦ୍ଦେଶକ ପ୍ରଫେସର ଭରତ ଭାସ୍କର କହିଥିଲେ ଯେ, କର୍ମଶାଳାକୁ ବ୍ୟବହାରିକ ଢଙ୍ଗରେ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ଏମଏସଏମଇଗୁଡ଼ିକ ଦୈନନ୍ଦିନ ବ୍ୟବସାୟରେ ସିଧାସଳଖ ଉପକୃତ ହୋଇପାରିବେ।ଏଆଇ ଟୁଲ୍ସ ସହାୟତାରେ ଗ୍ରାହକ ବିଶ୍ଲେଷଣ, ମାର୍କେଟିଂ ଓ ସପ୍ଲାଇ ଚେନ୍ ପରିଚାଳନାକୁ ଅଧିକ ସହଜ କରାଯାଇପାରିବ। ଆଇଆଇଏମଏ ଭେଞ୍ଚର୍ସର ଫାଉଣ୍ଡର ଲର୍ଣ୍ଣିଂ ଅଙ୍କୁର ସୋହନପାଲ, ଏଆଇ ଫର୍ ଓଡ଼ିଶାର ଇକୋସିଷ୍ଟମ ପାର୍ଟନର ଗୋପାଳ ଶାହ, ଜୋହୋର ଶଙ୍କର ଆରଏନଏସ୍, ମାଇକ୍ରୋସଫ୍ଟର ବିଜନେସ୍ ୟୁନିଟ୍ ହେଡ୍ ଶ୍ରୁତି ବିଜ୍ୱାତ, ବେରିୱାଇଜର ସହ-ପ୍ରତିଷ୍ଠାତା ହର୍ଷିତ ଠାକର ଓ ଭିଜିଟିର ପ୍ରତିଷ୍ଠାତା ଅମୀଷ ଠାକର ପ୍ରମୁଖ ଉପସ୍ଥିତ ଥିଲେ। ମାର୍କେଟିଂ, ଗ୍ରାହକ ପରିଚାଳନା, କାର୍ଯ୍ୟପ୍ରକ୍ରିୟାର ସରଳୀକରଣ ଓ ନିଷ୍ପତ୍ତି ଗ୍ରହଣ ରେ ଏଆଇର ବ୍ୟବହାରିକ ପ୍ରୟୋଗ ଉପରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା।ଛ 'ଏଆଇ ଫର୍ ଓଡ଼ିଶା' ଅଭିଯାନ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ଉଦ୍ୟୋଗୀ ମାନଙ୍କୁ ଡିଜିଟାଲ୍ ଅର୍ଥନୀତି ସହ ଯୋଡ଼ିବା ସହ ନୂତନ ପ୍ରଯୁକ୍ତି ଅପନାଇବାରେ ସହାୟକ ହେବ ବୋଲି ଆୟୋଜକ ମାନେ କହିଛନ୍ତି।

# ସାବିତ୍ରୀ ପୂର୍ବରୁ ଶବ ହୋଇ ଫେରିଲେ ସ୍ୱାମୀ

ବଲାଙ୍ଗୀର,୧୬।୫ (ନି.ପ୍ର): ବିଦ୍ୟୁତ ସଂସ୍ପର୍ଶରେ ଆସି ଦାଦନ ଶ୍ରମିକ ମୃତ। ରାଜ୍ୟ ବାହାରକୁ ଦାଦନ ଖଟିଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ଗୁଜୁରାଟରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ୍ୟୁ ବରଣ କରିଥିବା ଶ୍ରମିକ ହେଲେ ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅନ୍ତର୍ଗତ ଡୁଙ୍ଗୁରୀପାଲି ଗାଁର ବୀରେନ୍ଦ୍ର ଛତ୍ରିଆ। ଗୁଜୁରାଟର ଲିଜୁରା ସ୍ଥିତ ଏକ ମାର୍ବଲ କାରଖାନା ପରିସରରେ କାମ କରୁଥିବାବେଳେ ମେସିନ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଜଳିଯାଇଥିଲେ। ମାର୍ବଲ କମ୍ପାନୀ ଏକ ଆମ୍ବୁଲାନ୍ସରେ ଶବକୁ ନିଜ ଗାଁକୁ ପଠେଇ ଦେଇଛି। ମୃତ୍ୟୁ ବରଣ କରିଥିବା ବୀରେନ୍ଦ୍ର ଗୋଟିଏ ଦିନ ଆଗରୁ ନିଜ ସ୍ତ୍ରୀଙ୍କୁ ଫୋନ୍‌ରେ କହିଥିଲେ ସାବିତ୍ରୀ ବ୍ରତରେ ଘରକୁ ଫେରିବି। ହେଲେ ଅଧୁରା ରହିଲା ସାବିତ୍ରୀ ବ୍ରତ। ବୀରେନ୍ଦ୍ରଙ୍କ ଶବ ଗାଁକୁ ଫେରିଲା ପରେ ଶୋକାକୁଳ ପରିବେଶ ସହ କାନ୍ଦ ବବାଳିରେ ଘର କମ୍ପି ଯାଉଥିଲା। ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତିର ମୃତ୍ୟୁକୁ ସହଜେ ଗ୍ରହଣ କରି ପାରୁନାହାନ୍ତି ଗ୍ରାମବାସୀ। ଝକୁନି କୁନି ପୁଅ-ଝିଅ ସହ ବୃଦ୍ଧ ପିତା ମାତାଙ୍କ ମନ। କାନ୍ଦ ରେ ଆହୁରି ଶୋକାକୁଳ ପରିବେଶ ସହ ସମସ୍ତଙ୍କ ଆଖିରେ ଲୁହ ଭରି ଯାଇଥିଲା। ଏନେଇ କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଏକ ଡାକ୍ତର ଖାନା କୁ ନେଇ ଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସେଠିକାର ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିବା ପରିବାର ଲୋକଙ୍କ ଠାରୁ ସୂଚନା ମିଳିଛି। ଘରେ ସ୍ତ୍ରୀ ସହ ଦୁଇଟି ପୁଅ ଓ ଜଣେ ଝିଅ ରହିଥିବା ବେଳେ ରାଜ୍ୟ ବାହାରେ ବୀରେନ୍ଦ୍ରଙ୍କ ମୃତ୍ୟୁ ହେବା ଯୋଗୁଁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ତେବେ କାରଖାନା ମାଲିକ ଏକ ଆମ୍ବୁଲାନ୍ସ ସାହାଯ୍ୟରେ ଶବକୁ ଘର କୁ ପଠାଇ ଦେଇଛନ୍ତି। ଏଣୁ ସରକାର ଏହି ଦାଦନ ଶ୍ରମିକଙ୍କ ପାରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସଧାରଣରେ ଦାବି ହେଉଛି।

# ମେଗା ରିଟେଲ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଡିସବର୍ସମେଣ୍ଟ ଓ ଆଉଟ୍‌ରିଚ୍ ଶିବିର




ଭୁବନେଶ୍ୱର, ୧୬।୫ (ନି.ପ୍ର): ଇଣ୍ଡିଆନ୍ ବ୍ୟାଙ୍କ, ଏଫ୍‌ଜିଏମ୍‌ଓ ଭୁବନେଶ୍ୱର ପକ୍ଷରୁ ଓଡିଶା ଏବଂ ଛତିଶଗଡ଼ଠାରେ ଏହାର କାର୍ଯ୍ୟକ୍ଷେତ୍ର ଅନ୍ତର୍ଗତ ଏକ ମେଗା ରିଟେଲ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଡିସବର୍ସମେଣ୍ଟ ଓ ଆଉଟ୍‌ରିଚ୍ ଶିବିର ଆୟୋଜନ କରାଯାଇଥିଲା। ଏହି ଅଭିଯାନଟି ଇଣ୍ଡିଆନ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ (ରିଟେଲ ଆସେଟ୍ ଏବଂ ଏମ୍‌ଏସ୍‌ଏମ୍‌ଇ) ସୁଜୟ ମଲ୍ଲିକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିବାବେଳେ ଏଫ୍‌ଜିଏମ୍‌ଓ ଭୁବନେଶ୍ୱର ନେଟ୍‌ୱର୍କ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଗ୍ରାହକ ଓ ବ୍ୟାଙ୍କ ଅଧିକାରୀମାନେ ଉଭୟ ଫିଜିକାଲ ଓ ଭର୍ଚୁଆଲ ମୋଡ୍‌ରେ ଉପସ୍ଥିତ ଥିଲେ। ଏହି ପଦକ୍ଷେପଟି ବ୍ୟାଙ୍କର ରିଟେଲ୍, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ (ରାମ୍) କ୍ଷେତ୍ରରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବା ସହିତ ଗ୍ରାହକ-କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଶ୍ରୀ ମଲ୍ଲିକ ରିଟେଲ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ସମୟୋପଯୋଗୀ ଏବଂ ସହଜ ଋଣ ସହାୟତା ପ୍ରଦାନ କରିବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିବା ସହିତ ସେହି ଅଞ୍ଚଳର ଆର୍ଥିକ ବିକାଶ ଓ ଉଦ୍ୟୋଗିକତା ସୃଷ୍ଟି ଦିଗରେ ବ୍ୟାଙ୍କର ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଡିଜିଟାଲ ନବୀନତାରେ ଭୂମିକା ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ, ଯାହା ବ୍ୟାଙ୍କିଙ୍ଗ୍ କାର୍ଯ୍ୟକୁ ଅଧିକ କାର୍ଯ୍ୟକ୍ଷମ କରିବା ସହିତ ଗ୍ରାହକ ଅନୁଭବକୁ ଉନ୍ନତ କରୁଛି। ଏହି ଆଉଟ୍‌ରିଚ୍ ଶିବିରକୁ ଗ୍ରାହକ ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ତରଫରୁ ଉତ୍ସାହଜନକ ସମର୍ଥନ ମିଳିଥିଲା ଯାହା ଇଣ୍ଡିଆନ୍ ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଗ୍ରାହକ ସଶକ୍ତିକରଣ ଓ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଲାଙ୍ଗୀର, ୧୬।୫ (ନି.ପ୍ର): ସ୍ୱାମୀଙ୍କ ମଙ୍ଗଳ କାମନା କରି ମହିଳାମାନେ ସାବିତ୍ରୀ ବ୍ରତ କରୁଥିବାବେଳେ ସାବିତ୍ରୀ ବ୍ରତ ଦିନ ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଗୁଡଡ଼ୁଲା ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ସନ୍ଦେହ ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର କରିଛି ସିନ୍ଧେକେଲା ପୋଲିସ। ସାବିତ୍ରୀ ବ୍ରତ ଦିନ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ମହିଳାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଗୁଡଡ଼ୁଲା ଗ୍ରାମର ନବୀନ ରଣା ଗନ୍ଧର୍ଲା ଗ୍ରାମର ସସ୍ମିତା ରଣାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ମହିଳାଙ୍କୁ ମାରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସିନ୍ଧେକେଲା ପୋଲିସ ଓ ସାଇଣ୍ଟିଫିକ ଟିମ ପହଁଚି ତଦନ୍ତ ଆରମ୍ଭ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଯାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ପୋଲିସ ସେ ଦିଗରେ ତଦନ୍ତ କରୁଛି।

# ବ୍ଲକ ଅଧ୍ୟକ୍ଷ କିଶୋରଙ୍କ ବିରୋଧରେ ଅନାସ୍ଥା ଆଣିବ ବିଜେଡି



ନୟାଗଡ଼,୧୬।୫ (ନି.ପ୍ର): ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡି ଛାଡି ବିଜେପିରେ ମିଶିବା ପରେ ନୟାଗଡ଼ରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ତାଙ୍କ ସାଥିରେ ଜଣେବି ସମର୍ଥକ ଯାଇନାହାନ୍ତି। ଭୁବନେଶ୍ୱରରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ କେବଳ ଏକୁଟିଆ ନିଜେ ବିଜେପିରେ ଯୋଗଦାନ କରିଛନ୍ତି। କିଶୋର ବିଜେପିରେ ମିଶିବାକୁ ନେଇ କେତେକ ବିଜେପି କର୍ମୀ ଘୋର ବିରୋଧ କରୁଥିବା କୁହାଯାଉଥିବା ବେଳେ ସବୁ ଦୃଷ୍ଟିକୋଣରୁ ବିଚାର କରି କିଶୋରଙ୍କ ସାଥିରେ ବିଜେପିରେ ମିଶିବାକୁ ମନସ୍ଥ କରିଥିବା କେତେକ ବିଜେଡି ସମର୍ଥକ ଶେଷ ମୁହୂର୍ତ୍ତରେ ପଛଘୁଞ୍ଚା ଦେଇଥିବା ଜଣାପଡ଼ିଛି। ଏକ କାର୍ଯ୍ୟକ୍ରମରେ ସେ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି। ଏହି ସମୟରେ ନୟାଗଡ଼ରେ ବିଜେପି ନେତୃତ୍ୱ ନେଉଥିବା ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମଧ୍ୟ ଉପସ୍ଥିତ ଥିବା ଦେଖାଯାଇଛି। ଆଗାମୀ ଦିନରେ କିଶୋରଙ୍କ ରାଜନୈତିକ ଗତିବିଧି କେମିତି ରହୁଛି ଏହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋରଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେଡି ସମସ୍ତ ରଣନୀତି ପ୍ରସ୍ତୁତ କରିଛି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ବିଧାୟକ ଡ. ଅରୁଣ କୁମାର ସାହୁ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। କିଶୋରଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ପଞ୍ଚାୟତ ସଦସ୍ୟମାନେ ନିଜ ନିଜର ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ ଅନାସ୍ଥା ସମର୍ଥନରେ କରାଯାଇଥିବା ଦସ୍ତଖତ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୪୫ ଜଣ ସଦସ୍ୟ ଦସ୍ତଖତ କରିଥିବା ଜଣାପଡିଛି। ଆସନ୍ତା ସୋମବାର କିଶୋରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରଦାନ କରାଯିବ ବୋଲି ଅନୁମାନ କରାଯାଉଛି। ନୟାଗଡ଼ ବ୍ଲକ୍ରି ୨୯ଟି ପଞ୍ଚାୟତକୁ ନେଇ ଗଠିତ । ଏଣୁ ସମିତି ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇ ମୋଟ ୫୮ ଜଣ ଅଛନ୍ତିଛ ଏତଦବ୍ୟତୀତ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ ମିଶାଇଲେ ମୋଟ ୬୦ଟି ଭୋଟ ହେଉଛି । କିଶୋରଙ୍କୁ ଅନାସ୍ଥାରେ ହଟାଇବା ପାଇଁ ଦୁଇ ତୃତୀୟାଂଶ ଅର୍ଥାତ ମୋଟ ୪୧ ଜଣ ଭୋଟରଙ୍କର ଆବଶ୍ୟକତା ରହିଛି। ଯେହେତୁ ଅନାସ୍ଥା ସପକ୍ଷରେ ୪୫ ଜଣ ସଦସ୍ୟ ଦସ୍ତଖତ କରିଥିବା କୁହାଯାଉଛି, ସେଥିପାଇଁ କିଶୋରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

# ସାବାଡ଼ ହେବେ ବାଲି ମାଫିଆ

ବଲାଙ୍ଗିର,୧୬।୫ (ନି.ପ୍ର): ବଲାଙ୍ଗୀରରେ ଆକ୍ସନ ମୋଡ଼ରେ ଜିଲ୍ଲାପାଳ ଓ ଏସପି। ବିଭିନ୍ନ ବାଲି ଘାଟରେ ମିଳିତ ଚଢ଼ାଉ। ୧୦ ହାଇୱା ସହ ୨ ଜେସିବି ଜବତ ହୋଇଥିବା ନେଇ ସୂଚନା ମିଳିଛି। ତେବେ ବଲାଙ୍ଗିର ସଦରଥାନା, ପୁଇଁନ୍ତଳାଥାନା, ଆଗଲପୁର ଥାନା ସହ ଟିଟିଲାଗଡ ଥାନା ରେ ହାଇା ଜବତ କରାଯାଇଛି। ତେବେ ବର୍ଷ ବର୍ଷ ଧରି ବେଆଇନ ଭାବରେ ବାଲି ମାଫିଆ ନଦୀରୁ ବେଆଇନ ଭାବରେ ବାଲି ଚୋରି କରି ମାଲେମାଲ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଥିଲା। ବଲାଙ୍ଗୀର ଜିଲ୍ଲାରେ ବହୁ ଏଭଳି ବେଆଇନ ବାଲି ଘାଟ ରହିଛି। ହେଲେ ପ୍ରଶାସନିକ ଉଦାସୀନତା ଓ ପୋଲିସ ସହିତ ସଲାସୁତ୍ରା ଯୋଗୁ ଧରା ପଡୁନଥିଲେ ମାଫିଆ। ଏବେ ନିଜେ ଜିଲ୍ଲାପାଳ ଓ ଏସପି ନିଜେ ରେଡ଼ କରିଥିବା ବେଳେ ଆଶା କରାଯାଉଛି ସାବାଡ଼ ହେବେ ବାଲି ମାଫିଆ। ଏନେଇ ଅଧିକ ତଦନ୍ତ ଜାରି ରଖିଛି ପୋଲିସ।

# ଓଲଟିଲା ଅଟୋ, ଚାଳକ ଗୁରୁତର

ଖୁଣ୍ଟା,୧୬।୫(ନି.ପ୍ର): ମୟୂରଭଞ୍ଜ ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ରଙ୍ଗାମାଟିଆ ନିକଟରେ ଆଜି ମଧ୍ୟାହ୍ନରେ ଏକ ମାଲ ବୋଝେଇ ଅଟୋ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିବା ଯୋଗୁଁ ଚାଳକ ଗୁରୁତର ହେବା ସହ ଅଟୋର ସମ୍ମୁଖ ଭାଗ କାଚ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସୂଚନା ମୁତାବକ କପ୍ତିପଦା ଥାନା ଅନ୍ତର୍ଗତ ନୁଦୁଡିହାସ୍ଥିତ କାଠପାଳ ଗ୍ରାମର ଚିନ୍ମୟ ମହାନ୍ତି ଓଡି ୨୨ ଏଡି – ୩୮୮୮ ନମ୍ବର ବିଶିଷ୍ଟ ଡଲା ଅଟୋରେ ଜିଆଇ ତାର ବୋଝେଇ କରି ରେମୁଣାରୁ ନିଜ ଘର କୁ ଫେରୁଥିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ଶାଳ ଗଛରେ ପିଟି ହୋଇ ପାଞ୍ଚ ଫୁଟ ତଳକୁ ଓଲଟି ପଡିଥିଲା। ତେବେ ଚାଳକ ଚିନ୍ମୟ ଆହତ ହୋଇଥିବା ବେଳେ ଅଟୋରେ ବସିଥିବା ତାଙ୍କ ସ୍ତ୍ରୀ ଓ ଏକ ଦୁଇ ବର୍ଷର ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚିନ୍ମୟଙ୍କୁ କୁଆମରା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବା ବେଳେ କୁଆମରା ଫାଣ୍ଡି ପୋଲିସ ଦୁର୍ଘଟଣା ଗ୍ରସ୍ତ ଅଟୋ ଟିକୁ ଜବତ କରି ଫାଣ୍ଡି ରେ ଅଟକ ରଖିଛନ୍ତି।



# ମେଧାବୀ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ସମ୍ବର୍ଦ୍ଧିତ



ଗରଦପୁର, ୧୬।୫ (ନି.ପ୍ର): ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ, ବସନ୍ତପୁର ତରଫରୁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ତେଣ୍ଡାକୁଡା ଫଜଲ୍ ହକ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭ ଲକ୍ଷ୍ମୀ ନାୟକ ଏ୧ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଥିବାରୁ ଏବଂ ଆମ ଅଞ୍ଚଳର ଗୌରବ ଆଣି ଥିବାରୁ ତାଙ୍କୁ ଉତ୍ତରୀୟ ଓ ପୁରସ୍କାର ଦିଆଗଲା। ପରିଚାଳନା ଟ୍ରଷ୍ଟି ଡଃ. ରୁଦ୍ର ମହାନ୍ତି, ପୂର୍ବତନସରପଞ୍ଚ ରବୀନ୍ଦ୍ର ମହାପାତ୍ର, ଚଣ୍ଡି ପ୍ରସାଦ ମହାନ୍ତି, ସ୍ୱରୂପ ମହାନ୍ତି ଅଶ୍ୱିନୀ ରାୟ, ରଂଜିତ ମହାନ୍ତି, ଧିରେନ ମହାରାଜ, ଯଦୁନାଥ ଦାଶ, ସଂଯୁକ୍ତା ବିଶ୍ୱାଳ, କମଲ ମହାନ୍ତି ପ୍ରମୁଖ ସାଇ ମନ୍ଦିରରେ ଉପସ୍ଥିତ ଥିଲେ।

# ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟିତ



କଟକ,୧୬।୫(ନି.ପ୍ର): ବାଲିଯାତ୍ରା ଉପର ପଡ଼ିଆରେ ଆୟୋଜିତ ୧୭ତମ ସାତସାହି କଟକ ନୃତ୍ୟ ଉତ୍ସବକୁ ବିଶିଷ୍ଟ ତନ୍ତ୍ର କାରିଗର ପଦ୍ମଶ୍ରୀ ଶରତ କୁମାର ପାତ୍ର ଉଦଘାଟନ କରି କହିଛନ୍ତି ଯେ ଏହି ଉତ୍ସବ କଳାକୁ ସମ୍ମାନ ଦେବା ସହିତ ସାଂସ୍କୃତିକ ବିଚିତ୍ର ପରିବେଷଣ କରି ବହୁ କଳାକାରଙ୍କ ପ୍ରତିଭାକୁ ସାମ୍ନାକୁ ଆଣୁଛି। ଏହାକୁ ଆୟୋଜନ କରି ଲାଭ ଅର୍ଥ ସାମାଜିକ କାର୍ଯ୍ୟରେ ଲଗାଉଛି ଯାହା ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛି। ସମ୍ମାନୀତ ଅତିଥି ଭାବେ ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟିକା ଇ ସୋଫିଆ ଫିର୍ଦୋଷ, ଡ ପ୍ରଭାତ ରଂଜନ ବିଶ୍ୱାଳ, ଓଡ଼ିଶୀ ନୃତ୍ୟ ଗୁରୁ ଜ୍ୟୋସ୍ନା ରାଣି ସାହୁ, କର୍ପୋରେଟର ଲିଜାରାଣୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ୧୦ ଦିନ ବ୍ୟାପି ଆୟୋଜିତ ଏହି ଉତ୍ସବ କଟକିଆଙ୍କ ପାଇଁ ପ୍ରମୁଖ ମନୋରଂଜନର କେନ୍ଦ୍ର ପାଲଟିବା ସହିତ ଏହାର ଉଦ୍ଦେଶ୍ୟ ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବକୁ ଉଲ୍ଲାସ ସେନ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ମୋନାଲିସା ଓଝା, ରଶ୍ମି ରଂଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସ୍ନେହାଶିଷ ଦାସ, ସୁବାସଶିଷ ଦାସ, ସୁନୀଲ ଦାସ, ସୁଧାକର କୁମାର ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଏଲଆଇସି ଅଫିସରେ ଅଗ୍ନିକାଣ୍ଡ



କଟକ, ୧୬।୫ (ନି.ପ୍ର): ଏଲଆଇସି ଅଫିସରେ ନିଆଁ । କଟକ ମାଛୁଆ ବଜାର ଠାରେ ଥିବା ଅଫିସରେ ଅଗ୍ନିକାଣ୍ଡ । ଖବର ଅନୁଯାୟୀ ରାତି ୧୨ଟା ୧୫ମିନିଟ ସମୟରେ ନିଆଁ ଲାଗିଥିବା ବେଳେ ଆୟତ୍ତ କରିଥିଲା ଅଗ୍ନିଶମବାହିନୀ । ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଫ୍ୟାନରୁ ନିଆଁ କାଗଜପତ୍ର ଉପରେ ପଡ଼ିବାରୁ ସାରା ଅଫିସରରେ ନିଆଁ ଲାଗିଯାଇଥିଲା । ତେବେ ଠିକଣା ସମୟରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ନିଆଁ ତଳ ମହଲାରୁ ଉପର ମହଲାକୁ ବ୍ୟାପିବା ପୂର୍ବରୁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ତଳ ମହଲାରେ ଥିବା ରେକର୍ଡ଼ ପତ୍ର ସହ କିଛି କଂପ୍ୟୁଟର ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି ।

# ପେଟ୍ରୋଲ ପାଇଁ ସାଇକେଲ ଚଲେଇଲେ ମେୟର



କଟକ, ୧୬।୫ (ନି.ପ୍ର): ସାଇକେଲ ଚଲାଇଲେ କଟକ ମେୟର । ଗୋଟିଏ ପଟେ ରାଜ୍ୟରେ ତୈଳ ସଙ୍କଟ ଜାରି ରହିଥିବା ବେଳେ ଆଉ ଗୋଟେ ମେୟରଙ୍କ ସାଇକେଲ ଚଲା ଚର୍ଚ୍ଚା ଜୋର ଧରିଛି । ମେୟର ସୁବାସ ସିଂଙ୍କ ଗଡ଼ଖାଇ ସ୍ଥିତ ସରକାରୀ ବାସଭବନରୁ ସାଇକେଲ ଯୋଗେ ବାହାରି ଚାନ୍ଦିନୀଚୌକ, ହାଇକୋର୍ଟ ଦେଇ ଗଣେଶଘାଟ ସ୍ଥିତ ସିଏମସିର କାଠଯୋଡ଼ି ପେଟ୍ରୋଲ ପମ୍ପ ନିକଟରେ ପହଂଚିଲେ । ମେୟରଙ୍କ ସହ କର୍ପୋରେଟର, ବିଜେଡ଼ି ନେତା ଏବଂ କିଛି ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଏକତ୍ର ହୋଇ ରାସ୍ତାରେ ସାଇକେଲ ଚଳାଇ ଆସିଥିଲେ। ବର୍ତ୍ତମାନ ଯେଉଁପରି ସାରା ଓଡ଼ିଶା ବିଶେଷ କରି କଟକ ଭୁବନେଶ୍ୱରରେ ତୈଳ ସଂକଟ ଜାରି ରହିଛି ତାହାକୁ କିଛି ମାତ୍ରାରେ କମ କରିବା ପାଇଁ ସଚେତନ ମାଧ୍ୟମରେ ମେୟର ଏହି ପଦକ୍ଷେପ ନେଇଛନ୍ତି। ଅତି ଜରୁରୀ କାମ ନ ଥିଲେ ଗାଡ଼ି ନ ନେଇକି ଯିବା ପାଇଁ ମେୟର ଲୋକଙ୍କୁ ନିବେଦନ କରିଛନ୍ତି । ଗୋଟିଏ ପଟେ ମନ୍ତ୍ରୀ ରାଜ୍ୟରେ ପେଟ୍ରୋଲ ଡିଜେଲ ମହଜୁଦ ଥିବା କହୁଥିବା ବେଳେ ବାସ୍ତବରେ ତାହା ଓଲଟା । କଟକ ଏବଂ ଭୁବନେଶ୍ୱରରେ ପେଟ୍ରୋଲ ଟାଙ୍କିରେ ନାହିଁ ନଥିବା ଭିଡ଼ ହେଉଛି । ସଠିକ ସମୟରେ ଆବଶ୍ୟକୀୟ ତେଲ ଯୋଗାଣ କରିଥାନ୍ତେ ତାହା ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା ବୋଲି ମେୟର କହିଛନ୍ତି । ରାଜ୍ୟ ସରକାରଙ୍କ ସଚିବ ପେଟ୍ରୋଲ ପମ୍ପ ସବୁ ବୁଲି ଦେଖନ୍ତୁ ସେ ନିଜେ ଜାଣିପାରିବେ ବୋଲି ସେ କହିଛନ୍ତି । ଏଥିସହିତ ମହାନଗର ନିଗମର ଅଧିକାରୀ ଏବଂ କର୍ମଚାରୀମାନେ ସରକାରୀ ଗାଡ଼ି ସପ୍ତାହକୁ ଥରେ ସୋମବାର ଦିନ ଗାଡ଼ି ବ୍ୟବହାର ନ କରିବାକୁ ମଧ୍ୟ ମେୟର ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍




ଭୁବନେଶ୍ୱର, ୧୬।୫ (ନି.ପ୍ର): ଏମ୍‌ଏସ୍‌ଏମ୍‌ଇଗୁଡିକ ଭାରତୀୟ ଅର୍ଥନୀତିର ପ୍ରମୁଖ ମେରୁଦଣ୍ଡ, ଯାହା ନିଯୁକ୍ତି, ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଅନ୍ତି । ସେମାନଙ୍କ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକତାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଓ ବିଭିନ୍ନ ଆର୍ଥିକ ସଂସ୍ଥାଗୁଡିକ ପକ୍ଷରୁ ବିଭିନ୍ନ ପ୍ରକାରର ଯୋଜନା ଆରମ୍ଭ କରାଯାଇଛି। ଏହି କ୍ରମରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକୁ ସମୟୋଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଲିଙ୍କ୍ ରୋଡ୍‌ସ୍ଥିତ ନିଶାମଣୀ କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ସହାୟକ ନିର୍ଦ୍ଦେଶକ ସୁବାଷ କୁମାର ସାହୁ, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଏସ୍‌ଏସ୍ ମୁର୍ମୁ, ଡିଆଇସି ମହାପ୍ରବନ୍ଧକ ମନୋଜ କୁମାର ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୮୪ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜୀକରଣ, ସିକେୱାଇସି ଓ ରିକେୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା।

# ବେଆଇନ୍ ବାଲିଘାଟ, ପଥର ଖଣି ଉପରେ ଜିଲ୍ଲାପାଳ ଓ ଏସପିଙ୍କ ରାତିଅଧିଆ ଚଢ଼ଉ



ନୟାଗଡ଼,୧୬।୫(ନି.ପ୍ର):ଖଣି ମାଫିଆମାନଙ୍କୁ ସାବାଡ଼ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଦେଇଛି।ଏଥିପାଇଁ ରାତି ଅଧରେ ବିଭିନ୍ନ ସ୍ଥାନରେ ବେଆଇନ୍ ବାଲିଘାଟ ଓ ପଥର ଖଣି ଗୁଡିକରେ ଅଚାନକ ଚଢ଼ଉ କରାଯାଉଛି । ନୟାଗଡ଼ ଜିଲାପାଳ ମଧୁମିତା ରଥ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ପତେଗଡ଼ ଥାନା ଅନ୍ତର୍ଗତ ମାଧପୁର ଓ ପଥରଚକଡ଼ା ବାଲିଖଣି ଅଞ୍ଚଳରେ ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ଏକ ମିଳିତ ଚଢ଼ଉ କରାଯାଇଛି । ଏହି ଚଢ଼ଉ ସମୟରେ ଅବୈଧ ବାଲି ଉତ୍ତୋଳନ ଓ ପରିବହନରେ ଲିପ୍ତ ଥିବା ୪ଟି ହାଇୱା, ୨ଟି ଟ୍ରାକ୍ଟର ଓ ୫ଟି ପ୍ରୋକ୍ଲେନ ମେସିନ୍ ସହିତ ୩ଟି ମୋଟର ସାଇକେଲ ଜବତ କରାଯାଇଛି। ଘଟଣାସ୍ଥଳରୁ ୧୪ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ଫତେଗଡ ଥାନାରେ ହାଜର କରା ଯାଇଛି। ଅଟକ ଥିବା ବ୍ୟକ୍ତିମାନେ ହେଲେ ସିଧାମୂଳା ଗ୍ରାମର କବିନ୍ଦ୍ର ମନ୍ତ୍ରୀ , ସୁଆଗିନାଳ ଗ୍ରାମର ମାଧବ ଖଣ୍ଡେଲକେଲ, ଗଣିଆ ଛାମୁଣ୍ଡିଆର ଆରତ ଚରଣ ଦଳେଇ , ବାଲୁଗାଁ ଜୟମଙ୍ଗଳ ଗ୍ରାମର ସୁରେଶ ସେଠୀ, ରାଜା ଗୁରୁ, ଫତେଗଡ ପଥରଚକଡ଼ା ଗ୍ରାମର ଜୟନ୍ତ ପ୍ରଧାନ, ବାଚୁଲି ଡାକୁଆ, ରାକମା ଗ୍ରାମର ତ୍ରିନାଥ ବାରିକ , ଅଜୟ ନାଏକ, ମେଲଚ୍ଛ ନାଏକ,କରଡାପଲ୍ଲୀ ଗ୍ରାମର ଶ୍ୟାମସୁନ୍ଦର ସାହୁ ଓ ଖୋର୍ଦ୍ଧା ଜିଲା ଭେଟେମ୍ବର ଗ୍ରାମର କାଳୁ ନାଏକ , ପିଚୁକୁଳି ଗ୍ରାମର ଦୀପକ କୁମାର ମାଝୀ ଓ ଚମ୍ପାଇଲୋ ଗ୍ରାମର ଅମିତ ପରିଡ଼ା । ସେହିଭଳି ବାଲି ଘାଟଅଞ୍ଚଳ ବାହାରେ ଅବୈଧ ଭାବେ ଗଚ୍ଛିତ ଦୁଇ ବାଲିଗଦାକୁ ଜବତ କରାଯାଇଛି । ଉକ୍ତ ବାଲିକୁ ନିୟମ ଅନୁଯାଇ ନିଲାମ କରିବା ସହିତ ଜବତ ଗାଡି ଠାରୁ ଜୋରିମାନା ଆଦାୟ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚଢ଼ଉ ସମୟରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସହ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଦଶପଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଓ ଫତେଗଡ଼ ଥାନା ଅଧିକାରୀ ସାମିଲ ହୋଇଥିଲେ । ଜିଲା ପ୍ରଶାସନ ପକ୍ଷରୁ, ଅବୈଧ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ବିରୋଧରେ ଏପରି ଚଢ଼ଉ ଆଗାମୀ ଦିନରେ ନିୟମିତ ଭାବେ ଜାରି ରହିବ ବୋଲି ସୂଚନା ମିଳିଛି ।

**ଅନୁଚିନ୍ତା**

ସାଧୁ ସିଏ ଯିଏ ସଜ୍ଜନ ପୁରୁଷ ଏବଂ ସମାଜର ଉତ୍ଥାନ ପାଇଁ ଭଲ କାର୍ଯ୍ୟ କରିଥାଏ ।

## ସମ୍ପାଦକୀୟ

# ଓଡ଼ିଶା ଓ ଭୂମିକମ୍ପ

ନିକଟରେ କୋରାପୁଟ ଓ ବଲାଙ୍ଗୀରରେ ଭୂମିକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା । ଏଭଳି ଘଟଣା ମଧ୍ୟ ଆଶ୍ଚର୍ଯ୍ୟ କରିଦେଇଥିଲା ସମସ୍ତଙ୍କୁ । ମନରେ ପ୍ରଶ୍ନ ବି ଉଠିଥିଲା ଯେ, ଓଡ଼ିଶା କ'ଣ ଭୂମିକମ୍ପ ପ୍ରଭାବିତ କ୍ଷେତ୍ର ମଧ୍ୟରେ ଆସୁଛି ? ମିଆଁମାର ଭୂମିକମ୍ପର ଭୟଙ୍କର ବିନାଶକାରୀ ଲୀଳା କେହି ଭୁଲିନାହାନ୍ତି। ବିଶେଷଜ୍ଞଙ୍କ ଅନୁସାରେ, ମିଆଁମାର ଭୂମିକମ୍ପର କେନ୍ଦ୍ରସ୍ଥଳରେ ଯେଉଁ ପ୍ରକାର ଶକ୍ତି ଉତ୍ପନ୍ନ ହୋଇଥିଲା ତାହା ଭୟଙ୍କର ବିନାଶଲୀଳା ରଚିଥିଲା। ୩୩୪ ପରମାଣୁ ବୋମାର ବିସ୍ଫୋଟ ଶକ୍ତି ଭଳି ଭୂମିକମ୍ପର କେନ୍ଦ୍ରସ୍ଥଳରେ ଉର୍ଜା ଉତ୍ସର୍ଜିତ ହୋଇଥିଲା । ସ୍ଥିତି ଏଭଳି ଥିଲା ଯେ, ସାରା ବିଶ୍ୱରେ ଭୂଖଣ୍ଡ ଭିତରେ ହଲଚଲ ସୃଷ୍ଟି ହୋଇଥିଲା । ଦେଖାଯାଇଛି ଯେ, ବିଶ୍ୱରେ ବର୍ତ୍ତମାନ ଅସ୍ଥିର ରହିଛି ଭୂଖଣ୍ଡ । କେବେ ବି, କେଉଁଠି ବି, କିଛି ବି ଘଟିପାରେ । ଓଡ଼ିଶା ଭୂମିକମ୍ପ ପ୍ରଭାବିତ କ୍ଷେତ୍ର ନୁହେଁ, କିନ୍ତୁ ବିପଦରୁ ମଧ୍ୟ ମୁକ୍ତ ନୁହେଁ । ଭୂବୈଜ୍ଞାନିକଙ୍କ ଅନୁଯାୟୀ, ମିଆଁମାର କ୍ଷେତ୍ର ସେଭଳି ଦୂରତାରେ ମଧ୍ୟ ନାହିଁ । ଓଡ଼ିଶା ଉପକୂଳରୁ ମାତ୍ର ୮୦୦ କିମି ଦୂର। ବିଶେଷଜ୍ଞ କହିଛନ୍ତି ଯେ, ପୂର୍ବରୁ ୨୦୧୬ରେ ମିଆଁମାରରେ ହୋଇଥିବା ଭୂମିକମ୍ପ ସେତେବେଳେ ଓଡ଼ିଶା ଉପକୂଳକୁ ହଲାଇ ରଖିଦେଇଥିଲା । ଏହାପରେ ହୋଇଥିବା ମିଆଁମାର ଭୂମିକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା କୋଲକାତା ପର୍ଯ୍ୟନ୍ତ। ୨୦୦୪ରେ ସୁମାତ୍ରାରେ ହୋଇଥିବା ଭୂମିକମ୍ପ ଏବଂ ତା'ପରେ ଆସିଥିବା ସୁନାମୀ ଅଣ୍ଡାମାନ ଓ ନିକୋବର ଦୀପପୁଞ୍ଜ ସହ ଚେନ୍ନାଇରେ ଭୟ ସୃଷ୍ଟି କରିଥିଲା।

ବିଶେଷଜ୍ଞ କହୁଛନ୍ତି, ଯଦି ଗୋଟିଏ ସ୍ଥାନରେ ଭୂମିକମ୍ପ ହେଲା ତେବେ ଅନ୍ୟ କୌଣସି ବା ଆଖପାଖ ଭୂମିରେ ମଧ୍ୟ ଭୂମିକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ। ଗତବର୍ଷ ଫେବ୍ରୁଆରୀରେ ଓଡ଼ିଶାରେ ରିକ୍ଟର ସ୍କେଲରେ ତୀବ୍ରତା ୫.୧ ରହିଥିବାବେଳେ ପୁରୀ, ଭୁବନେଶ୍ୱର, ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାରିପଦା, ବାଲେଶ୍ୱର ଓ କୋଲକାତାରେ ଝଟ୍‌କା ଅନୁଭୂତ ହୋଇଥିଲା ।

**ଦେଖାଯାଇଛି ଯେ, ବିଶ୍ୱରେ ବର୍ତ୍ତମାନ ଅସ୍ଥିର ରହିଛି ଭୂଖଣ୍ଡ । କେବେ ବି, କେଉଁଠି ବି, କିଛି ବି ଘଟିପାରେ । ଓଡ଼ିଶା ଭୂମିକମ୍ପ ପ୍ରଭାବିତ କ୍ଷେତ୍ର ନୁହେଁ, କିନ୍ତୁ ବିପଦରୁ ମଧ୍ୟ ମୁକ୍ତ ନୁହେଁ । ଭୂବୈଜ୍ଞାନିକଙ୍କ ଅନୁଯାୟୀ, ମିଆଁମାର କ୍ଷେତ୍ର ସେଭଳି ଦୂରତାରେ ମଧ୍ୟ ନାହିଁ । ଓଡ଼ିଶା ଉପକୂଳରୁ ମାତ୍ର ୮୦୦ କିମି ଦୂର।**



ରାଷ୍ଟ୍ରୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପର କେନ୍ଦ୍ର ଥିଲା ବଙ୍ଗୋପସାଗର। ଭୂମିକମ୍ପର କେନ୍ଦ୍ର ପୁରୀରୁ ୨୮୬ କିମି ପୂର୍ବ, ଭୁବନେଶ୍ୱରରୁ ୨୯୭ କିମି ପୂର୍ବ-ଦକ୍ଷିଣ ପୂର୍ବ ଏବଂ ବ୍ରହ୍ମପୁରରୁ ୩୯୪ କିମି ପୂର୍ବରେ ଥିଲା । କେନ୍ଦ୍ରରେ ତୀବ୍ରତା ୫.୧ ଥିବାବେଳେ ଗଭୀରତା ଥିଲା ୯୧ କିମି । ଯଦି ଗଭୀରତା କମ୍ ହୋଇଥାନ୍ତା ତେବେ କ୍ଷତି ହୋଇଥାନ୍ତା । ୫.୧ ତୀବ୍ରତାର ଭୂମିକମ୍ପ ସେଭଳି ବିପଜ୍ଜନକ ନୁହେଁ । ଓଡ଼ିଶାରେ ଭୂମିକମ୍ପର ସଂଖ୍ୟା ବି ବହୁତ କମ୍ । ଦଶ ବର୍ଷ ପୂର୍ବେ ୨୧ ମେ ୨୦୧୪ରେ କୋଣାର୍କରେ ୨୭୬ କିମି ଦୂରରେ ସମୁଦ୍ରରେ ୬.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାର ଗଭୀରତା କମ୍ (୪୭ କିମି) କାରଣରୁ ସେତେବେଳେ ରାଜ୍ୟରେ ଏକ ବଡ଼ ଝଟ୍‌କା ଅନୁଭୂତ ହୋଇଥିଲା । ସମୁଦ୍ରର ଏକ କ୍ଷେତ୍ରରେ ୧୦ ବର୍ଷରେ ଦୁଇଥର ଭୂମିକମ୍ପ ହେବା ଅସାମାନ୍ୟ ନୁହେଁ । ପୁରୀ ନିକଟରେ ବଙ୍ଗୋପସାଗରରେ କୌଣସି ପ୍ଲେଟ ବାଉଣ୍ଡରୀ ନାହିଁ ଯେଉଁଠି ଭୂମିକମ୍ପ ହୋଇଥିଲା, କିନ୍ତୁ ଦୁଇଟି ପ୍ରାଚୀନ ଲାଇନ ରହିଛି । କିଛି ବର୍ଷ ଧରି ଏହି ଲାଇନ ନିଷ୍କ୍ରିୟ ଅବସ୍ଥାରେ ରହିଥିଲା। କୌଣସି ବଡ଼ ଚାପର ସମ୍ମୁଖୀନ ହୋଇ ଏହି ଲାଇନ ଧୀରେ ଧୀରେ ସକ୍ରିୟ ହେଉଥାଇପାରେ। ଏବେ ବି ଭୂମିକମ୍ପର କେନ୍ଦ୍ରରୁ ଓଡ଼ିଶାର ପ୍ରମୁଖ ସହରଗୁଡ଼ିକର ଦୂରତା ୨୦୦ କିମିରୁ ୩୦୦ କିମି ମଧ୍ୟରେ ରହିଛି। ୮ଏପ୍ରିଲ ୧୯୮୨ରେ ପୁରୀରୁ ୧୪୯ କିମି ଦୂର ସମୁଦ୍ରରେ ୫ରୁ ଅଧିକ ତୀବ୍ରତାର ଭୂମିକମ୍ପ ହୋଇଥିଲା। ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ (ଏନ୍‌ଡ଼ିଏମ୍‌ଏ) ଦ୍ୱାରା ପ୍ରସ୍ତୁତ ସିସ୍‌ମିକ୍ ହାଜାର୍ଡ଼ ମ୍ୟାପ ରିପୋର୍ଟ ଅନୁଯାୟୀ, ଓଡ଼ିଶା ଉପକୂଳରେ ୬.୧ ତୀବ୍ରତାର ଭୂମିକମ୍ପ ଆସିପାରେ । ମହାନଦୀ ବେସିନରେ ୫.୩ ତୀବ୍ରତାର ଭୂମିକମ୍ପର ସମ୍ଭାବନା ରହିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ତାଳଚେର, ଢ଼େଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ, ଜଗତସିଂହପୁର, ପାରାଦୀପ, କେନ୍ଦ୍ରାପଡ଼ା, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଭୂକମ୍ପୀୟ କ୍ଷେତ୍ର-୩ରେ ଆସୁଛି । ଭୂକମ୍ପୀୟ କ୍ଷେତ୍ର-୨ରେ ଆସୁଛି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼ ଓ କେନ୍ଦୁଝର ।

## ଆତ୍ମବିଶ୍ୱାସ

ଅମୃତ ଫଳ

ଜଣେ ସାଧୁଙ୍କ ପାଖକୁ ଜଣେ ଯୁବକ ଗଲା। ସାଧୁଙ୍କୁ ତା'ର ଦୁଃଖ ଜଣାଇଲା। ୧୦ବର୍ଷ ହେଲା ଗ୍ରାଜୁଏସନ ସରିବାଠାରୁ ଭଲ ଚାକିରି ମିଳିଲା ନାହିଁ। ତେଣୁ ମୁଁ ବାଧ୍ୟ ହୋଇ ଏକ ହୋଟେଲରେ କ୍ୟାସିଅର ହିସାବରେ କାମ କରୁଛି। ଏହି କାମଟି ମୋ' ଶିକ୍ଷାଗତ ଯୋଗ୍ୟତା ସହ ଖାପ ଖାଉନାହିଁ । ପୂର୍ବ ମାସରେ ମୋ' କ୍ୟାସ କାଉଣ୍ଟରରୁ କିଛି ଟଙ୍କା କମ୍ ପଡ଼ିଲା। ମୁଁ ଜାଣିନି ଏହା କେମିତି ହେଲା। ଏହି ଲଜ୍ଜାକର କାମର ଅଠା ମୋ' ମୁଣ୍ଡରେ ବୋଳାଗଲା। କମ୍ ପଡ଼ିଥିବା ଅର୍ଥକୁ ଶୁଝିବା ପାଇଁ ମୋ' ସ୍ତ୍ରୀର ସୁନା ଅଳଙ୍କାର ମାଗିଲି, ମୋ' ବୋଉକୁ ମାଗିଲି, ସମସ୍ତେ ମୁହଁ ମୋଡ଼ିଲେ। ମୋ' ସମ୍ମାନ ବଞ୍ଚାଇବା ପାଇଁ ସେମାନେ ଇଚ୍ଛୁକ ନୁହଁନ୍ତି। ସାଧୁ କହିଲେ ଛାଡ଼ିଦିଅ ତୁମ ସ୍ତ୍ରୀ, ବୋଉ ତୁମକୁ ବିଶ୍ୱାସ କଲେନି, ତୁମେ କ'ଣ ତୁମ ଉପରେ ବିଶ୍ୱାସ ରଖିଛ କି? ଗଭୀର ଭାବେ ଚିନ୍ତା କର। ତୁମର ଆତ୍ମବିଶ୍ୱାସର ଅଭାବ ରହିଛି। ତେଣୁ ଭଲପାଉ ନ ଥିବା ଚାକିରିରେ ତୁମେ କାର୍ଯ୍ୟ କରୁଛ। ଯଦି ବି କରୁଛ ତୁମେ ପୂର୍ଣ୍ଣ ମନଯୋଗ ଦେଉନାହିଁ। ସେହି କାରଣରୁ ତୁମେ ଜାଣିପାରିଲ ନାହିଁ କ୍ୟାସ୍ କାଉଣ୍ଟରରୁ ସେ ଟଙ୍କା କେମିତି ଗଲା। ତେଣୁ ତୁମର ସମସ୍ୟା ବୋଉ କିମ୍ବା ସ୍ତ୍ରୀ ନୁହଁନ୍ତି, ତୁମର ସମସ୍ୟା ତୁମେ ନିଜେ ଓ ତୁମ ସମସ୍ୟା ପାଇଁ ତୁମେ ନିଜେ ଦାୟୀ। ଆତ୍ମବିଶ୍ୱାସର ଅଭାବ ହେଉଛି ତୁମ ସମସ୍ୟା, ଏହାର ସମାଧାନ ପାଇଁ ଚେଷ୍ଟା କର ।

# ଆର୍ଥିକ କାର୍ଯ୍ୟକଳାପ, ଜୀବିକା ସୃଷ୍ଟି ଓ ନାଗରିକଙ୍କ କଲ୍ୟାଣ ଲାଗି ଋଣ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ



ଡକ୍ଟର ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

- ଗୋଟିଏ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କେବଳ ଏକ ପ୍ରଯୁକ୍ତି ନୁହେଁ, ଏହା ଅନୌପଚାରିକ ଓ ଔପଚାରିକ ଆର୍ଥିକ ଅଂଶଗ୍ରହଣ, ବିଚ୍ଛିନ୍ନତା ଓ ସୁଯୋଗ, ଅଦୃଶ୍ୟତା ଓ ଆର୍ଥିକ ପରିଚୟ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ
- ବିଶ୍ୱର ବିଭିନ୍ନ ଦେଶଗୁଡ଼ିକ ବର୍ତ୍ତମାନ ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିକୁ ଆଗ୍ରହର ସହିତ ଅନୁଧ୍ୟାନ କରୁଛନ୍ତି ସମାବେଶୀ ଡିଜିଟାଲ ଅର୍ଥଲଗାଣ ଉପରେ ବିଶ୍ୱର ଚିନ୍ତାଧାରାରେ ଭାରତ ପରିବର୍ତ୍ତନ ଆଣିପାରିଛି
- ପ୍ରଧାନମନ୍ତ୍ରୀଙ୍କ ସୁଦୃଢ଼ ନୀତି ନିର୍ଦ୍ଧାରଣ ଏବଂ ଅସାଧାରଣ ରାଜନୈତିକ ଇଚ୍ଛାଶକ୍ତି କାରଣରୁ ଜନ ଧନ ଓ ଆଧାର ଭଳି ମୌଳିକ ଉପାଦାନକୁ ନେଇ ବହୁମୁଖୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି

### ପୁଣେରେ ଏନ୍‌ଆଇବିଏମର ବିଂଶତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ମହାରାଷ୍ଟ୍ରର ପୁଣେଠାରେ ଜାତୀୟ ବ୍ୟାଙ୍କ ପରିଚାଳନା ପ୍ରତିଷ୍ଠାନ (ଏନଆଇବିଏମ)ର ବିଂଶତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇଛନ୍ତି । ସମାରୋହରେ ଯୋଗଦେବାକୁ ନେଇ ସେ ଖୁସି ପ୍ରକାଶ କରିବା ସହିତ ୨୦୨୪-୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀ ଏବଂ ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ସ୍ନାତକମାନେ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ବୃତ୍ତିଗତ ଜଗତରେ ପ୍ରବେଶ କରୁଛନ୍ତି । ବର୍ତ୍ତମାନ ସମୟରେ ବ୍ୟାଙ୍କ ବ୍ୟବସ୍ଥା ସରଳ ବାଣିଜ୍ୟଠାରୁ ବହୁ ଦୂରକୁ ବିସ୍ତାରିତ ହୋଇଛି । ସମାବର୍ତ୍ତନ ସମାରୋହଗୁଡ଼ିକ ସଫଳତାର ମାଇଲଖୁଣ୍ଟ କିନ୍ତୁ ଏହା ପରିବର୍ତ୍ତନର ମୁହୂର୍ତ୍ତ ମଧ୍ୟ ଡକ୍ଟର ମିଶ୍ର କହିଥିଲେ। ଅଗ୍ରଣୀ ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନ ଭାବରେ ଏନଆଇବିଏମର ପାଞ୍ଚ ଦଶନ୍ଧିର ଐତିହ୍ୟ ଉପରେ ଆଲୋକପାତ କରି ଡକ୍ଟର ମିଶ୍ର ସାଂଗଠନିକ ଉତ୍କର୍ଷତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସମ୍ପର୍କରେ କହିଥିଲେ । ସେ କହିଥିଲେ, ପାରମ୍ପରିକ ବ୍ୟାଙ୍କିଙ୍ଗ କେବଳ ସଞ୍ଚୟ ସଂଗ୍ରହ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ବେଳେ, ସମସାମୟିକ ଦୃଶ୍ୟପଟ ଜାତୀୟ ସୁଯୋଗ ଉପରେ ବ୍ୟାପକ ଧ୍ୟାନ ଦାବି କରେ। ସେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଏହି ପରିବର୍ତ୍ତିତ ପରିଦୃଶ୍ୟକୁ କରିବା ଲାଗି ଆହ୍ୱାନ କରିଥିଲେ। ଆଗାମୀ ଦିନରେ, ଆପଣଙ୍କୁ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଏକ ସୁଯୋଗ, ବିଶ୍ୱାସ ଏବଂ ଜାତୀୟ ବିକାଶର ଢାଞ୍ଚା ରୂପେ ଅଧିକ ବ୍ୟାପକ ଅର୍ଥରେ ଦେଖିବାକୁ ପଡିବ ବୋଲି ସେ କହିଥିଲେ।

ପାରମ୍ପରିକ ଅର୍ଥନୀତି ବିଷୟରେ ମତ ରଖି ଡକ୍ଟର ମିଶ୍ର କହିଥିଲେ, ଐତିହାସିକ ଦୃଷ୍ଟିରୁ ବିତ୍ତୀୟ ବ୍ୟାପାର ପ୍ରଚ୍ଛଦପଟ୍ଟରେ ରହି ଏକ ନିରବ ସହାୟକ ଭୂମିକା ନିର୍ମାହ କରିଥିଲା । ବାସ୍ତବ ଅର୍ଥବ୍ୟବସ୍ଥା ଏବଂ ବିତ୍ତୀୟ ବ୍ୟାପାର ମଧ୍ୟରେ ସମ୍ପର୍କକୁ ଭଲ ଭାବରେ ବୁଝି ହୋଇନଥିଲା । ପ୍ରାୟତଃ କମ୍ ସୁବିଧାପ୍ରାପ୍ତ ଲୋକଙ୍କୁ ଆନୁଷ୍ଠାନିକ ସଂସ୍ଥାଗତ ସହାୟତାରୁ ବାଦ ଦିଆଯାଇଥିଲା। ଏହି ବିକୃତ ଋଣ ଉପଲବ୍ଧତା ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ସେ ଦୃଢ଼ ଭାବେ କହିଥିଲେ । ଋଣ ହେଉଛି ଆର୍ଥିକ କାର୍ଯ୍ୟକଳାପ, ଜୀବିକା ସୃଷ୍ଟି ଏବଂ ନାଗରିକଙ୍କ କଲ୍ୟାଣର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ ଉଲ୍ଲେଖ କରିଥିଲେ। ଗ୍ରାମୀଣ ଋଣ ଅସମାନତା ଉପରେ ଆଲୋକପାତ କରି ଡକ୍ଟର ମିଶ୍ର ବିସ୍ତୃତ ଭାବରେ କହିଥିଲେ, ପ୍ରାରମ୍ଭିକ ଆର୍ଥିକ ତତ୍ତ୍ୱଗୁଡ଼ିକ ଅନୌପଚାରିକ ସାହୁକାରଙ୍କ ପ୍ରାଧାନ୍ୟକୁ ଦୂର କରିବାରେ ବିଫଳ ହୋଇଥିଲା। ଏକାଧିକାର ତତ୍ତ୍ୱଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ବଜାର ମଡେଲ ପର୍ଯ୍ୟନ୍ତ ବିପରୀତ ଦୃଷ୍ଟିକୋଣ ଗରିବଙ୍କ ପାଇଁ ଶସ୍ତା ଏବଂ ପ୍ରାଥମିକତା ଆଧାରିତ ଋଣ ସୁନିଶ୍ଚିତ କରିପାରିନଥିଲା । ନବେ ଦଶକ ସୁଦ୍ଧା, ଅର୍ଥନୀତିଜ୍ଞମାନେ କୌଣସି ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇଥିବା ଭୂମିଗତ ବାସ୍ତବତାକୁ ଅନୁଭବ କରିପାରି ନଥିଲେ। ଉଦାହରଣ ସ୍ୱରୂପ ଶସ୍ତା ସଂସ୍ଥାଗତ ବିକଳ୍ପ ଥିଲେ ମଧ୍ୟ ସାହୁକାରମାନେ ସଫଳତାର ସହିତ ଅତ୍ୟଧିକ ସୁଧ ହାର ଆଦାୟ କରୁଥିଲେ । ୯୦ ଦଶକର ନିଜ ଗବେଷଣା ଉପରେ ଆଲୋକପାତ କରି ଡକ୍ଟର ମିଶ୍ର କହିଥିଲେ, ସୂଚନା ବିଷମତା ଏବଂ ପ୍ରବର୍ତ୍ତନ ସହ ଜଡ଼ିତ ସମସ୍ୟା କାରଣରୁ ଐତିହାସିକ ଭାବରେ ଗ୍ରାମୀଣ କ୍ଷେତ୍ରରେ ଔପଚାରିକ ଋଣ ଦେବା ମହଙ୍ଗା ରହିଥିଲା ଏବଂ ବନ୍ଧକ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିଲା। ତଥାପି, ପ୍ରଯୁକ୍ତିବିଦ୍ୟା ଏହି ଢାଞ୍ଚାଗତ ଅସୁବିଧାକୁ ମୌଳିକ ଭାବରେ ସମାଧାନ କରିଛି। ପ୍ରଯୁକ୍ତିର ଆଧୁନିକ ପ୍ରୟୋଗ ଏହି ସୂଚନା ଖର୍ଚ୍ଚକୁ ବହୁଳ ଭାବରେ ହ୍ରାସ କରିଛି, ଐତିହାସିକ ବଜାର ବିଷମତାକୁ ପ୍ରଭାବୀ ଢଙ୍ଗରେ ହ୍ରାସ କରିଛି ବୋଲି ସେ ମନ୍ତବ୍ୟ ଦେଇଥିଲେ। ଡକ୍ଟର ମିଶ୍ର ଦୃଢ଼ତାର ସହ କହିଥିଲେ, ଡିଜିଟାଲ୍ ପରିଚୟ ଏବଂ ମୋବାଇଲ୍ ସଂଯୋଗ ସହିତ ବିତ୍ତୀୟ ବ୍ୟାପାରକୁ ସମନ୍ୱିତ କରିବା ଦ୍ୱାରା ଜନସଂଖ୍ୟା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଦୀର୍ଘକାଳୀନ ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯାଇଛି। ସେ ଜାମ୍ (ଜନଧନ, ଆଧାର ଏବଂ ମୋବାଇଲ୍) ତ୍ରୟ ଏବଂ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଢାଞ୍ଚା ବିଷୟରେ କହିଥିଲେ, ଏହି ବ୍ୟବସ୍ଥା ଦ୍ୱାରା ୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ସ୍ଥାନାନ୍ତର ହୋଇଛି ଏବଂ ବ୍ୟବସ୍ଥାଗତ ପ୍ରଶାସନରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରିଛି। ସେ ଏହି ଉପକରଣଗୁଡ଼ିକୁ ଆର୍ଥିକ ପରିଚୟ ପାଇଁ ଏକ ମୌଳିକ ସେତୁ ଭାବରେ ବର୍ଣ୍ଣନା କରିଥିଲେ। ଡକ୍ଟର ମିଶ୍ର କହିଥିଲେ, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କେବଳ ଏକ ପ୍ରଯୁକ୍ତି ନୁହେଁ, ଏହା ଅନୌପଚାରିକ ଓ ଔପଚାରିକ ଆର୍ଥିକ ଅଂଶଗ୍ରହଣ, ବିଚ୍ଛିନ୍ନତା ଓ ସୁଯୋଗ, ଅଦୃଶ୍ୟତା ଓ ଆର୍ଥିକ ପରିଚୟ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ ।

ଡକ୍ଟର ମିଶ୍ର ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ)କୁ ସାର୍ବଜନୀନକରଣ ଏକ ପ୍ରମୁଖ ଉଦାହରଣ ଭାବରେ ଅଭିହିତ କରିଥିଲେ। ଏଥିରେ ୨୪ ହଜାର କୋଟିରୁ ଅଧିକ ବାର୍ଷିକ କାରବାର ହୋଇଥିବା ସୂଚାଇଲେ। ସେ ଆହୁରି ମଧ୍ୟ କହିଥିଲେ, ବଡ଼ ଆକାରରେ କାମ କରୁଥିବା ଇଣ୍ଟରଅପରେବଲ ସିଷ୍ଟମ ଜରୁରୀ ଡାଟା ଟ୍ରେଲ୍ସ ପ୍ରସ୍ତୁତ କରିଥାଏ। ଏହାଦ୍ୱାରା ସେହି ଲୋକମାନଙ୍କୁ ମଧ୍ୟ ଋଣ ନେବାର ସୁଯୋଗ ମିଳିଥାଏ ଯେଉଁମାନଙ୍କ ପାଖରେ ପାରମ୍ପରିକ ବନ୍ଧକ ରଖିବାର ସୁବିଧା ନାହିଁ । କେଉଁମାନେ ଆର୍ଥିକ ସେବା ପାଇପାରିବେ ତାହା ପ୍ରଯୁକ୍ତିବିଦ୍ୟାରେ ମୌଳିକ ପରିବର୍ତ୍ତନ ଦ୍ୱାରା ନିର୍ଦ୍ଧାରିତ ହେଉଛି । ବିଶ୍ୱର ବିଭିନ୍ନ ଦେଶ ଏବେ ଅତି ଆଗ୍ରହର ସହିତ ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଢାଞ୍ଚାକୁ ଅଧ୍ୟୟନ କରୁଛନ୍ତି। ସମାବେଶୀ ଡିଜିଟାଲ ଅର୍ଥଲଗାଣ ଉପରେ ବିଶ୍ୱର ଚିନ୍ତାଧାରାରେ ଭାରତ ପରିବର୍ତ୍ତନ ଆଣିପାରିଛି ବୋଲି ଡକ୍ଟର ମିଶ୍ର କହିଥିଲେ।

ଡକ୍ଟର ମିଶ୍ର ଆହୁରି ଜୋର ଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଭଳି ପ୍ରୟାସ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଉତ୍ପାଦନଶୀଳ ଆର୍ଥିକ ସୁଯୋଗରେ ପରିଣତ କରିବାକୁ ପଡିବ । ଏହି ଯୋଜନା ୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁର କରିଛି। ସେ କହିଥିଲେ, ପ୍ରଧାନମନ୍ତ୍ରୀ ସ୍ୱନିଧି ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଭଳି କାର୍ଯ୍ୟକ୍ରମ ବଞ୍ଚିତ କାରିଗରମାନଙ୍କ ପାଇଁ ଉପଯୁକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିଥାଏ। ଏହା ସେମାନଙ୍କୁ ଶୋଷଣମୂଳକ ଅନୌପଚାରିକ ଋଣରୁ ମୁକ୍ତ କରିଥାଏ। ଉଦ୍ୟୋଗ ବିକାଶ ପ୍ରତିବନ୍ଧିତ ହେଲେ କୌଣସି ସମାଜ ଏହାର ସମ୍ଭାବନାକୁ ଉପଯୋଗ କରିପାରିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ସୁଦୃଢ଼ ନୀତି ନିର୍ଦ୍ଧାରଣ ଏବଂ ଅସାଧାରଣ ରାଜନୈତିକ ଇଚ୍ଛାଶକ୍ତି କାରଣରୁ ଜନ ଧନ ଓ ଆଧାର ଭଳି ମୌଳିକ ଉପାଦାନକୁ ନେଇ ବହୁମୁଖୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ।

ଅର୍ଥଲଗାଣକୁ ସାମାଜିକ ସୁରକ୍ଷା ସହ ଯୋଡ଼ି ଡକ୍ଟର ମିଶ୍ର ଆୟୁଷ୍ମାନ ଭାରତ ଏବଂ ବିଭିନ୍ନ ପ୍ରଧାନମନ୍ତ୍ରୀ ପେନସନ ଯୋଜନାର ଉଦାହରଣ ଦେଇଥିଲେ । ଏହିସବୁ ଯୋଜନା ଫସଲ ହାନି ଏବଂ ସ୍ୱାସ୍ଥ୍ୟଜନିତ କ୍ଷତିକୁ ଭରଣା କରିଥାଏ । ସେ କହିଥିଲେ, ଏହି ସମନ୍ୱୟ ଆର୍ଥିକ ଉପଲବ୍ଧତାକୁ ଦୀର୍ଘକାଳୀନ ମାନବ ବିକାଶକୁ ସମର୍ଥନ କରେ। ତଥାପି, ପରବର୍ତ୍ତୀ ପର୍ଯ୍ୟାୟରେ କେବଳ ଉପଲବ୍ଧତାଠାରୁ ଆଗକୁ ବଢ଼ି ନିରନ୍ତର ଆର୍ଥିକ ଅଂଶଗ୍ରହଣ ଆଡ଼କୁ ଯିବା ଉଚିତ ବୋଲି ସେ ସତର୍କ କରାଇ ଦେଇଥିଲେ । ସେଥିପାଇଁ ଆର୍ଥିକ ସ୍ଥିରତା ହେଉଛି ବିପଦ ସମୟରେ କୌଣସି ପରିବାର ଭାଙ୍ଗି ନ ପଡ଼ି ଆଗକୁ ବଢ଼ିବାର କ୍ଷମତା । ଏହା ଏକ ସାଧାରଣ ଚିନ୍ତାର ବିଷୟ ନୁହେଁ ବୋଲି ଡକ୍ଟର ମିଶ୍ର କହିଥିଲେ।

ଭବିଷ୍ୟତ ଆଡ଼କୁ ଦୃଷ୍ଟି ଦେଇ ଡକ୍ଟର ମିଶ୍ର ଚେତାଇ ଦେଇଥିଲେ ଯେ, ଏମଏସଏମଇ, ଚାଷୀ ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ବିଶ୍ୱସନୀୟ ଭାବରେ ସେବା ଯୋଗାଇବା ପାଇଁ ଆଧୁନିକ ଆର୍ଥିକ ବ୍ୟବସ୍ଥାକୁ ପ୍ରକୃତ ଅର୍ଥବ୍ୟବସ୍ଥାରେ ସ୍ଥିର ରହିବା ଆବଶ୍ୟକ। ଏଆଇ ଏବଂ ସାଇବର ବିପଦର ଯୁଗରେ, ପ୍ରଯୁକ୍ତିବିଦ୍ୟା ନବସୃଜନକୁ ନୈତିକ ଦାୟିତ୍ୱ ଏବଂ ଜନସାଧାରଣଙ୍କ ବିଶ୍ୱାସ ସହିତ ସନ୍ତୁଳିତ କରାଯିବା ଉଚିତ ବୋଲି ସେ ସତର୍କ କରାଇ ଦେଇଥିଲେ। ଅର୍ଥଲଗାଣ ଦାୟିତ୍ୱକୁ ନୈତିକ ସିଦ୍ଧାନ୍ତ ସହିତ ମିଶ୍ରଣ କରିବା ଉଚିତ। ଏହା ସମାଜର ଉତ୍ପାଦନ କ୍ଷମତାକୁ ବିଚ୍ଛିନ୍ନ କରିବା ପରିବର୍ତ୍ତେ ମଜବୁତ କଲେ ଅର୍ଥଲଗାଣ ଏହାର ସର୍ବୋତ୍ତମ ମୂଲ୍ୟ ସୃଷ୍ଟି କରିଥାଏ ବୋଲି ସେ କହିଥିଲେ ।

ଯୁବ ସ୍ନାତକମାନଙ୍କୁ ପ୍ରତ୍ୟକ୍ଷ ଭାବେ ଉଦବୋଧନ ଦେଇ ଡକ୍ଟର ମିଶ୍ର ସେମାନଙ୍କୁ ନିଜ କର୍ପୋରେଟ୍ କ୍ୟାରିଅରରେ ବୃହତ ଜନକଲ୍ୟାଣ ଉଦ୍ଦେଶ୍ୟ ବହନ କରିବାକୁ ପରାମର୍ଶ ଦେଇଥିଲେ । ସେ ସେମାନଙ୍କୁ ଅନ୍ତର୍ଭୁକ୍ତିମୂଳକ ପ୍ରତିଷ୍ଠାନର ସକ୍ରିୟ ନିର୍ମାତା ଏବଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ବିଶ୍ୱସନୀୟତାକୁ ସୁରକ୍ଷା ଦେଉଥିବା ଦୃଢ଼ ସଂରକ୍ଷକ ହେବାକୁ ଆହ୍ୱାନ କରିଥିଲେ। ଏକ ସମୃଦ୍ଧ ଭାରତ ବିକଶିତ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ଡିଜିଟାଲ କାରବାର ପଛରେ ଥିବା ମାନବୀୟ ଉପାଦାନକୁ ମନେ ରଖିବାକୁ ସେମାନଙ୍କୁ ସେ ଉତ୍ସାହିତ କରିଥିଲେ। ମାନବିକ ବୁଝାମଣା ସହିତ ବୈଷୟିକ ଉତ୍କର୍ଷତାକୁ ମିଶ୍ରଣ କରୁଥିବା ଲୋକମାନେ ହେଉଛନ୍ତି ଉତ୍କୃଷ୍ଟ ଆର୍ଥିକ ପେସାଦାର ବୋଲି ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା, ଏନଆଇବିଏମର ନିର୍ଦ୍ଦେଶକ ପ୍ରଫେସର ପାର୍ଥ ରାୟ, ବରିଷ୍ଠ ଅଧ୍ୟାପକ, ଅର୍ଥଶାସ୍ତ୍ରୀ ଓ ବ୍ୟାଙ୍କରମାନେ ଉପସ୍ଥିତ ଥିଲେ ।

# ଡିଜେ ଉପରେ ସମ୍ପୂର୍ଣ୍ଣ ନିଷେଧ : ଏକ ଅନିବାର୍ଯ୍ୟ ପଦକ୍ଷେପ



ଅଖିଳ ତରାଇ

ଆଧୁନିକତାର ଅନ୍ଧ ଅନୁକରଣ ମଣିଷକୁ କେତେବେଳେ ସମସ୍ୟାର ସାଗରକୁ ଠେଲି ଦିଏ, ତାହା ସେ ନିଜେ ମଧ୍ୟ ଜାଣିପାରେନାହିଁ ।ଆଜିର ସମାଜରେ ଉତ୍ସବ ମାନେ ଶବ୍ଦର ବିଭୀଷିକା। ଓଡ଼ିଶାର ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ, ପ୍ରତିଟି ଗଳିକନ୍ଦିରେ ଏବେ 'ଡିଜେ'ର କାନଫଟା ଶବ୍ଦ ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିପକାଇଛି। ବିବାହ ହେଉ ବା ପର୍ବପର୍ବାଣୀ, ଶୋଭାଯାତ୍ରା ହେଉ ବା ରାଜନୈତିକ ସଭା- ସବୁଠି ଡିଜେର ଭୟଙ୍କର ଗର୍ଜନ ଆକାଶ ଫାଟିବା ଭଳି ପ୍ରତିଧ୍ୱନିତ ହେଉଛି। ଯେଉଁ ଶବ୍ଦ ମନକୁ ଶାନ୍ତି ଦେବା କଥା, ତାହା ଆଜି ଅସ୍ତ୍ର ସାଜି ଶାରୀରିକ ଓ ମାନସିକ ସ୍ତରରେ ମଣିଷକୁ ପଙ୍ଗୁ କରିବାରେ ଲାଗିଛି ।ଏହି ପରିପ୍ରେକ୍ଷୀରେ, ଡିଜେ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିବା କେବଳ ଚର୍ଚ୍ଚାର ବିଷୟ ନୁହେଁ, ବରଂ ଏକ ଅନିବାର୍ଯ୍ୟ ସାମାଜିକ, ପରିବେଶୀୟ ଓ ପ୍ରଶାସନିକ ପଦକ୍ଷେପ ହୋଇଛି। ସ୍ୱାସ୍ଥ୍ୟ ଉପରେ ଶବ୍ଦର ନୀରବ ଆକ୍ରମଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ମାନଦଣ୍ଡ ଅନୁଯାୟୀ, ମଣିଷ କାନ ପାଇଁ ୫୦ ରୁ ୬୦ ଡେସିବେଲ୍ ଶବ୍ଦ ସହନୀୟ। ୮୫ ଡେସିବେଲ୍‌ରୁ ଅଧିକ ଶବ୍ଦରେ ଦୀର୍ଘ ସମୟ ରହିଲେ ଶ୍ରବଣ ଶକ୍ତି ସ୍ଥାୟୀ ଭାବେ ନଷ୍ଟ ହେବାର ଆଶଙ୍କା ଥାଏ। ମାତ୍ର ଆମ ରାଜ୍ୟରେ ଚାଲୁଥିବା ଡିଜେ ଗୁଡ଼ିକର ଶବ୍ଦ ମାତ୍ରା ପ୍ରାୟ ୧୨୦ ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଛି ।

ଏହି ଅତ୍ୟଧିକ ଶବ୍ଦ ପ୍ରଦୂଷଣ କେବଳ କାନ ଖରାପ କରେ ନାହିଁ, ବରଂ ଏହା ଉଚ୍ଚ ରକ୍ତଚାପ, ଅନିଦ୍ରା, ଏବଂ ମାନସିକ ଅବସାଦର ମୁଖ୍ୟ କାରଣ ସାଜିଛି। ବିଶେଷ କରି ଶିଶୁ ଏବଂ ବୃଦ୍ଧମାନେ ଏହାର ମୁଖ୍ୟ ଶିକାର ହେଉଛନ୍ତି। କୋମଳମତି ଶିଶୁମାନଙ୍କର ଶ୍ରବଣ ସ୍ନାୟୁ ଏତେ ଶକ୍ତିଶାଳୀ ତରଙ୍ଗ ସହ୍ୟ କରିବାକୁ ଅସମର୍ଥଛ ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଏହି ପ୍ରବଳ କମ୍ପନ ଗର୍ଭସ୍ଥ ଶିଶୁର ହୃଦସ୍ପନ୍ଦନ ଓ ସ୍ନାୟୁ ସଂସ୍ଥାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହୃଦ୍ରୋଗୀଙ୍କ ପାଇଁ ଡିଜେର 'ବେସ୍' କମ୍ପନ ଏକ ନୀରବ ହତ୍ୟାକାରୀ ଭଳି କାମ କରେ।

ଆମେ କେଉଁ ସମାଜ ଗଢୁଛୁ, ଯେଉଁଠି ଜଣକର ଆନନ୍ଦ ଅନ୍ୟ ଜଣକର ମୃତ୍ୟୁର କାରଣ ସାଜୁଛି? ପରିବେଶ ଓ ପ୍ରାଣୀଜଗତର ଅଶ୍ରୁଳ ଆକୁଳତା ମଣିଷ ନିଜର ଆନନ୍ଦ ପାଇଁ ପରିବେଶ ଓ ପ୍ରାଣୀଜଗତକୁ ସମ୍ପୂର୍ଣ୍ଣ ଭୁଲିଯାଇଛି। ଡିଜେର ଉଚ୍ଚ ସ୍ୱର କେବଳ ମଣିଷକୁ ନୁହେଁ, ବରଂ ଗୃହପାଳିତ ପଶୁ ଏବଂ ବନ୍ୟଜନ୍ତୁଙ୍କୁ ମଧ୍ୟ ଅତ୍ୟନ୍ତ ଅସହାୟ କରିପକାଉଛି। କୁକୁର, ବିଲେଇ ଏବଂ ଗାଈମାନେ ଏହି ଶବ୍ଦରେ ଭୟଭୀତ ହୋଇ ଅସ୍ୱାଭାବିକ ଆଚରଣ କରନ୍ତି, ଯାହା ଅନେକ ସମୟରେ ଦୁର୍ଘଟଣାର କାରଣ ହୁଏ।

ପରିବେଶବିତଙ୍କ ମତରେ, ଧ୍ୱନି ପ୍ରଦୂଷଣ ଯୋଗୁଁ କେତେକ ବିରଳ କୀଟପତଙ୍ଗ ଓ ପକ୍ଷୀ ନିଜର ବଂଶବୃଦ୍ଧି ପ୍ରକ୍ରିୟା ହରାଇ ବସୁଛନ୍ତି।ପରିବେଶୀୟ ସନ୍ତୁଳନ ରକ୍ଷା କରିବା ପାଇଁ ଶବ୍ଦହୀନ ପରିବେଶ ଏକାନ୍ତ ଆବଶ୍ୟକ। ସାଂସ୍କୃତିକ ଅବକ୍ଷୟ ଓ ଲୋକକଳାର ଶ୍ମଶାନ ଓଡ଼ିଶାର ପରିଚୟ ଏହାର ଶାଣିତ ସଂସ୍କୃତି ଓ ପାରମ୍ପରିକ ବାଦ୍ୟଯନ୍ତ୍ର। ଆମର ପ୍ରତିଟି ଶୋଭାଯାତ୍ରାରେ ଘଣ୍ଟ, କାହାଳୀ, ମହୁରୀ, ଢୋଲ ଓ ଶଙ୍ଖର ଏକ ଅଦ୍ଭୁତ ସମନ୍ୱୟ ରହିଥିଲା।ଏହି ବାଦ୍ୟର ତାଳେ ତାଳେ ଲୋକେ ନୃତ୍ୟ କରୁଥିଲେ, ଯେଉଁଥିରେ ଶାଳୀନତା ଓ ଆଧ୍ୟାତ୍ମିକତା ଥିଲା, କିନ୍ତୁ ଆଜି ସେହି ସ୍ଥାନ ଦଖଲ କରିଛି ଏକ ଯାନ୍ତ୍ରିକ ଡିଜେ ବକ୍ସ। ଏହା ଫଳରେ ହଜାର ହଜାର ସଂଖ୍ୟାର ପାରମ୍ପରିକ ବାଦ୍ୟକାର ଆଜି ନିଜର ଜୀବିକା ହରାଇଛନ୍ତି। ଗୋଟିଏ ପଟେ ଆମେ 'ଓଡ଼ିଆ ଅସ୍ମିତା'ର କଥା କହୁଛୁ, ଅନ୍ୟପଟେ ଆମର ମୂଳ ଲୋକକଳାକୁ ଡିଜେର ଶବ୍ଦ ତଳେ ଚାପି ଦେଉଛୁ। ଡିଜେରେ ବାଜୁଥିବା ଅଶ୍ଳୀଳ ରିମିକ୍ସ ଗୀତ ଓ ସେଥିରେ ଯୁବପିଢ଼ିର ବିକୃତ ନୃତ୍ୟ ସାମାଜିକ ମୂଲ୍ୟବୋଧକୁ ରସାତଳକୁ ନେଇଯାଉଛି।

ଏହା ଆମର ଭବିଷ୍ୟତ ପିଢ଼ିଙ୍କୁ ଏକ ବିକୃତ ସଂସ୍କୃତି ଆଡ଼କୁ ଠେଲି ଦେଉଛି। ସୁପ୍ରିମକୋର୍ଟ ଏବଂ ଜାତୀୟ ସବୁଜ ଅଦାଲତ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସ୍ପଷ୍ଟ ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି। ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ଉପରେ କଡ଼ା କଟକଣା ସହ ଶବ୍ଦ ସୀମା ୭୫ ଡେସିବେଲ ମଧ୍ୟରେ ରଖିବା ପାଇଁ ନିୟମ ରହିଛି। ମାତ୍ର ଓଡ଼ିଶାରେ ଏହାର କାର୍ଯ୍ୟକାରିତା ପ୍ରଶ୍ନବାଚୀ ସୃଷ୍ଟି କରେ। କେତେକ କ୍ଷେତ୍ରରେ ଦେଖାଯାଏ ପ୍ରଶାସନ ସବୁ ଜାଣି ମଧ୍ୟ ଅନେକ ସମୟରେ ରାଜନୈତିକ ବା ସାମାଜିକ ଚାପରେ ଚୁପ୍ ରହୁଛି। କେବଳ ଲାଇସେନ୍ସ ଯାଞ୍ଚ କରିବା ଯଥେଷ୍ଟ ନୁହେଁ, ବରଂ ଉଚ୍ଚ ଶବ୍ଦ କରୁଥିବା ଯନ୍ତ୍ରାଂଶ ଗୁଡ଼ିକୁ ସମ୍ପୂର୍ଣ୍ଣ ଜବତ କରିବା ଏବଂ ବ୍ୟବସାୟୀଙ୍କ ଉପରେ କଠୋର ଦଣ୍ଡବିଧାନ କରିବା ଜରୁରୀ।

ଲୋକଙ୍କର ଏକ ଭୁଲ ଧାରଣା ରହିଛି ଯେ ଡିଜେ ବିନା ଉତ୍ସବ ଜମିବ ନାହିଁ। ମାତ୍ର ଏକ ବିବାହ ଉତ୍ସବରେ ଡିଜେ ପାଇଁ ଖର୍ଚ୍ଚ ହେଉଥିବା ୫୦ ହଜାରରୁ ଲକ୍ଷେ ଟଙ୍କା ଯଦି ସ୍ଥାନୀୟ ଲୋକକଳାକାରଙ୍କୁ ଦିଆଯାଆନ୍ତା, ତେବେ ଶହ ଶହ ପରିବାର ପ୍ରତିପୋଷିତ ହୋଇପାରନ୍ତେ।ଏହାଦ୍ୱାରା ଆମର ପାରମ୍ପରିକ ଶିଳ୍ପ ବଞ୍ଚି ରୁହନ୍ତା ଏବଂ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହୁଅନ୍ତା।

ଡିଜେ ସମସ୍ୟାର ସମାଧାନ ପାଇଁ ଏକ ବୈପ୍ଳବିକ ପଦକ୍ଷେପର ଆବଶ୍ୟକତା ରହିଛି । ଯେଉଁଠି ଲାଉଡସ୍ପିକର ବ୍ୟବହାର ଅନିବାର୍ଯ୍ୟ, ସେଠାରେ ସାଉଣ୍ଡ-ଲିମିଟର ଲଗାଇବା ବାଧ୍ୟତାମୂଳକ ହେବା ଉଚିତ। ଯେପରି ଧ୍ୱନି ୭୫ ଡେସିବେଲ ଅତିକ୍ରମ କରିବ ନାହିଁ । ପାରମ୍ପରିକ ବାଦ୍ୟ ଦଳକୁ ଉତ୍ସବମାନଙ୍କରେ ନିୟୋଜିତ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯିବା ସହ କଳାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଆଇନ ଉଲ୍ଲଂଘନକାରୀଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ ସହ ସେମାନଙ୍କର ଯନ୍ତ୍ରପାତିକୁ ଚିରଦିନ ପାଇଁ ଜବତ କରାଯାଉ।

ଆନନ୍ଦ କେବେ ବି କାହାକୁ କଷ୍ଟ ଦେଇ ମିଳେ ନାହିଁ। ଯଦି ଆମର ମାତ୍ର କେଇ ଘଣ୍ଟାର ମଜା ଅନ୍ୟର ଜୀବନ ପ୍ରତି ବିପଦ ସୃଷ୍ଟି କରେ, ତେବେ ତାହା ମଜା ନୁହେଁ, ବରଂ ଏକ ସାମାଜିକ ଅପରାଧ। ଓଡ଼ିଶା ହେଉଛି ଜଗନ୍ନାଥ ସଂସ୍କୃତିର ଦେଶ, ଯେଉଁଠି ଶବ୍ଦ ବ୍ରହ୍ମର ଉପାସନା କରାଯାଏ। ଏହି ପବିତ୍ର ମାଟିରେ ଡିଜେର ଏଭଳି କର୍କଶ ଶବ୍ଦ କଦାପି ଗ୍ରହଣୀୟ ନୁହେଁ। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ଶବ୍ଦହୀନ ଓ ଶାନ୍ତ ଓଡ଼ିଶା ଗଠନ ପାଇଁ ସଂକଳ୍ପ କରିବା। ସରକାର କଠୋର ଆଇନ ପ୍ରଣୟନ କରନ୍ତୁ ଏବଂ ଜନସାଧାରଣ ସଚେତନ ହୁଅନ୍ତୁ। ନହେଲେ ଭବିଷ୍ୟତ ପିଢ଼ି ଶବ୍ଦର ଏହି ଅନ୍ଧକାର ଗଳିରେ ନିଜର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସବୁଦିନ ପାଇଁ ହରାଇ ବସିବେ। ଆଜିର ସାମାନ୍ୟ ସଚେତନତା ଆସନ୍ତାକାଲିର ସୁସ୍ଥ ସମାଜର ମୂଳଦୁଆ ହେବ।

ମୋ : ୭୭୮୭୦୦୧୦୦୧

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ତେଲ ସଙ୍କଟ, ରାସ୍ତା ଅବରୋଧ



ଭଞ୍ଜନଗର,୧୬।୫(ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀରେ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା କାରଣରୁ ଦେଶରେ ତୈଳ ସଂକଟ ସୃଷ୍ଟି ହୋଇଛି। ଫଳରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକରେ ମଧ୍ୟ ଏହାର ପ୍ରଭାବ ପଡିଛି। କେତେକ ଟାଙ୍କିରେ ତୈଳ ମହଜୁଦ ନ ଥିବାରୁ କେବଳ ଜରୁରୀକାଳୀନ ସେବାରେ ନିୟୋଜିତ ପୋଲିସ ଭ୍ୟାନ୍, ଦମକଳ ଏବଂ ଆମ୍ବୁଲାନ୍ସ ଗାଡିକୁ ପେଟ୍ରୋଲ ଏବଂ ଡିଜେଲ୍ ଯୋଗାଇ ଦିଆଯାଉଥିବା ବେଳେ ସାଧାରଣ ଗ୍ରାହକଙ୍କ ପାଇଁ ବାରଣ ହୋଇଛି। ତେବେ ବିଭିନ୍ନ ଟାଙ୍କିରେ ତୈଳ ମହଜୁଦକୁ ନେଇ ଭିନ୍ନ ଭିନ୍ନ ସ୍ଥିତି ଦେଖିବାକୁ ମିଳିଛି। ଶନିବାର ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ଛକରେ ଥିବା ଟାଙ୍କିରେ ତେଲ ନି ମିଳିବା ନେଇ ଲୋକେ ତାତିଛନ୍ତି। ତେଲ ପ୍ରଦାନ ଦାବିରେ ଉତ୍ୟକ୍ତ ଲୋକ କିଛି ସମୟ ପାଇଁ ସହରର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପରେ ଲୋକଙ୍କୁ ତେଲ ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

ଭଞ୍ଜନଗର ବ୍ଲକ ବିଭିନ୍ନ ସ୍ଥାନରେ ୮ଟି ପେଟ୍ରୋଲ ପମ୍ପ ଥିବା ବେଳେ ପ୍ରଚୁର ତେଲ ମହଜୁଦ୍ ରହିଛି। ଶୁକ୍ରବାର ସକାଳୁ ଅନେକ ଟାଙ୍କିରେ ପେଟ୍ରୋଲ ସର୍ବାଧିକ ୨୦୦ ଟଙ୍କା ଓ ଡିଜେଲ ୧ ହଜାର ଟଙ୍କା ଦିଆଯାଉଥିଲା। ତେବେ ଶନିବାର ଷ୍ଟେଟ ବ୍ୟାଙ୍କ ଛକରେ ଥିବା ପେଟ୍ରୋଲ ପମ୍ପରେ ତେଲ ପାଇଁ ଲୋକେ ଭୋର ସମୟରୁ ଧାଡିରେ ଅପେକ୍ଷାରେ କରି ରହିଥିଲେ। ଦୀର୍ଘ ସମୟର ଅପେକ୍ଷା ପରେ ଲୋକଙ୍କୁ ତେଲ ନ ମିଳିବାରୁ ଲୋକେ ତାତି ଉତ୍ୟକ୍ତ ହୋଇ ଉଠିଥିଲେ। ସେହିପରି ମଧ୍ୟାହ୍ନ ପରଠାରୁ ସ୍ଥିତି ଆହୁରି ସଂଗିନ ହୋଇପଡ଼ିଥିଲା। ତେଲ ସରିଯିବ ଆଶଙ୍କାରେ ଟାଙ୍କି ବାହାରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। କିଛି ଟାଙ୍କିରେ ତେଲ ସରିଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ପୋଲିସର ସ୍ପେଶାଲ ଡ୍ରାଇଭ୍, ୱାରେଣ୍ଟି ଗିରଫ

ବୁଗୁଡା,୧୬।୫(ନି.ପ୍ର): ରାଜ୍ୟ ପୋଲିସ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ମେ ୫ ତାରିଖରୁ ୱାରେଣ୍ଟି ଧରପଗଡ ଚାଲିଥିବା ବେଳେ ଜଣେ ୱାରେଣ୍ଟିକୁ ବୁଗୁଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ । ଗିରଫ ୱାରେଣ୍ଟି ଜଣକ ହେଲେ ଖରିଡା ଗ୍ରାମର ଟୁକୁନା ବିଷୋୟୀ (୩୭)। ଚାରି ବର୍ଷ ତଳେ ଘରୋଇ କଳି ଘଟଣାରେ ଜଡିତ ଥିବା ଟୁକୁନା ଫେରାର ରହିଥିବା ବେଳେ ତାଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୨୦୭/୨୦୨୨ରେ ଏକ ମାମଲା ରହିଥିଲା। ଏହି ୱାରେଣ୍ଟି ଧରପଗଡ ଅଭିଯାନରେ ଏଏସଆଇ ସୁମନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟର ସ୍ନାତକ ଫଳାଫଳ ପ୍ରକାଶ

# ବାଣିଜ୍ୟରେ ସୁନିତା ଓ ହିନ୍ଦୀରେ ତୁଳସୀଙ୍କୁ ଶୀର୍ଷସ୍ଥାନ





ଆସିକା,୧୬।୫(ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକ ଫଳାଫଳ ପ୍ରକାଶ ପାଇଛି।ଆସିକା ବିଜ୍ଞାନ ମହାବିଦ୍ୟାଳୟର ବାଣିଜ୍ୟ ସମ୍ମାନରେ ୮୫.୧୪% ରଖି ସୁଶ୍ରୀ ସୁନିତା ମହାରଣା ସର୍ବଶ୍ରେଷ୍ଠ ସ୍ଥାନ ଅଳଙ୍କୃତ କରିଛନ୍ତି। ସେ ଆସିକା ବ୍ଲକ ଅନ୍ତର୍ଗତ ଭେଙ୍କଟରାୟପଲ୍ଲି ଗ୍ରାମ ନିବାସୀ ତ୍ରିଲୋଚନ ମହାରଣା ଏବଂ ସଂଯୁକ୍ତା ମହାରଣାଙ୍କ ସୁଯୋଗ୍ୟା କନ୍ୟା । ସେହିପରି ସୁଶ୍ରୀ ତୁଳସୀ ସ୍ୱାଇଁ ମଧ ହିନ୍ଦୀ ସମ୍ମାନରେ ୮୯.୧୪% ରଖି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେ ଧରାକୋଟ ବ୍ଲକ ଅନ୍ତର୍ଗତ ଢ଼ଉଗାଁ ଗ୍ରାମନିବାସୀ ସ୍ୱର୍ଗତ ପ୍ରଦୀପ କୁମାର ସ୍ୱାଇଁ ଏବଂ ରଶ୍ମିତା ସ୍ୱାଇଁଙ୍କ ସୁଯୋଗ୍ୟା କନ୍ୟା । ଉଭୟ ଛାତ୍ରୀ ଏହି ସଫଳତାର ଶ୍ରେୟ ଅଭିଭାବକଙ୍କ ଆଶୀର୍ବାଦ, ନିଜର ଅକ୍ଳାନ୍ତ ପରିଶ୍ରମ ଏବଂ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକାଙ୍କ ପଠନୀୟ ଶୈଳୀ ଏବଂ ଅଧକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତାଙ୍କୁ ଦେଇଛନ୍ତି। ଏତଦ୍ ବ୍ୟତୀତ ଜନୈକ ଓଡ଼ିଆ ବିଭାଗର ଛାତ୍ର ଅନିଲ ନାହାକ, ୭୯.୭୧% ରଖି ସପ୍ତମ ସ୍ଥାନ, ରାଜନୀତି ବିଜ୍ଞାନ ବିଭାଗର ଜନୈକ ଛାତ୍ରୀ ସୁଶ୍ରୀ ପୂଜା ମହାନ୍ତି, ୮୨.୭୮,% ରଖି ୮ମ ସ୍ଥାନ ଏବଂ ପ୍ରାଣୀବିଜ୍ଞାନ ବିଭାଗର ଜନୈକ ଛାତ୍ରୀ ନିକିତା ରାଣୀ ଗୌଡ଼, ୮୫.୬୪% ୧୦ମ ସ୍ଥାନ ଅଳଙ୍କୃତ କରିଛନ୍ତି। ପ୍ରକାଶ ଥାଉକି ବିଗତ ପନ୍ଦର ବର୍ଷ ଧରି ଆସିକା ବିଜ୍ଞାନ ମହାବିଦ୍ୟାଳୟର ହିନ୍ଦୀ ବିଭାଗରୁ ମେଧାବୀ ଛାତ୍ରଛାତ୍ରୀମାନେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସ୍ତରରେ ସର୍ବଶ୍ରେଷ୍ଠ ସ୍ଥାନ ଅଳଙ୍କୃତ କରି ଆସୁଛନ୍ତି। ଚଳିତ ବର୍ଷ ମଧ୍ୟରେ ସୁଶ୍ରୀ ଇପ୍ସିତା ସାମଲ, ୮୭.୭୮% ୨ୟ ସ୍ଥାନରେ, ସୁଶ୍ରୀ ମମତା ଭଞ୍ଜ, ୮୪.୩୫% ୩ୟ ସ୍ଥାନରେ, ସୁଶ୍ରୀ ସୁନେଲି ପରିଡ଼ା, ୮୩.୯୨% ୪ର୍ଥ ସ୍ଥାନରେ, ସୁଶ୍ରୀ ସାନିଆ ବେଗମ୍, ୮୩.୭୧% ୫ମ ସ୍ଥାନରେ, ସୁଶ୍ରୀ ଶୁଭଶ୍ରୀ ମହାପାତ୍ର, ୮୨.୦୭ % ୬ଷ୍ଠ ସ୍ଥାନରେ, ସୁଶ୍ରୀ ଲିଜା ଗୌଡ଼, ୭୭.୮୫% ୭ମ ସ୍ଥାନରେ, ସୁଶ୍ରୀ ସୁନିତା ସ୍ୱାଇଁ, ୭୩.୬୪% ୮ମ ସ୍ଥାନରେ, ଶ୍ରୀ ଚନ୍ଦନ କୁମାର ଗୌଡ଼, ୭୨.୭୧%, ୯ମ ସ୍ଥାନରେ ଏବଂ ସୁଶ୍ରୀ କେ. ସୁନେଲି କୁମାରୀ ପାତ୍ର, ୬୯.୯୨% ୧୦ମ ସ୍ଥାନରେ ଅଛନ୍ତି।ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଏହି ସଫଳତାର ଶ୍ରେୟ ଅଧକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତାଏବଂ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ନିଆରା ଢ଼ଙ୍ଗର ପଠନ ଶୈଳି, ପ୍ରେରଣା ଏବଂ ପ୍ରୋତ୍ସାହନକୁ ବଖାଣିଛନ୍ତି। ମେଧାବୀ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଭିଭାବକ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଛି।

## ଡିହଗାଁ ପ୍ରିମିଅର୍ ଲିଗ୍ ଉଦ୍‌ଘାଟିତ

ଦଶପଲ୍ଲା,୧୬।୫(ନି.ପ୍ର): ଦଶପଲ୍ଲା ବ୍ଲକ୍ ଡିହଗାଁ ପଞ୍ଚାୟତ ଅନ୍ତର୍ଗତ ଜାନିସାହି ଠାରେ ଫ୍ରେଣ୍ଡସିପ୍ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଡିହଗାଁ ପ୍ରିମିଅର୍ ଲିଗ୍ ସିଜିନ୍ – ୩ ଉଦଘାଟିତ ହୋଇଯାଇଛି। ଡିହଗାଁ ପଞ୍ଚାୟତ ନାଏବ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ରାଉତ ଓ ଗ୍ରାମର ଯୁଗଳ କିଶୋର ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଚାମ୍ପିଅନ ଏବଂ ରନର୍ସଅପ୍ ଟ୍ରଫିକୁ ଏକ ସୁସଜ୍ଜିତ ସାଜସଜ କରି ପଡ଼ିଆ ମଧକୁ ନିଆଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଟିମ୍ ଭାଗ ନେଉଛନ୍ତି। ଶନିବାର ପ୍ରଥମ ମ୍ୟାଚରେ ବ୍ୟାଟିଂ



କରି ଏସ୍ ପଲଟନ୍ ୧୧ ଦଳ ୧୦ ଓଭରରେ ୧୨୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ଏସ୍.କେ ୱାରିଅରସ୍ ୧୧ ଦଳ ୧୦ ଓଭରରେ ୧୨୫ ରନ୍ କରି ବିଜୟ ଲାଭ କରିଥିବା ବେଳେ ଦଳର ବଚନ ବିଶ୍ୱାଳ ୨୫ ବଲରେ ଧୂଆଁଧାର ୬୦ ରନ୍ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଡି.କେ ୱାରିଅରସ୍ ୧୧ ଦଳ ୧୦ ଓଭରରେ ୧୪୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ଏସ୍.କେ ୱାରିଅରସ୍ ୧୧ ଦଳ ମାତ୍ର ୧୨୫ ରନ୍ କରି ମ୍ୟାଚ୍ ହାରି ଯାଇଥିଲେ। ଡି.କେ ୱାରିଅରସ୍ ଦଳର ଜିତେନ୍ଦ୍ର ମୁଦୁଲି ୧୯ ବଲରେ ଧୂଆଁଧାର ୩୭ ରନ୍ ସଂଗ୍ରହ କରିଥିଲେ । ଡି.କେ ୱାରିଅରସ୍ ଦ୍ୱିତୀୟ ଦଳ ଭାବେ ବିଜୟ ଲାଭ କରିଥିଲେ । ଗ୍ରାମର ମନୋରଞ୍ଜନ ଜେନା, ରଞ୍ଜନ ପାତ୍ର, ଆଲୋକ ବେହେରା, ଅମରେନ୍ଦ୍ର ପ୍ରସାଦ, କାଳନ୍ଦୀ ପ୍ରଧାନ, ତାପସ ନାୟକ, ତପନ ବେହେରା, ଅନୟ ଅଞ୍ଜନ ପ୍ରଧାନ ଓ ଚନ୍ଦନ ପାତ୍ର ପ୍ରମୁଖ ଡି.ପି.ଏଲ୍ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଶୁଖୁଆ ଉତ୍ପାଦନରେ ଆଧୁନିକତା ଆଣିବ ଦକ୍ଷିଣ ଫାଉଣ୍ଡେସନ



ଗଞ୍ଜାମ,୧୬।୫(ନି.ପ୍ର): ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୋଡ଼ମପେଟା କମ୍ୟୁନିଟି ସେଣ୍ଟରରେ 'ଦକ୍ଷିଣ ଫାଉଣ୍ଡେସନ'ର ସହଯୋଗରେ ଏକ ଶୁଖୁଆ ଉତ୍ପାଦକ ଗୋଷ୍ଠୀ ଗଠନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୋଡ଼ମପେଟା ଓ ଗୋଖରକୁଦା ଗ୍ରାମର ବହୁ ସଂଖ୍ୟକ ମତ୍ସ୍ୟଜୀବୀ ମହିଳା ଓ ଶୁଖୁଆ ବ୍ୟବସାୟୀମାନେ ଯୋଗଦେଇଥିଲେ। ସଭାର ମୂଳ ଉଦ୍ଦେଶ୍ୟ ଥିଲା କ୍ଷୁଦ୍ର ଶୁଖୁଆ ଉତ୍ପାଦକମାନଙ୍କୁ ଏକତ୍ର କରି ଏକ ସୁଦୃଢ଼ ସଂଗଠନ ଗଠନ କରିବା, ଯାହା ମାଧ୍ୟମରେ ସେମାନଙ୍କ ଜୀବିକାର ଉନ୍ନତି ଓ ବଜାର ସଂଯୋଗକୁ ଅଧିକ ସକ୍ରିୟ କରାଯାଇପାରିବ। ଆଲୋଚନା ସମୟରେ ସ୍ୱଚ୍ଛ ଓ ଆଧୁନିକ ପ୍ରଣାଳୀରେ ଶୁଖୁଆ ପ୍ରସ୍ତୁତି, ଉତ୍ପାଦନର ଗୁଣବତ୍ତା ବୃଦ୍ଧି ଓ ସରକାରୀ ଯୋଜନାର ଲାଭ କିପରି ମିଳିପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା।ବିଶେଷ କରି ମହିଳା ଉଦ୍ୟୋଗୀମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସମୂହ ଭିତ୍ତିକ କାର୍ଯ୍ୟ, ସଞ୍ଚୟ ଓ ସହଯୋଗର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। ଏହି ପ୍ରୟାସ ଦ୍ୱାରା ଶୁଖୁଆ ଉତ୍ପାଦନରେ ଆଧୁନିକତା ଆସିବା ସହ ସିଧାସଳଖ ବଜାର ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଫଳରେ ମଧ୍ୟସ୍ଥଙ୍କ ପ୍ରଭାବ କମିବ ଓ ଉତ୍ପାଦକମାନେ ଉଚିତ ମୂଲ୍ୟ ପାଇପାରିବେ।ଏହା ସହିତ ଏହି ଗୋଷ୍ଠୀ ଆଗାମୀ ଦିନରେ ମହିଳାଙ୍କ ଆୟ ବୃଦ୍ଧି ସହ ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ଏକ ନୂତନ ଦିଗ ଖୋଲିବ ବୋଲି ମତ ପ୍ରକାଶ ପାଇଛି।

ଉକ୍ତ ସଭାରେ ମହାଶକ୍ତି ଫାଉଣ୍ଡେସନ ନିର୍ଦ୍ଦେଶକ ମୋହନ ବଳିୟାର ସିଂହ, କେ. ଆଲେୟା, ମତ୍ସ୍ୟ ବିଭାଗ ଅଧିକାରୀ ଗୀତାରାଣୀ ବେହେରା, ରାଜେଶ୍ୱରୀ, ପାଳିବନ୍ଧ ସରପଞ୍ଚ ସଂଯୁକ୍ତ ପ୍ରଧାନ, ନାୟବ ସରପଞ୍ଚ କୃଷ୍ଣ ଚନ୍ଦ୍ର ପ୍ରଧାନ, ସିଏଚ୍ ଚେନେୟା, କେଦାର, ସିଏଚ୍ ସତିଗା, ମଙ୍ଗରାଜ ପଣ୍ଡା, ବନ୍ଦନା ପ୍ରଧାନ, କୁନି ଜେନା, ମାଗାଦା ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମୁଦାୟର ବରିଷ୍ଠ ବ୍ୟକ୍ତିବର୍ଗ ଓ ଦକ୍ଷିଣ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।

## ଘରେ ଓ ମନ୍ଦିରରେ ସାବିତ୍ରୀ ବ୍ରତ ପାଳିତ



ବୁଗୁଡ଼ା,୧୬।୫(ନି.ପ୍ର): ପବିତ୍ର ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ବୁଗୁଡା ଅଞ୍ଚଳର ଘରେ ଘରେ ଏବଂ ବିଭିନ୍ନ ମନ୍ଦିରେ ସାବିତ୍ରୀ ବ୍ରତ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀ ନାରୀମାନଙ୍କ ପକ୍ଷରୁ ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରାଯାଉଥିବା ବେଳେ ବ୍ରତକାରିଣୀମାନେ ବ୍ୟକ୍ତିଗତ ଭାବେ ନିଜ ନିଜ ଘରେ ଓ ମନ୍ଦିରସହିତ ଅନ୍ୟ ସ୍ଥାନରେ ଲକ୍ଷ୍ମୀନାରାୟଣଙ୍କୁ ଭକ୍ତିପୂତ ଭାବରେ ପୂଜା କରିଥିଲେ। ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ କାଟି ଗଣପତି ଘଟ ସ୍ଥାପନା ସାଙ୍ଗକୁ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଯତ୍ନରେ ସଜାଇ ଲକ୍ଷ୍ମୀନାରାୟଣ ରୂପେ ସ୍ଥାପନ କରି ଧୂପ, ଦୀପ, ଗନ୍ଧ, ପୁଷ୍ପ ଅର୍ପଣ ପୂର୍ବକ ସାବିତ୍ରୀ ବ୍ରତ ପାଳନ କରିଥିଲେ । ପାଚିଲା ଆମ୍ବ, ପଣସ, ସପୁରୀ, ତାଳସଜ, ନଡିଆ, କଦଳୀ ପ୍ରଭୃତି ନାନା ଜାତିର ପକ୍ୱ ଫଳ ଓ ଧୁଆ ମୁଗ ନୈବେଦ୍ୟ ରୂପେ ବଢାଯାଇ ପୁରୋହିତଙ୍କ ଦ୍ୱାରା ସାବିତ୍ରୀ ବ୍ରତ କଥା ଶ୍ରବଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ବ୍ରତ ପାଳନକାରିଣୀମାନେ ଆନନ୍ଦ ମନରେ ପୂଜା ସାରି ଠାକୁରଙ୍କୁ ପୁଷ୍ପାଞ୍ଜଳି ଦେଇଥିଲେ।

## ବସ୍ ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା ଫେରାର ଆସାମୀ ଗିରଫ

ବୁଗୁଡା,୧୫।୫(ନି.ପ୍ର): ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗାଁ ଗୁଡିସାହି ଛକରେ ଗତ ଜାନୁୟାରୀ ମାସରେ ବଳିଆ ପଣ୍ଡା ନାମକ ଏକ ଘରୋଇ ଯାତ୍ରୀବାହୀ ବସର ଡ୍ରାଇଭର ନିରଞ୍ଜନ ଗୌଡ(୪୩)ଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ ସମ୍ପୃକ୍ତ ଲୋକନାଥ ବେହେରା(୧୮) ଓରଫ୍ କାହ୍ନାକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ । ଏ ନେଇ ପୋଲିସ ଥାନାରେ କେସ୍ ନଂ ୩୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଘଟଣା ପରଠୁ କାହ୍ନା ଫେରାର ରହିଥିଲା। ତେବେ ମାମଲାର ତଦନ୍ତକାରୀ ଅଧିକାରୀ ଏଏସଆଇ ସୁମନ୍ତ କୁମାର ବେହେରା କାହ୍ନାକୁ ଗିରଫ କରିବାରେ ସଫଳ ହୋଇଥିଲେ।

## ପେନସନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ପାଇଁ ପ୍ରସ୍ତୁତି ବୈଠକ

# ସମାଧାନ ପାଇଁ ଅଦାଲତରେ ଉପସ୍ଥିତ ରହିବାକୁ ଅନୁରୋଧ

ନବରଙ୍ଗପୁର,୧୬।୫(ନି.ପ୍ର): ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ତିନୋଟି ଜିଲ୍ଲା ଯଥା ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରିର ପେନସନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲଠାରେ ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଡେପୁଟି କଲେକ୍ଟର ପ୍ରତିଷ୍ଠାନ ସମିନା ଆଖତାରି, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୃତ ସରକାରୀ କର୍ମଚାରୀଙ୍କ ଉତ୍ତରାଧିକାରୀମାନେ ନିଜର ପେନସନ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଯଦି ଥାଏ ତେବେ ପେନସନ ଅଦାଲତରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା। ସରକାରୀ କର୍ମଚାରୀଙ୍କ ପାଇଁ ଏହା କୋରାପୁଟ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୦୯:୦୦ ଘଟିକା ଠାରୁ ଏବଂ ପୋଲିସ ବିଭାଗର କର୍ମଚାରୀଙ୍କ ପାଇଁ ତା:୨୨.୦୫.୨୬ ରିଖ ପୂର୍ବାହ୍ନ ୯:୦୦ ଘଟିକା ଠାରୁ ଅନୁଷ୍ଠିତ ହେବ ।ଯେଉଁ ହିତାଧିକାରୀଙ୍କ ପେନସନ ସମ୍ବନ୍ଧୀୟ କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଛି ସେମାନେ ଉପରଲିଖିତ ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗର ସମାଧାନ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ଆର୍ଟ ଅଫ ଗିଭିଂ ଡେ ପାଳିତ

ଦଶପଲ୍ଲା,୧୬।୫(ନି.ପ୍ର): ଦଶପଲ୍ଲା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳ ତୁମାଣ୍ଡି ଗ୍ରାମରେ ଶନିବାର ଉତ୍ସାହର ସହିତ ପାଳନ ହୋଇଯାଇଛି ଆର୍ଟ ଅଫ ଗିଭିଂ ଡେ। ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଦିବସ ପ୍ରତିବର୍ଷ ପାଳନ କରାଯାଉଛି । ଯାହାର ମୂଳମନ୍ତ୍ର ଖୁସି ବାଣ୍ଟିଲେ ବଢ଼େ ରହିଛି। କିସ୍ କର୍ମଚାରୀ ପ୍ରମୋଦ କୁମାର ବାରିକଙ୍କ ନେତୃତ୍ୱରେ ତୁମାଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମଧ ଆର୍ଟ ଅଫ ଗିଭିଂ ଡେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କିସ୍ କର୍ମଚାରୀ ଇପ୍ସିତା ପ୍ରିୟଦର୍ଶିନୀ ଯୋଗଦେଇ ଆର୍ଟ ଅଫ ଗିଭିଂ କେବଳ ଗୋଟିଏ ଦିନ ନୁହେଁ, ଏହା ଏକ ଜୀବନ ଶୈଳୀ। ଛୋଟଛୋଟ ସହଯୋଗ ହିଁ ସମାଜରେ ବଡ଼ ପରିବର୍ତ୍ତନ ଆଣେ ବୋଲି କହିବା ସହ ଡ଼କ୍ଟର ସାମନ୍ତଙ୍କ ଏହି ପରିକଳ୍ପନା ଓ ନିଆରା ଚିନ୍ତାଧାରା ସମ୍ପର୍କରେ ଉପସ୍ଥିତ ତୁମାଣ୍ଡି ଗ୍ରାମ ପଞ୍ଚାୟତର ଶତାଧିକ ଜନସାଧାରଣଙ୍କୁ ଅବଗତ କରାଇଥିଲେ।ସ୍ଥାନୀୟ ଗ୍ରାମ ପଂଚାୟତ ସରପଞ୍ଚ ମିତାରାଣୀ ମାଝୀ ଓ ସମିତିସଭ୍ୟ ଅନୁପମା ମଲିକଙ୍କ ସମେତ ଯୁବ ସମାଜସେବୀ ରାଜେଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗଟିଭି ପ୍ରତିନିଧି ପ୍ରିୟବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଆର୍ଟ ଅଫ ଗିଭିଂ ଭଳି ନିଆରା କାର୍ଯ୍ୟକ୍ରମକୁ ଦେଖି ଉପସ୍ଥିତ ଯୁବ, ମହିଳା, ବୟୋଜ୍ୟେଷ୍ଠମାନେ ଡ଼କ୍ଟର ଅଚ୍ୟୁତ ସାମନ୍ତଙ୍କୁ ଖୁବ ପ୍ରଶଂସା କରିଥିଲେ। ସ୍ଥାନୀୟ ଯୁବ ସମାଜସେବୀ ଶିଳନ ଦଳବେହେରା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସମାପ୍ତି ଘୋଷଣା କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୩ ପରୀକ୍ଷାଫଳ ପ୍ରକାଶ

# ଟପ୍ ଟେନରେ ପିପୁଲ୍ସ କଲେଜର ୫ ଛାତ୍ରଛାତ୍ରୀ

ବୁଗୁଡା,୧୬।୫(ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତତିନିର ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ପିପୁଲ୍ସ କଲେଜର କଳା ଓ ବିଜ୍ଞାନର ବିଭିନ୍ନ ବିଭାଗର ଟପଟେନ୍ ତାଲିକାରେ ୫ ଜଣ ମେଧାବୀ ଛାତ୍ରଛାତ୍ରୀ ସ୍ଥାନ ପାଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗ ପାଇଁ ପ୍ରସ୍ତୁତ ଟପଟେନ୍ ତାଲିକାରେ ପିପୁଲ୍ସ କଲେଜର ଆଇଆରପିଏମ୍ ବିଭାଗର ମେଧାବୀ ଛାତ୍ରୀ ପୂଜାରାଣୀ ପ୍ରଧାନ ୧୧୬୯ ମାର୍କ ହାସଲ କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ମନିଷା କୁମାରୀ ଗୌଡ ୧୧୬୫ ମାର୍କ ପ୍ରାପ୍ତ କରି ଦ୍ୱିତୀୟ ସ୍ଥାନରେ ଏବଂ ସୋନାଲି ମହାରଣା ୧୧୧୧ ମାର୍କ ରଖି ଦଶମ ସ୍ଥାନରେ ରହିଛନ୍ତି। ସେହିପରି ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ରୂପାଲି ପାତ୍ର ୧୧୬୮ ମାର୍କ ପ୍ରାପ୍ତ କରି ତୃତୀୟ ସ୍ଥାନରେ ରହିଥିବା ବେଳେ ରସାୟନ ବିଜ୍ଞାନ ବିଭାଗର ଛାତ୍ର ଡି.ଗିରିଜା ଆଚାରୀ ୧୧୮୭ ମାର୍କ ହାସଲ କରି ଟପଟେନ୍ ତାଲିକାର ଦଶମ ସ୍ଥାନରେ ଅଛନ୍ତି। ଏହି ମେଧାବୀ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ପିପୁଲ୍ସ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ସମେତ କଲେଜ କର୍ତ୍ତୃପକ୍ଷ ଏବଂ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବିଶ୍ରାମ ଦିବସ: ଆଡ଼ପ ମଣ୍ଡପରେ ମା' ରାମାୟଣାମ୍ମାଙ୍କୁ ଭକ୍ତଙ୍କ ଦର୍ଶନ



ଛତ୍ରପୁର,୧୬।୫(ନିପ୍ର): ଐତିହାସିକ ଠାକୁରାଣୀ ଯାତ୍ରା ପାଇଁ ଛତ୍ରପୁର ସହର ଉତ୍ସବ ମୁଖର ହୋଇ ଉଠିଛି । ପବିତ୍ର ସାବିତ୍ରୀ ଅମାବାସ୍ୟା ତିଥିରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାବିଧି, ନୀତିକାନ୍ତି ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ସନ୍ଧ୍ୟାରେ ମା'ରାମାୟଣାମ୍ମାଙ୍କ ଘଟଯାତ୍ରାକୁ ବିଶ୍ରାମ ଦିଆଯାଇଥିଲା। ଠାକୁରାଣୀଙ୍କ ଘଟ ଯାତ୍ରା ବନ୍ଦ ଥିବା ହେତୁ ଆଡ଼ପ ମଣ୍ଡପରେ ଅଗଣିତ ଶ୍ରଦ୍ଧାଳୁ ଭକ୍ତଦେବୀଙ୍କ ଦୁର୍ଲ୍ଲଭ ଦର୍ଶନ କରି ଆତ୍ମ ବିଭୋର ହୋଇ ଉଠିଥିଲେ ।ଅସଂଖ୍ୟ ମହିଳା ଭକ୍ତ ମା'ରାମାୟଣାମ୍ମାଙ୍କ ଠାରେ ସ୍ୱତନ୍ତ୍ର ଭୋଗ ଲାଗି କରାଇଛନ୍ତି ।ତେବେ ହଜାର ହଜାର ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୁଇଟି ସ୍ୱତନ୍ତ୍ର ମଞ୍ଚରେ ଆନ୍ଧ୍ର ପ୍ରଦେଶର ଦକ୍ଷ କଳାକାର ମାନେ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଦୈନିକ ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କଡ଼ା ନିରାପତ୍ତା ବ୍ୟବସ୍ଥା ମାଧ୍ୟମରେ ଶୃଙ୍ଖଳିତ ଭାବେ ଯାତ୍ରା ଉତ୍ସବ ପରିଚାଳିତ ହୋଇ ଆସୁଛି ।

## ପୋଖରୀରେ ବୁଡି ଦିବ୍ୟାଙ୍ଗ ନାବାଳିକାଙ୍କ ମୃତ୍ୟୁ

ଭଞ୍ଜନଗର,୧୬।୫(ନି.ପ୍ର): ଭଞ୍ଜନଗର ଉପଖଣ୍ଡ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗାଙ୍ଗପୁର ଥାନା ଅଧୀନସ୍ଥ ନୁଣିପଡ଼ା ଶାସନ ଛକରେ ରହୁଥିବା ନୁଣିପଡ଼ା ଗ୍ରାମର ଶ୍ରୀଧର ଗୌଡଙ୍କ ନଅ ବର୍ଷର ଦିବ୍ୟାଙ୍ଗ ଝିଅ କୁନ୍ତଳା ଗୌଡ଼ ଓରଫ ଲକ୍ଷ୍ମୀ, ଶନିବାର ନିକଟରେ ଥିବା ମିଲ୍ ପୋଖରୀରେ ଗାଧୋଇବାବେଳେ ବୁଡି ମୃତ୍ୟୁ ବରଣ କରିଛନ୍ତି। ସ୍ଥାନୀୟ ଲୋକେ ପୋଖରୀରୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ କୁନ୍ତଳାକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସଙ୍ଗେ ସଙ୍ଗେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କୁନ୍ତଳାକୁ ମୃତ ଘୋଷଣା କରିଥିଲେ। ଗାଙ୍ଗପୁର ପୋଲିସ ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି କୁନ୍ତଳାର ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ଶବ ହସ୍ତାନ୍ତର କରିଥିଲେ। କୁନ୍ତଳାର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସହଯୋଗ ଯୋଗାଇଦେବା ପାଇଁ ଶାସନର ପୂର୍ବତନ ସରପଂଚ ସଞ୍ଜୟ ପ୍ରଧାନ ନିବେଦନ କରିଛନ୍ତି।

## ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଦହିପାଣି ବଣ୍ଟନ ଓ ଅଗ୍ନିବିପନ୍ନ ପରିବାରକୁ ସହାୟତା



ଦଶପଲ୍ଲା,୧୬।୫(ନି.ପ୍ର): ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବସଷ୍ଟାଣ୍ଡ ନିକଟରେ ସକାଳ ୯ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ସମ୍ପାଦକ ନିହାର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ପଥଚାରୀ, ଶ୍ରମିକ ତଥା ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଆସିଥିବା ଶତାଧିକ ବୃଦ୍ଧମାନଙ୍କୁ ଥଣ୍ଡା ଦହିପାଣି ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭ୍ୟ ସନ୍ତୋଷ କୁମାର ସାହୁ, ମନ୍ମଥ କୁମାର ସାହୁ, ଚନ୍ଦ୍ରଶେଖର ନାଏକ, ମାନସ କୁମାର ପରିଡ଼ା, ଚନ୍ଦନେଶ୍ୱର ଦାସ, ସନ୍ତୋଷ କୁମାର ସାହୁ, ଛବିରାଜ ସାହୁ,ବିଦ୍ୟାଧର ମୁଦୁଲି, ନାରାୟଣ ସାହୁ, ସନ୍ତୋଷ କୁମାର ମୁଦୁଲି, ରବିନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୈବ ବିବିଧତା ପରିଚାଳନା କମିଟି ଟାକରା ପଞ୍ଚାୟତର ସଭାପତି ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଅନୁଷ୍ଠାନର ସଦସ୍ୟ ମାନଙ୍କୁ ଉତ୍ସାହିତ କରିବା ସହ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ଚେୟାରମ୍ୟାନ ପ୍ରିୟବ୍ରତ ଆଚାର୍ଯ୍ୟ କହିଛନ୍ତି ସେବା ହିଁ ଆମର ମୂଳଲକ୍ଷ୍ୟ । ଗ୍ରୀଷ୍ମ ପ୍ରବାହରେ ଲୋକଙ୍କୁ ଟିକେ ଆଶ୍ୱସ୍ତି ଦେବାପାଇଁ ଆମେ ଏହି ଛୋଟ ପ୍ରୟାସ କରିଛୁ। ଆଗାମୀ ଦିନରେ ମଧ ଏଭଳି ଜନହିତକର କାର୍ଯ୍ୟ ଜାରୀ ରହିବ। ଉଲ୍ଲେଖଯୋଗ୍ୟ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପୂର୍ବରୁ ମଧ ଅନେକ ଜନହିତକର କାର୍ଯ୍ୟକରି ଅଞ୍ଚଳରେ ସୁନାମ ଅର୍ଜନ କରିଛି। ସମ୍ପାଦକ ନିହାର ରଞ୍ଜନ ମହାନ୍ତିଙ୍କ ସୂଚନା ଅନୁଯାୟୀ ପୂର୍ବରୁ ଟ୍ରଷ୍ଟ ପକ୍ଷରୁ ସେବା ମହୋତ୍ସବ ମାଧ୍ୟମରେ ପ୍ରାୟ ୧ହଜାର ଅସହାୟ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ରକ୍ତଦାନ ଶିବିର ଆୟୋଜନ ଓ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ କରାଯାଇଛି। ଶିକ୍ଷାକ୍ଷେତ୍ରରେ ମଧ ଟ୍ରଷ୍ଟର ଉଲ୍ଲେଖନୀୟ ଅବଦାନ ରହିଛି। ବିଭିନ୍ନ ଗ୍ରାମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କ ଘରକୁ ଯାଇ ସଦସ୍ୟ ନାରାୟଣ ସାହୁ, ଚନ୍ଦନେଶ୍ୱର ଦାସ, ବିଦ୍ୟାଧର ମୁଦୁଲି, ଚନ୍ଦ୍ରଶେଖର ନାଏକ ପ୍ରମୁଖ ଅଭିଭାବକ ଓ ପିଲାଙ୍କୁ ବୁଝାଇ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇବା ସହ ସେମାନଙ୍କ ପାଠପଢା ପାଇଁ ସମସ୍ତ ସୁ – ବନ୍ଦୋବସ୍ତ କରାଇଛନ୍ତି। ଗତ ୧୨ ତାରିଖ ଦିନ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଗ୍ରାମ ପଞ୍ଚାୟତ ବୁରୁସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ଟି ପରିବାର ସର୍ବସାନ୍ତ ହୋଇଯାଇଥିଲା। ତେଣୁ ସେଠାରେ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ (ଟାକରା)ର ସଦସ୍ୟମାନେ ପହଞ୍ଚି ଦଣ୍ଡଧର ନାୟକ ଓ ଅଖିଳ ନାୟକଙ୍କୁ ବସ୍ତ୍ର ସହ ଚାଉଳ, ଡାଲି ଆଦି ଖାଦ୍ୟସାମଗ୍ରୀ ପ୍ରଦାନ କରିଛନ୍ତି।

## ବରପାଲି ଶୀତଳଷଷ୍ଠୀ ଯାତ୍ରାପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ



ବିଜେପୁର,୧୬।୫(ନି.ପ୍ର): ବରଗଡ ଜିଲ୍ଲା ବରପାଲିର ୧୪୯ ତମ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ପ୍ରଶାସନିକ ବୈଠକ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରା କମିଟି ଅଧକ୍ଷ ତଥା ବିଜେପୁର ବିଧାୟକ ସନତ କୁମାର ଗଡ଼ତିୟା ଯୋଗ ଦେଇଥିଲେ । ଆସନ୍ତା ମାସ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ବରପାଲିର ଏହି ଐତିହାସିକ ଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ଏ ନେଇ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ବିଶେଷକରି ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଯାନବାହନର ପାର୍କିଂ, ନିରବଚ୍ଛିନ୍ନ ବିଦ୍ୟୁ ଯୋଗାଣ, ରାସ୍ତା ନିର୍ମାଣ, ନାଳନର୍ଦ୍ଦମା ସଫେଇ, ମିନାବଜାର ସମେତ ଜନଗହଳି ସ୍ଥାନରେ ଅସ୍ଥାୟୀ ପରିସ୍ରାଗାର ତଥା ସହରରେ ଟ୍ରାଫିକ ପୋଲିସ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ଆଦି ଉପରେ ଆଲୋଚନା ହୋଇଥିଲା । ବୈଠକରେ ତହସିଲଦାର ରୁକ୍ମଣ ମେହେର, ଅତିରିକ୍ତ ତହସିଲଦାର ଆଲିଶା ବାର୍ଲା, ବିଡିଓ ସୁମନ୍ତ କୁମ୍ଭାର, ନଗରପାଳ ଦୀନେଶ ଗହୀର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀ, ପୋଲିସ ଆଇଆଇସି ପ୍ରମୋଦ ସାହୁ, ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସହ କମିଟି ସଦସ୍ୟ ଗଣ, ଚଳିତ ବର୍ଷର ପାର୍ବତୀ ବିବାହ କମିଟିର ସଭାପତି,ସମ୍ପାଦକ, ଚଳିତ ବର୍ଷର କନ୍ୟାପିତା, ବିଦ୍ୟୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଆଦି ବହୁ ବିଭାଗୀୟ ଅଧିକାରୀ ତଥା ସାମ୍ବାଦିକମାନେ ଯୋଗ ଦେଇଥିଲେ । ଚଳିତ ବର୍ଷର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ବିଧାୟକ ଗଡ଼ତିୟା ନିବେଦନ କରିଥିଲେ। ଶେଷରେ ବିଡିଓ ସୁମନ୍ତ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦଶପଲ୍ଲାର ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ

ଦଶପଲ୍ଲା,୧୬।୫(ନି.ପ୍ର): ଓଡିଶାର ବିଭିନ୍ନ ପର୍ବ ମଧ୍ୟରେ ସାବିତ୍ରୀ ଓଷା ପର୍ବ ଅନ୍ୟତମ। ସତ୍ୟବାନଙ୍କୁ ବଞ୍ଚାଇ ବାକୁ ଯାଇ ସାବିତ୍ରୀ ଦୃଢ଼ ବ୍ରତ ଉପାସନା କରିଥିଲେ। ଯଦ୍ୱାରା ସେ ନିଜ ସ୍ୱାମୀଙ୍କୁ ତଥା ପାରିବାର ବଞ୍ଚାଇ ପାରିଥିଲେ। ସାବିତ୍ରୀଙ୍କର ନିସ୍ୱାର୍ଥପର ସେବା, ସତ୍ୟତା,



ମଧୁରକଥା, ପବିତ୍ରତା ନିକଟରେ ସ୍ୱୟଂ ସତ୍ୟର ଅବତାର ଧର୍ମରାଜ ଯମଙ୍କ ମୁଣ୍ଡ ସ୍ୱତଃ ନତ ହୋଇଯାଇଥିଲା। ତେବେ ଏ ପରିପ୍ରେକ୍ଷୀରେ ଦଶପଲ୍ଲାର ପ୍ରତ୍ୟେକ ପୁର ପଲ୍ଲୀରେ ସାବିତ୍ରୀ ବ୍ରତ ପାଳନ ହୋଇଯାଇଛି। ପ୍ରତ୍ୟେକ ସାବିତ୍ରୀ ନିଜ ନିଜ ସ୍ୱାମୀଙ୍କ ଶୁଭ ମନାସି ଏ ବ୍ରତ ଅତି ନିଷ୍ଠାର ସହ ପାଳନ କରିଥିଲେ।

### ଜଳେଶ୍ୱର ଆରଏମ୍‌ସିରେ ବ୍ୟାପକ ଦୁର୍ନୀତି ଅଭିଯୋଗ

# ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ ଓ ବୁଦ୍ଧିଜୀବି

ଜଳେଶ୍ୱର,୧୬।୫ (ନି.ପ୍ର): ଓଡ଼ିଶା କୃଷି ବିପଣନ ପରିଷଦ ଅଧୀନରେ ସମଗ୍ର ରାଜ୍ୟରେ ୬୬ ଟି ଆର.ଏମ୍.ସି(ନିୟନ୍ତ୍ରିତ ବଜାର କମିଟି) କାର୍ଯ୍ୟ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୩ ଟି ଯଥା –ଜଳେଶ୍ୱର, ବାଲେଶ୍ୱର ଓ ନୀଳଗିରି ଆର.ଏମ୍.ସି କାର୍ଯ୍ୟ କରୁଛି। ମାତ୍ର ଏହି ୩ ଟି ମଧ୍ୟରୁ ଜଳେଶ୍ୱର ଆର.ଏମ୍.ସି ଜଳେଶ୍ୱର ,ଭୋଗରାଇ ଓ ବାଲିଆପାଳ ବ୍ଲକକୁ ନେଇ ଗଠିତ।ଏହି ଆର.ଏମ୍.ସି ଅଧୀନରେ ଜଳେଶ୍ୱର ପୌର ପରିଷଦ ଅନ୍ତର୍ଗତ ଡେଲି ମାର୍କେଟ ଓ ସାପ୍ତାହିକ ହାଟ, ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ହାଟ, କାଳିକ ହାଟ,ରାଇବଣିଆ ହାଟ,ଖୁଆର୍ଡ ହାଟ ଅଛି। ସେହିପରି ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ଓ ନିମାତପୁର ହାଟ ମଧ୍ୟ ରହିଛି। ମାତ୍ର ଏହି ସବୁ ହାଟ ଗୁଡିକରୁ ଆର.ଏମ୍.ସି କର୍ମଚାରୀ ମାନେ ପ୍ରତ୍ୟେକ ଚାଷୀ ଓ ଦୋକାନୀ ମାନଙ୍କ ଠାରୁ ହଜାର ହଜାର ଟଙ୍କା ଆଦାୟ କରୁଥିଲେ ମଧ୍ୟ ଜଣେ ଦୁଇ ଜଣଙ୍କୁ ଛାଡିଦେଲେ ସମସ୍ତଙ୍କୁ ହାଟ ମହାସୁଲ ଟିକେଟ ପ୍ରଦାନ କରା ଯାଉନାହିଁ ବୋଲି ଅଭିଯୋଗ ହେଉଛି ।ସେହିପରି ହାଟରେ ବସୁଥିବା ପନିପରିବା ଚାଷୀ ଓ ଫଳ ଦୋକାନୀମାନଙ୍କ ଠାରୁ କର୍ମଚାରୀ ମାନେ ହାଟ ମହାସୁଲ ମନଇଚ୍ଛା ଆଦାୟ କରୁଛନ୍ତି।ସେମାନେ ପ୍ରତ୍ୟେକ ଦିନର ଆଦାୟ କରୁଥିବା ସମ୍ପୂର୍ଣ୍ଣ ବିବରଣୀ ଆର.ଏମ୍.ସି କାର୍ଯ୍ୟାଳୟକୁ ପ୍ରଦାନ କରିବା ପାଇଁ ନିୟମ ଥିବା ବେଳେ ସେଥିପ୍ରତି ଗୁରୁତ୍ୱ ଦିଆ ଯାଉନାହିଁ। ସେହିପରି ଆର.ଏମ୍.ସି ଇ – ନାମରେ ଜଣେ ଡାଟା ଏଣ୍ଟ୍ରି ଅପରେଟର ଓ ଅନ୍ୟ ଜଣେ କର୍ମଚାରୀଙ୍କ ପୁଅ ଜଳେଶ୍ୱର ଡେଲି ମାର୍କେଟ ଓ ସାପ୍ତାହିକ ହାଟରୁ ମହସୁଲ ଆଦାୟ କରୁଛନ୍ତି। ଅପର ପକ୍ଷରେ ଆର.ଏମ୍.ସି ଏହି ଜଳେଶ୍ୱର ହାଟକୁ ସଫା ସୁତୁରା ରକ୍ଷା ସହିତ ରକ୍ଷଣାବେକ୍ଷଣ କରିବା ପାଇଁ ନିୟମ ରହିଥିବା ବେଳେ ସେଥିପ୍ରତି ଦୃଷ୍ଟି ଦିଆ ଯାଉନାହିଁ।ଏହି ହାଟର ଅବ୍ୟବସ୍ଥା ସମ୍ପର୍କରେ ଜଳେଶ୍ୱର ଅଂଚଳର କେତେକ ବୁଦ୍ଧିଜୀବୀ ଗତ ୨୪/୧୧/୨୫ ଓ ୯/୩/୨୬ ତାରିଖରେ ଜଳେଶ୍ୱର ବ୍ଲକରେ ହୋଇଥିବା ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମିଳିତ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପୁନଶ୍ଚ ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ବ୍ଲକ ଅନ୍ତର୍ଗତ ରାଜଘାଟ ଠାରେ ଥିବା ଜଙ୍ଗଲ ବିଭାଗର ଫାଟକ ନିକଟରେ ରାତିରେ ବେଆଇନ ଭାବେ ଆର.ଏମ୍.ସି କର୍ମଚାରୀମାନେ ଚାନ୍ଦବାଲି, ଭଦ୍ରକ, ବାସୁଦେବପୁର, ସୋରୋ ପ୍ରଭୃତି ଅଞ୍ଚଳରୁ ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପଶ୍ଚିମବଙ୍ଗ ରାଜ୍ୟକୁ ଯାଉଥିବା ଟ୍ରକ୍ ଓ ପିକଅ୍ ଗାଡ଼ି ଗୁଡିକରୁ ଅର୍ଥ ଆଦାୟ କରୁଛନ୍ତି। ବିଭିନ୍ନ ସମବାୟ ସମିତି ପାଇଁ ନିଯୁକ୍ତି ପାଇଥିବା କ୍ୱାଲିଟୀ ଏନାଲିଷ୍ଟ ମାନେ ଧାନର ମାନ (ଏଫ୍.ଏ.କ୍ୟୁ) ଯାଞ୍ଚ କରିବା ପାଇଁ ଦାୟିତ୍ୱରେ ଥିବାବେଳେ ସେମାନେ ୧୫ ରୁ ୨୦ ଦିନ ଡ୍ୟୁଟି କରି ପୁରା ମାସର ଦରମା ନେଉଛନ୍ତି।୨୦୦୯ ମସିହାରେ ୩ ବର୍ଷ ପାଇଁ ନିର୍ବାଚନ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ପୁନ ନିର୍ବାଚନ କରା ନ ଯାଇ ଉକ୍ତ କମିଟି ନିର୍ଦ୍ଦେଶକ ମାନେ କାର୍ଯ୍ୟ କରୁଛନ୍ତି ।ଏଥିପାଇଁ ବାରମ୍ବାର ଜିଲ୍ଲାପାଳ ଓ ଏ.ଆର୍.ସି.ଏସ ପକ୍ଷରୁ ଜଳେଶ୍ୱର ଆର.ଏମ୍.ସି ସମ୍ପାଦକକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ତାହା ଅଦ୍ୟାବଧି କାର୍ଯ୍ୟକାରୀ କରା ଯାଉନି। ବର୍ତ୍ତମାନ ୩ ଜଣ ନିର୍ଦ୍ଦେଶକ ଯଥା ଅରୁଣ ବେଜ୍ ,ସୁଧୀର ପାତ୍ର ଓ କାମିନୀକାନ୍ତ ପାତ୍ର ମୃତ୍ୟୁ ବରଣ କରି ସାରିଛନ୍ତି।ଅପର ପକ୍ଷେ ବିଭିନ୍ନ ସମୟରେ ଏହି ଆର.ଏମ୍.ସି ଦ୍ୱାରା ଯନ୍ତ୍ରପାତି ସରକାରଙ୍କ ନିୟମ ମୁତାବକ କିଣା ଯାଉନାହିଁ ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି।ଏଭଳି ଉପାୟରେ ଏହି ଆର.ଏମ୍.ସି କର୍ମଚାରୀ ମାନେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରୁଥିଲେ ସୁଦ୍ଧା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଖି ବୁଜି ଦେବା ବୁଦ୍ଧିଜୀବୀ ଓ ଚାଷୀ ମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ସେମାନେ ଭିଜିଲାନ୍ସ ତଦନ୍ତ ଦାବୀ କରିବା ସହିତ ଘଟଣାର ସତ୍ୟତା ଲୋକ ଲୋଚନକୁ ଆଣିବା ପାଇଁ ଦାବୀ କରିଛନ୍ତି।

## ସ୍ୱାମୀଙ୍କ ଶୁଭ ମନାସି ସାବିତ୍ରୀ ବ୍ରତ ପାଳନ



ହରଭଙ୍ଗା, ୧୬।୫ (ନି.ପ୍ର): ସାବିତ୍ରୀ ବ୍ରତ ହେଉଚି ହିନ୍ଦୁ ସଂସ୍କୃତି ପରମ୍ପରାରେ ନାରୀମାନଙ୍କ ଏକ ମୁଖ୍ୟ ପର୍ବ । ପୁରାଣ ଶାସ୍ତ୍ର ଅନୁଯାଇ ମହା ସତୀ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କୁ ଏହି ବ୍ରତ ଉପାସନା କରି ଯମରାଜଙ୍କ ନିକଟରୁ ଜୀବିତ କରି ଫେରାଇ ଆଣିଥିଲେ । ଏପରିକି ଏହି ଦିନ ସଧବା ନାରୀ ନିଜ ସ୍ୱାମୀଙ୍କ ମଙ୍ଗଳ କାମନା କରି ଦେବତା ରୁପେ ନିଜ ହୃଦୟରେ ସ୍ଥାନ ଦେଇଥାନ୍ତି । ପୁରାଣର ସେହି ସ୍ମୃତିକୁ ବଜାୟ ରଖିବା ପାଇଁ ଭାରତ ବର୍ଷ ରେ ଏହି ସାବିତ୍ରୀବ୍ରତ ପାଳନ କରାଯାଇଥାଏ । ଏହି ବ୍ରତ ସାଧାରଣତଃ ହିନ୍ଦୁ ସମ୍ପ୍ରଦାୟର ସଧବା ନାରୀ ମାନେ ପାଳନ କରିଥାନ୍ତି । ନିର୍ଜଳା ଉପବାସ ସହିତ ନିଜ ସ୍ୱାମୀର ଦୀର୍ଘାୟୁ କାମନା କରି ସଧବା ନାରୀ ମାନେ ଏହି ପର୍ବ ପାଳନ କରିଥାନ୍ତି । ଶଙ୍ଖା,ଶାଢୀ, ସିନ୍ଦୁର, ଚୁଡ଼ି, ଫଳ, ମୂଳ ଇତ୍ୟାଦି ନେଇ ସଧବା ନାରୀ ମାନେ ଏହି ପୂଜା କରିଥାନ୍ତି । କାହିଁ କେଉଁ ଆବାହନ କାଳରୁ ଏହି ପରମ୍ପରା ଲାଗି ରହିଚି । ଜିଲ୍ଲାର ବିଭିନ୍ନ ମଠ ମନ୍ଦିର ଆଦି ସ୍ଥାନ ମାନଙ୍କରେ ସାବିତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏପରିକି ସଧବା ମହିଳା ମାନେ ହାତରେ ଶଙ୍ଖା, ସିନ୍ଦୁର, ଚୁଡ଼ି, ଫଳ ମୂଳ,ନୂଆ ବସ୍ତ୍ର ଧରି ପୂଜା କରିବାକୁ ମଠ ମନ୍ଦିର ମାନଙ୍କୁ ଯାଉଥିବା ଦେଖିବାକୁ ମିଳିଥିଲା । ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହାଟ ବଜାର ମାନଙ୍କରେ ପୂଜା ସାମଗ୍ରୀ ସହିତ ଫଳ ମୂଳ ସବୁ ଚଢ଼ା ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା ।

### ମାଧ୍ୟମିକ ଶିକ୍ଷକ ବଦଳି ପୋର୍ଟାଲ ବିଳମ୍ବ

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

ଖୋର୍ଦ୍ଧା, ୧୬।୫ (ନି.ପ୍ର): ୨୦୨୬ ମସିହା ପାଇଁ ପ୍ରାଥମିକ ଶିକ୍ଷକମାନଙ୍କ ଅନଲାଇନ୍ ବଦଳି ପ୍ରକ୍ରିୟାର କ୍ୟାଲେଣ୍ଡର ପ୍ରକାଶ ପାଇଥିବାବେଳେ, ମାଧ୍ୟମିକ ଶିକ୍ଷକମାନଙ୍କ ପାଇଁ ଅନଲାଇନ୍ ବଦଳି ପୋର୍ଟାଲ୍ ଏପର୍ଯ୍ୟନ୍ତ ଖୋଲାଯାଇନଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି । ନିୟମାନୁସାରେ ପ୍ରତିବର୍ଷ ଫେବୃଆରୀ ମାସରେ ବଦଳି ପୋର୍ଟାଲ୍ ଖୋଲିବା ସହିତ ଜୁନ୍ ମାସ ମଧ୍ୟରେ ସମଗ୍ର ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ, ବ୍ୟବହାରିକ ଭାବେ ଏହା ପାଳନ ହେଉନଥିବା ଅଭିଯୋଗ କରିଛନ୍ତି ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନଛସେ କହିଛନ୍ତି ଯେ, ଦୀର୍ଘଦିନ ଧରି ଅନେକ ମାଧ୍ୟମିକ ଶିକ୍ଷକ ବଦଳି ପ୍ରକ୍ରିୟା ଆରମ୍ଭ ହେବାକୁ ଅପେକ୍ଷା କରୁଛନ୍ତି । ପୋର୍ଟାଲ୍ ଖୋଲିବାରେ ବିଳମ୍ବ ହେତୁ ସେମାନେ ମାନସିକ ଚାପରେ ରହିବା ସହ ବିଭିନ୍ନ ପାରିବାରିକ ଓ ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଗୁରୁତର ଅସୁସ୍ଥ ଥିବା କିଛି ଶିକ୍ଷକ ଓ ଶିକ୍ଷୟତ୍ରୀ ବଦଳି ଆବେଦନ କରିପାରୁନଥିବାରୁ ଚିକିତ୍ସା ସୁବିଧା ଏବଂ ସ୍ଥାନାନ୍ତରଣର ଲାଭରୁ ବଞ୍ଚିତ ହେଉଛନ୍ତି । କେତେକ ଘଟଣାରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମୃତ୍ୟୁ ଘଟିଥିବା ଖବର ମଧ୍ୟ ଆସିଥିବାରୁ ଶିକ୍ଷକ ସମୁଦାୟରେ ଗଭୀର ଚିନ୍ତା ପ୍ରକାଶ ପାଇଛି । ଏହି ପରିସ୍ଥିତିକୁ ଗୁରୁତ୍ୱ ସହ ନେଇ ତୁରନ୍ତ ମାଧ୍ୟମିକ ଶିକ୍ଷକ ବଦଳି ପୋର୍ଟାଲ୍ ଖୋଲିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ଏଥିସହ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ମୁଖ୍ୟମନ୍ତ୍ରୀ,ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

ଭବାନୀପାଟଣା, ୧୬।୫ (ନି.ପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ ବସନ୍ତ କୁମାର ପ୍ରଧାନ ଆଜି କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଥିଲେ । ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀନେଶ କୁମାର କହଁର ତାଙ୍କୁ ସ୍ୱାଗତ କରିଥିଲେ । ତାପରେ ଜିଲ୍ଲା କାର୍ଯ୍ୟାଳୟର କାର୍ଯ୍ୟକ୍ରମ ବିଷୟରେ ଅନୁଧ୍ୟାନ କରିବା ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଏହା ସହିତ ଜିଲ୍ଲା ପାଠାଗାର ପଢୁଥିବା ପାଠକ ମାନଙ୍କ ସହିତ ଆଲୋଚନା କରିଥିଲେ । କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ବ୍ୟକ୍ତିଗତ ସମସ୍ୟା ପଚାରି ବୁଝିଥିଲେ । ଉପନିର୍ଦ୍ଦେଶକଙ୍କୁ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ନୀଳାମ୍ବର ଶବର, ଭାରପ୍ରାପ୍ତ ଗ୍ରନ୍ଥାଧାରକ ଲମ୍ବୋଧର ସାହୁ, ପ୍ରତିମା ସାହୁ ଏବଂ ଅନ୍ୟ କର୍ମଚାରୀ ମାନେ ସ୍ୱାଗତ କରିଥିଲେ । ଏହାପରେ ଉପନିର୍ଦ୍ଦେଶକ ଶ୍ରୀ ପ୍ରଧାନ ଧର୍ମଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଗସ୍ତ କରିଥିଲେ । ସେଠାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ସିଂହ, ସହକର୍ମୀ ଅଭି ସିଂହ ତାଙ୍କୁ ସ୍ୱାଗତ କରିଥିଲେ । ତାପରେ ତାଙ୍କ ସହିତ କାର୍ଯ୍ୟାଳୟ ଓ ପାଠାଗାରର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବିଭାଗର ଅବସର ପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ବାଲି ବଦଳରେ ମାଟିରେ ପାଚେରୀ ନିର୍ମାଣ ଅଭିଯୋଗ

ନିଆଳି, ୧୬।୫ (ନି.ପ୍ର): ନିଆଳି ବ୍ଲକ୍ କର୍ମଚାରୀଙ୍କ ସରକାରୀ କ୍ୱାଟର ପାଚେରୀ ଓ ଫାଟକ କାମ ଆରମ୍ଭ ହୋଇଛି । ଏହି କାମ ଅତ୍ୟନ୍ତ ନିମ୍ନ ମାନର କରିବା ସହ ହଜାର ହଜାର ଟଙ୍କା ଲୁଟିବା ପାଇଁ ବ୍ଲକ୍ ପ୍ରଶାସନ ବିଭାଗୀୟ ଅଧିକାରୀଙ୍କ ନାମରେ କାମ ଥିବା ସତ୍ତ୍ୱେ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଉଛନ୍ତି । ଏହି ବ୍ୟକ୍ତି ଜଣଙ୍କ ପୂର୍ବ ସରକାରରେ ବ୍ଲକ୍ ପ୍ରଶାସନର ବ୍ଲକର ବିଭିନ୍ନ ଜାଗାରେ କାମ କରି ଲକ୍ଷାଧିକ ଟଙ୍କା ଚଳୁ କରିଥିବା ତାଙ୍କ ନାମରେ ଅଭିଯୋଗ ରହିଛି । ବର୍ତ୍ତମାନ ସରକାରରେ କିଛିଦିନ ତଳେ ବିଧାୟକଙ୍କ ସହିତ ମିଶିବା ପରେ ପୂର୍ଣ୍ଣବାର ବ୍ଲକ୍ ପ୍ରଶାସନ ଏହି ବ୍ୟକ୍ତିଙ୍କୁ କାମ ଯୋଗାଇ ଦେଉଛି । ସୂଚନା ମୁତାବକ ନିଆଳି ବ୍ଲକ୍ ସରକାରୀ କ୍ୱାଟରର ପାଚେରୀ ଓ ଫାଟକ ନିର୍ମାଣ ହେଉଥିବାବେଳେ ତଳେ ବାଲି ନ ଦେଇ ମାଟି ଉପରେ ପାଚେରୀ ଓ ଫାଟକ ପିଲର ନିର୍ମାଣ ହୋଇଛି । ଏମିତିକି ଏହି ପାଚେରୀରେ ପୁରୁଣା ନାଲି ଭଙ୍ଗା ଇଟା ଯୋଡ଼େଇ କରାଯାଉଥିବାରୁ ରାତାରାତି ପ୍ଲାଷ୍ଟର କରାଯାଇଥିବା ଅଭିଯୋଗ ଆସିଛି । ବ୍ଲକ୍ କାର୍ଯ୍ୟାଳୟ ଆଗରେ ଯଦି ଏଭଳି ନିମ୍ନମାନର କାର୍ଯ୍ୟ ହେଉଛି ତେବେ ବ୍ଲକର ଅନ୍ୟଗୁଡିକ କାର୍ଯ୍ୟାଳୟରେ କାମ କିଭଳି ହେଉଥିବ । ଯାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି ।

## ରାଜା ସାର୍ ବାସୁଦେବ ସୁଢଳ ଦେବ ଜୟନ୍ତୀ ପାଳିତ

ଦେବଗଡ଼, ୧୬।୫ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ମିଳିତ ସୋହଯୋଗ ରେ ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ଜୟନ୍ତୀ ଉପଲକ୍ଷେ ଏକ ଦିବସୀୟ ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବ ପାଳିତ ହୋଇଯାଇଛି । ସଭାପତି ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ତଥା ପୂର୍ବତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଡ଼କ୍ଟର ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସ୍ୱାଗତ ସମ୍ଭାଷଣ ସହ ସଚିବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଞ୍ଜୟ କୁମାର ଛୁଆଲ ସିଂ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ,ବିଶିଷ୍ଟ ସାହିତ୍ୟିକ ଡକ୍ଟର ରବୀନ୍ଦ୍ର ବିହାରୀ , ସମ୍ମାନୀୟ ବକ୍ତା ଭାବରେ ଅଧ୍ୟାପକ ଓଡ଼ିଆ ବିଭାଗ ଉଦୟ ନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟ ଅଡ଼ଶପୁର କଟକ ବିରଞ୍ଚି କୁମାର ସାହୁ,ସୁସାହିତ୍ୟିକ ଓ ସମାଜ ସେବୀ ତନ୍ମୟ ବାରିକ୍, ମୁଖ୍ୟ ବକ୍ତା ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱର ତଥା ସୁ ସାହିତ୍ୟିକ କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ମହାପ୍ରଭୁ ଜଗନ୍ନାଥ ଓ ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଆଲୋଚ୍ୟ ବିଷୟ ଓଡ଼ିଆ ଭାଷା ସାହିତ୍ୟ ର ଶ୍ରୀ ବୃଦ୍ଧି ସାଧନରେ ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଭୂମିକା ଉପରେ ଅତିଥି ମାନେ ମତ ପୋଷଣ କରିଥିଲେ । ପରେ କବିତା ପାଠ ଉତ୍ସବ ଓ ଏକ ପୁସ୍ତକ କବିତା ସଙ୍କଳନ ଉତ୍ସବ ପ୍ରଧାନପାଟ ୨୦୨୬ (ରାଜ୍ୟ ସ୍ତରୀୟ କବି ସମ୍ମିଳନି )ର ପୁସ୍ତକ ଟି ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିଙ୍କ ଦ୍ୱାରା ଉନ୍ମଚନ କରିଥିଲେ ।

## କଂଗ୍ରେସର ଶୋଭାଯାତ୍ରା

ଜି.ଉଦୟଗିରି, ୧୬।୫ (ନି.ପ୍ର): ଜି.ଉଦୟଗିରି ବ୍ଲକ ଏବଂ ନଗର କଂଗ୍ରେସ ତରଫରୁ ଆଜି ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ଦାବିରେ ମଶାଲ ଶୋଭାଯାତ୍ରା ସ୍ଥାନୀୟ ବନ୍ଧ ଛକ ଠାରୁ ବାହାରି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଛି । ମଶାଲ ଶୋଭା ଯାତ୍ରାରେ ଶତାଧିକ ମହିଳା ଏବଂ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ବ୍ଲକ ସଭାପତି ମନମୋହନ ପ୍ରଧାନ, ସାଧାରଣ ସମ୍ପାଦକ ଗୋପାଳ ନାୟକ, ନଗର ସଭାପତି ଶୁଭ୍ରମନ୍ୟୁ ନାୟକ, ବିଧାୟକଙ୍କ ପ୍ରତିନିଧି ମଧୁଲିନା ଦିଗାଳ ପ୍ରମୁଖ ଯୋଗ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟନସିପ୍‌ର ପଞ୍ଚମ ଦିବସ



ସୁବର୍ଣ୍ଣପୁର,୧୬।୫ (ନି.ପ୍ର): ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍ ଠାରେ ୧୪ ବର୍ଷ ରୁ କମ ବାଳକ ଓ ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ମୁଖ୍ୟମନ୍ତ୍ରୀ ଟ୍ରଫି ର ପଞ୍ଚମ ଦିବସ ର ଖେଳ ଅନୁଷ୍ଠିତ ହୋଇଥିଲା । ଫୁଟବଲ ଆସୋସିଏସନ ଅଫ ଓଡିଶା, କ୍ରୀଡା ଓ ଯୁବ ସେବା ବିଭାଗ ଓଡିଶା ସରକାର, ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ଓ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ସୋନପୁର ରାମଧୁନ କ୍ଲବ ସି ଓ ଉଲୁଣ୍ଡା ବ୍ଲକ ମଧ୍ୟରେ ଅନଷ୍ଠିତ ହୋଇଥିଲା । ଏହି ଖେଳ ବରାବର ହୋଇଥିଲା । ଅନ୍ୟ ମ୍ୟାଚ୍‌ରେ ଡୁଙ୍ଗୁରିପାଲି ବ୍ଲକ ଓ ବୀର ମହାରାଜ ପୁର ବ୍ଲକ୍ ମଧ୍ୟରେ ଅନୁଷ୍ଠିତ ହୋଇ ୨–୦ ଗୋଲ ରେ ଡୁଙ୍ଗୁରୀ ପାଲି ବ୍ଲକ୍ ବିଜୟୀ ହୋଇଛି ଟୁର୍ଣ୍ଣାମେଣ୍ଟର ୨୪ ନମ୍ବର ମ୍ୟାଚ ତରଭା ବ୍ଲକ ରାମଧୁନ କ୍ଲବ ଏ ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ଏହି ଖେଳ ବରାବର ହୋଇଥିଲା । ୨୫ ନମ୍ବର ମ୍ୟାଚ ରାମ ଧୂନ୍ କ୍ଲବ୍ ଏ ଓ ଏମ୍ ଏମ୍‌ୱାଇସି ତରଭା ବ୍ଲକ୍ ମଧ୍ୟରେ ଅନୁଷ୍ଠିତ ହୋଇ ଖେଳ ବରାବର ହୋଇଥିଲା । ୨୬ ନମ୍ବର ମ୍ୟାଚ ଡୁଙ୍ଗୁରୀ ପାଲି ବ୍ଲକ କୁ ୨–୦ ଗୋଲ ରେ ହରାଇ ଉଲୁଣ୍ଡା ବ୍ଲକ ଦଳ ଜୟନ୍ତୀ ହୋଇଛି । ସଞ୍ଜୀବ ସାହୁ, ସୁମିତ୍ ମହାଲିଂ, ଶ୍ରବଣ ବିଶ୍ୱାଳ, , ରାଜେଶ ଥାନା ପତି, ଖେଳ ପରିଚାଳନା କରିଥିବା ବେଳେ ଭୁଲୁଲୁ ବକ୍ସି ମ୍ୟାଚ ଚୟନ କର୍ତ୍ତା ଭାବେ ଓ ଜୀତେନ୍ଦ୍ର ଥନା ପତି ମ୍ୟାଚ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଆଜିର ଖେଳରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ନବ ମିଶ୍ର, ଓ ମହାଦେବ ମଲ୍ଲିକ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ସଂଘ ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥି ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ରୀଡ଼ା ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ଅୟୋଜନ କରା ଯାଇଥିବା ବେଳେ ବିକାଶ ପଣ୍ଡା, ହୃଷିକେଶ୍ ପଣ୍ଡା , ସନ୍ତୋଷ ପାଢ଼ୀ, ଟୁଟୁନ୍ ନାଏକ୍, ସଞ୍ଜୟ ପୁଟେଲ, ଶ୍ରୀକାନ୍ତ ନାଏକ୍, ରିପୁନ୍ ନାଏକ୍, ବାଲ ଗୋପାଳ ମିଶ୍ର, ଚାପ ତାଣ୍ଡିଆ, ଶିବ ଷାଣ୍ଡ, ଅନୀଲ ସାହୁ, ଅମିତ୍ ସାହୁ, ଚନ୍ଦନ ବେହେରା , କଲିମ୍ ମହମ୍ମଦ, ଜିଲୁ ସାହୁ, ରବି ନାରାୟଣ ଦେହୁରୀ, ସୁଭାସ ବିଶ୍ୱାଳ ପ୍ରମୁଖ କ୍ରୀଡ଼ା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ସରକାରୀ ବିଶୋଧିତ ବିହନ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ଠାରେ ଉପଲବ୍ଧ



ଧାମନଗର, ୧୬।୫ (ନି.ପ୍ର): ସାଧାରଣତଃ ଅକ୍ଷୟ ତୃତୀୟା ପରଠାରୁ ଚାଷୀ ଖରିଫ ଧାନ ଫସଲ ପାଇଁ ବିଲରେ ଧାନ ବିହନ ବୁଣିବା ସହ ଖରାଟିଆ ତଳି ପକାଇ ଥାଏ । ଅଧିକ ଅମଳ ସହ ରୋଗ ପୋକ କମ ଲାଗିବା ପାଇଁ ଚାଷୀ ଟିଏ ମୁଖ୍ୟତଃ ସରକାରଙ୍କ ଦ୍ୱାରା ଯୋଗାଇ ଦିଆ ଯାଉଥିବା ପ୍ରାମାଣିକ ବିହନ ଉପରେ ନିର୍ଭର କରିଥାଏ । ଚାଷୀର ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ୨୦୨୬ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ବିହନ ଯୋଗାଇ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ କୃଷି ଓ ବୈଷୟିକ ବିଭାଗ ନିର୍ଦ୍ଦେଶ ଏବଂ ଭଦ୍ରକ ଜିଲ୍ଲା କୃଷି ଅଧିକାରୀଙ୍କ ଆଦେଶ ଅନୁସାରେ ଧାମନଗର ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କ ଅଧ୍ୟକ୍ଷତା ଓ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀଙ୍କ ସଞ୍ଚାଳନରେ ବ୍ଲକ ଅଞ୍ଚଳର ସରକାରୀ ଅଧିସ୍ୱୀକୃତ ବିହନ ଯୋଗାଣକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମ ପର୍ଯ୍ୟାୟରେ ବ୍ଲକ ଓ ଏନଏସି ଅଞ୍ଚଳର ୫ ଟି ଡିପୋରେ ବିଭିନ୍ନ କିସମ ଯଥା – ହଜାରେ ନଅ, ହଜାରେ ଏକ, ସ୍ୱର୍ଣ୍ଣ, କଳାଚମ୍ପା, ଓ ପୂଜା ଇତ୍ୟାଦି ବିହନ ଉପଲବ୍ଧ ନେଇ ଆଲୋଚନା ହୋଇଥିଲା । ପରେ ଚାଷୀଙ୍କ ଆଶ୍ୟକତାକୁ ନେଇ ଆଉ ୯ ଟି ଡିପୋରେ ଅଧିକ ବିହନ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ସରକାରଙ୍କ ଦ୍ୱାରା ଯୋଗା ଯାଉଥିବା ବିଶୋଧିତ ତଥା ସାର୍ଟିଫାଏଡ ବିହନ କ୍ୱିଣ୍ଟାଲ ପିଛା ଦର ୪୧୮୦ ଟଙ୍କା ରହିଛି । ଏଥିରୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ବିହନରେ କ୍ୱିଣ୍ଟାଲ ପିଛା ୭୮୦ ଟଙ୍କା ସବସିଡ ରହୁଥିବା ବେଳେ ୧୦ ବର୍ଷରୁ କମ ବିହନ ଉପରେ ୧୦୦ ଟଙ୍କା ଅଧିକ ସବସିଡ ଅର୍ଥାତ ୮୮୦ ଟଙ୍କା ରିହାତି ମିଳୁଛି ବୋଲି ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ଖରିଫ ଋତୁରେ ଧାମନଗର ବ୍ଲକ ଅଞ୍ଚଳର ୧୮୦୦୦ ହେକ୍ଟର ଜମିରେ ଖରିଫ ଚାଷ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବ୍ଲକକୁ ପାଖାପାଖି ୨୦୦ କ୍ୱିଣ୍ଟାଲ ଧାନ ବିହନ ଯୋଗାଇ ଦିଆଯାଇଛି । ଆବଶ୍ୟକ ହେଲେ ଅଧିକ ବିହନ ଯୋଗାଇ ଦିଆଯିବ । ଏଣୁ ଚାଷୀ ମାନେ ଏହାର ସୁଯୋଗ ନେବାକୁ ବ୍ଲକ ସହକାରୀ କୃଷି ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି ।

## ଯୁବକଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

ଡୁଙ୍ଗୁରିପାଲି, ୧୬।୫ (ନି.ପ୍ର): ରାମପୁର ଥାନା ଅନ୍ଧାରିବାଞ୍ଜି ଗ୍ରାମର ଅମିତ ପତ୍ର ପ୍ରାୟ ସବୁ ଦିନ ପରି ପଣ୍ଡକିଟାଲରୁ ଦୋକାନ ବନ୍ଦ କରି ସନ୍ଧ୍ୟା ସମୟରେ ଘରକୁ ଯାଉଥିବା ବେଳେ ସୁଲେଇ ଛକରେ ପୂର୍ବରୁ ଛକି ବସିଥିବା ଦୁର୍ବୃତ୍ତମାନେ ହଠାତ୍ ଅମିତଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ । ଅମିତ କିଛି ବୁଝିବା ପୂର୍ବରୁ ଆକ୍ରମଣର ଶିକାର ହୋଇ ସଂଜ୍ଞାହୀନ ହୋଇଯାଇଥିଲେ । ଅମିତଙ୍କ ଜୀବନ ଚାଲିଗଲା ଭାବି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ପରେ ଚେତା ଫେରିବାରୁ ଅମିତ ନିଜ ଭାଇ ଓ ବନ୍ଧୁଙ୍କୁ ଫୋନ କରିବାରୁ ସେଠାରୁ ତାଙ୍କୁ ଉଦ୍ଧାରକରି ଡୁଙ୍ଗୁରିପାଲି ସିଏଚ୍‌ସି ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏନେଇ ଅମିତଙ୍କ ଭାଇ ଅଜିତ ପାତ୍ର ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରହିଛି ।

## ମନ୍ଦିର ଭଙ୍ଗା ଯାଇ ବାଲି ଘାଟକୁ ରାସ୍ତା ନିର୍ମାଣ ପ୍ରସ୍ତାବକୁ ଗ୍ରାମବାସୀଙ୍କ ବିରୋଧ



କେନ୍ଦ୍ରାପଡା,୧୬।୫ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତର ବାଲି ଖାଦାନକୁ ରାସ୍ତା ନିର୍ମାଣ ପ୍ରସ୍ତାବକୁ ବିରୋଧ କରି ଆଜି ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ଫେରାଦି ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଅଳପୁଆ ବ୍ରାହ୍ମଣୀ ନଦୀ ପଠାକୁ ରାସ୍ତା ନିର୍ମାଣ ନିମନ୍ତେ ମାପଚୁପ କରାଯାଇଥିଲା। କିନ୍ତୁ ମାପଚୁପ ପୂର୍ବରୁ ଏଠିକାର ଅଞ୍ଚଳବାସୀ ବା ପଠାରେ ଥିବା ଜମି ମାଲିକଙ୍କୁ ସୂଚନା ଦିଆଗଲା ନାହିଁ । ଏହି ମାପଚୁପରେ ବ୍ୟାପକ ତ୍ରୁଟି ରହିଛି। ସରକାରୀସ୍ତରରେ ଏହି ମାପ କୌଣସି ସିଦ୍ଧାନ୍ତରେ ପହଞ୍ଚି ପରିନାହିଁ। ଏହି ବାଲି ଘାଟକୁ ନିଲାମ ନେଇଥିବା ବ୍ୟକ୍ତି ରାଜ୍ୟ ସରକାରଙ୍କ ପାଖରେ ଆବଶ୍ୟକ ମୁତାବକ ଅର୍ଥ ୨କୋଟି ୫୬ଲକ୍ଷ ଟଙ୍କା ଦାଖଲ କରିବାକୁ ବାକି ରହିଛି । ତାହା ସତ୍ତ୍ୱେ ମଧ୍ୟ ଜୋର ଜବରଦସ୍ତ ବାଲି ଉତ୍ତ୍ୱଳନ କରାଯାଉଥିଲା। ଯାହାକୁ ନେଇ ଏହାକୁ ବେଆଇନ ଦର୍ଶାଇ ପୂର୍ବ ଖଣି ଅଧିକାରୀ ସରକାରକୁ ଜଣାଇଥିଲେ। ଏହି ବେଆଇନ ବାଲି ଘାଟକୁ ରାସ୍ତା ନଥାଇ ବିଗତ ଦିନରେ କିପରି ବାଲି ଉଠାଯାଉଥିଲା। ଏହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ଅର୍ଥ ପୈଠ ନକରି ନୀଲାମଧାରୀକୁ ରାସ୍ତା ଦେବା ପାଇଁ ପ୍ରଶାସନ କାହିଁକି ଏତେ ତତ୍ପରତା ଦେଖାଉଛି। ଖାଲି ଏତିକି ନୁହେଁ ରାସ୍ତା ପୁଣି ବିରାଟକାୟ ବହୁ ବର୍ଷ ପୁରୁଣା ବର ଗଛ ମୂଳେ ହନୁମାନ ମନ୍ଦିରକୁ ଭାଙ୍ଗି ରାସ୍ତା କରାଯିବ। ଏହା ଧାର୍ମିକ ଭାବନାକୁ କୁଠାରଘାତ ହେବ। ଏହି ଘଟଣା ସମସ୍ତ ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲା ପ୍ରଶାସନର ଏହି ବାଲି ମାଫିଆ ପ୍ରୀତିକୁ ପଦାରେ ପକାଇଛି। ଏହି ବାଲି ସୈରାତରୁ ବେଆଇନ ଭାବେ ହଜାର ହଜାର ଟ୍ରକ ବାଲି ଉଠାଯାଇଛି ଯାହାକୁ ବିରୋଧ କରି ଉମାକା' ରାଉତ, ହେମନ୍ତ କୁମାର ନାୟକ, ସୁରେଶ ଜେନା, ବିଜୟ ଜେନା, କିଶୋର ରାଉତ, ପ୍ରମୋଦ ବେହେରା, ସୁଲୋଚନା ମଳିକ, ବାସ'ୀ ମଳିକଙ୍କ ସହ ଅଳପୁଆ ଗ୍ରାମବାସୀ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଛନ୍ତି।

## ବାଲୁଗାଁ ଥାନା ପକ୍ଷରୁ ଜଳଛତ୍ର

ଚିଲିକା, ୧୬।୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏସଡ଼ିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ଦ୍ୱାରା ବାଲୁଗାଁ ଥାନା ନିକଟରେ ଏକ ଜଳ ଛତ୍ର ବାଲୁଗାଁ ଥାନା ପକ୍ଷରୁ ଖୋଲାଯାଇଛି । ପ୍ରଚଣ୍ଡ ଖରା ଯୋଗୁଁ ପଥିକ,ଥାନାକୁ ଆସୁଥିବା ଜନସାଧାରଣ ପାଣି ଟିକେ ପାଇ ଅତ୍ୟନ୍ତ ତୃଷ୍ଣା ମେଣ୍ଟାଇ ପାରିବେ । ଜଳଛତ୍ର ଖୋଲା ହେବାପରେ କିଛି ସାଧାରଣ ଜନତା ପାଣି ପିଇବା ପରେ ଅତ୍ୟନ୍ତ ଶାନ୍ତି ଅନୁଭବ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ,ଏସଆଇ ରସ୍ମୀ ସାହୁ,ଏଏସଆଇ ମନୋରଞ୍ଜନ ସ୍ୱାଇଁ, ଏଏସଆଇ ସୁକାନ୍ତ କୁମାର ପଟ୍ଟନାୟକ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଯୋଗ ଦେଇଥିଲେ ।

### ପ୍ରଶାସନ ସହିତ ମହେନ୍ଦ୍ର ମେଳା ଆଲୋଚନା ବିଫଳ

# ଆଦିବାସୀ ମହାସଂଘର ଆନ୍ଦୋଳନ ଚେତାବନୀ



ପାରଳାଖେମୁଣ୍ଡି,୧୬।୫ (ନି.ପ୍ର): ପବିତ୍ର ପୌରାଣିକ ଧାର୍ମିକ ଐତିହାସିକ ସ୍ଥଳି ମହେନ୍ଦ୍ରଗିରି ବର୍ତ୍ତମାନ ଅଶାନ୍ତ ହେବାରେ ଲାଗିରହିଛି । ଆଗକୁ ମହେନ୍ଦ୍ରଗିରିରେ ଆୟୋଜିତ ହେବାକୁଥିବା ମହେନ୍ଦ୍ର ମେଳାକୁ ନେଇ ବିରୋଧ ତିବ୍ର ହେବା ସହ ଅଶାନ୍ତ ମୟ ପରିବେଶ ସୃଷ୍ଟି ହେଉଛି । ଗଜପତି ଜିଲ୍ଲା ରେ ପରିବେଷ ସୃଷ୍ଟି ହେଉଛି ରାୟଗଡ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗିରି ଗିରି ଶିଖରରେ ଆସାନ୍ତା ମାସ ଜୁନ୍ ମାସରେ । ୯ ଦିନ ଧରି ମହେନ୍ଦ୍ର ମେଳା ପାଳନ ହେବାକୁ ଯାଉଥିବା ବେଳେ ଏହି ମେଳାକୁ ବିରୋଧ କରୁଛନ୍ତି ସେଠାକାର ସ୍ଥାନୀୟ ଅବାସୀ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି ଆଦିବାସୀ ମହାସଂଘ । ବିଭିନ୍ନ ଦାବି ନେଇ ସେମାନେ ବାରମ୍ବାର ପ୍ରଶାସନକୁ ଅବଗତ କରାଇଥିଲେ ସୁଧା ପ୍ରଶାସନ ବିବାଦନ ସମାଧାନ କରିବା ବଦଳରେ ଏ ଏକପାଖିଆ ନିଷ୍ପତ୍ତି ନେଇ ଗୋଟିଏ ପରେ ଗୋଟିଏ କାର୍ଯ୍ୟ ନାର୍ଯ୍ୟକ୍ରମ କରୁଛି ଯାହାକୁ ବିରୋଧ କରି ପୁର୍ବ ନିଷ୍ପତ୍ତି ପ୍ରକାରେ ଗତକାଲି ଅଞ୍ଚଳ ବାସିନ୍ଦା ମହେନ୍ଦ୍ରଗିରିରେ ଧାରଣାରେ ବସି ରାସ୍ତା ଅବରୋଧ କରି ଧାରଣା ଦେବା ଫଳରେ ଘଟଣାସ୍ଥଳରେ ଏକ ଅପ୍ରିତିକର ପରି ସ୍ଥିତି ଉପୁଜୁଥିଲା । ତେଣୁ ସମସ୍ୟାର ସମାଧାନ ପାଇଁ ଗତକାଲି ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଏସପିଙ୍କ ଉପସ୍ଥିତିରେ ଏକ ସାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ସେଠାରେ ଦୀର୍ଘ ସମୟ ଧରି ଆଲୋଚନା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ । ଫଳରେ ଯଥା ଶୀଘ୍ର ଉଭୟପକ୍ଷଙ୍କ ଉପସ୍ଥିତିରେ ଆଉ ଏକ ଅନୁଷ୍ଠିତ ହେବ ଏବ ଶାନ୍ତି କମିଟି ଗଠନ କରି ବିବାଦର ସମାଧାନ ସହ ସୁରୁଖୁରୁରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗଜପତି ଏସପି ଶ୍ରବଣ ବିବେକ ଏମ୍ କହିଛନ୍ତି । ସେହିଭଳି ଆନ୍ଦୋଳନ କାରିଙ୍କ ଦାବି ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ । ସୂଚନା ମୁତାବକ ମହେନ୍ଦ୍ରଗିରି ସାନ୍ତ ପରିବେଶ ଥିବା ସ୍ୱୟଂ ପର୍ଶୁରାମ ଙ୍କ ସ୍ଥାନରେ କିଛି ଦଳଡିଆ ନେତା, ଖଣି ମାଫିଆ,ଜାଗା ମାଫିଆଙ୍କ ପ୍ରହସନରେ ମହେନ୍ଦ୍ରଗିରି ବାରଘର ଅଞ୍ଚଳର ଖଟିଖିଆ ମଜୁରିଆଙ୍କ ପେଟ ମାରି ସମୟକୁ ଧରି ରଙ୍ଗ ବଦଳାଉଥୀବା ଠିକାଦାର ସ୍ୱାର୍ଥକୁ ନେଇ ଏଭଳି ଅସାନ୍ତି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମତାମତ ପ୍ରକାଶ ପାଉଛି । ଅପରପକ୍ଷରେ ଦେଖିବାକୁ ଗଲେ ପୁର୍ବରୁ ସେମାନଙ୍କ ଦାବିକୁ ଅଣଦେଖା କରିବା ସେମାନଙ୍କୁ କୈଣସି କମିଟିରେ ସାମିଲ ନକରିବା । ପ୍ରସ୍ତୁତି ବୈଠକରେ ସୂଚନା ଦେବା ସମ୍ପର୍କରେ ସେ ଜାଣି ନଥିବା କହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇନଥିବା କହିଛନ୍ତି । ବିବାଦର ସମାଧାନ ନହେଲେ ଆନ୍ଦୋଳନ ତିବ୍ରତର ହେବ ଏବଂ ହଜାର ହଜାର ଆଦିବାସୀଙ୍କ ମେଳି ହେବ । ଆଦିବାସୀ ମହାସଂଘ ଆଦିବାସୀଙ୍କ ଅଧିକାର ଓ ସଂସ୍କୃତି ପରମ୍ପରାକୁ ନଷ୍ଟ କରିବାକୁ ଦେବ ନାହିଁ ବୋଲି ଆଦିବାସୀ ମହାସଂଘର ସଭାପତିନିର ଭୂୟାଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଆଶ୍ୱସ୍ତ ସକାଳ

**ସୁଦର୍ଶନ ମହାପାତ୍ର**

ଏ ରାତି କ'ଣ ସରିବନି? ବେଳକୁ ବେଳ ଅନ୍ଧାର ଯେମିତି ଆହୁରି ଘନେଇ ଆସୁଛି। ସାରା ଦେହ, ମନ, ଆତ୍ମା ବିଚଳିତ ଲାଗୁଥିଲା। ଏପଟ ସେପଟ କଡ଼ ଲେଉଟାଇ ଦୀର୍ଘଶ୍ୱାସ ମାରିବା ଛଡ଼ା ଆଉ କିଛି ଉପାୟ ନାହିଁ। ନା ନିଦ ଆସୁଛି ନା ଅନ୍ଧାର ହଟୁଛି ପାଖରୁ। ସେଇ ଅନ୍ଧାର ଭିତରେ ନିଜର ଦୀର୍ଘ ନିଃଶ୍ୱାସର ଶବ୍ଦକୁ ମୁଁ ଠିକ୍ ବାରି ପାରୁଥିଲି।

ଏମିତି ଏମିତି ରାତି ପାହା ପାହା ହେଲା।

ମୁଁ ବାଲକୋନୀରୁ ରାସ୍ତାକୁ ଚାହିଁଥିଲି। ଉଦ୍ଦେଶ୍ୟ ଥିଲା ରାସ୍ତା ଫାଙ୍କା ଅଛି ନା ନାହିଁ? ଯଦିଓ ଏତେ ସକାଳୁ ସେଇ ରାସ୍ତାରେ କେହି ଦେଖା ନଯିବା କଥା ତଥାପି ମନରେ ଆଶଙ୍କା ଥିଲା କାଳେ କିଏ ଫୁଲ ଚୋରି କରିବା ପାଇଁ ଏଇ ସମୟକୁ ଉପଯୁକ୍ତ ମନେକରି ଆସି ଯାଇଥିବ ଆଉ ଦେଖିଦେବ ଯେଉଁ କାମ ସାରିବାକୁ ମୁଁ ତତ୍ପର ଅଛି।

ଦେଖି କାରଣ ନପଚାରିବା ଭଳି ଯେଉଁ ଲୋକ ନୁହନ୍ତି ସେଇ ଲୋକ ଅର୍ଥାତ୍ ଜେନା ବାବୁ ହିଁ ଫୁଲ ତୋଳିବା କାମରେ ବ୍ୟସ୍ତ ଥିବାର ନଜର ପଡିଲା। ଅଥଚ ଆମେ ଘରୁ ବାହାରିବାର ସମୟ ହିଁ ଗଡ଼ି ଯାଉଥିଲା। ଆଉ ଅପେକ୍ଷା କରିବା ଉଚିତ୍ ମନେ ନକରି ମୁଁ ଝିଅକୁ କହିଲି ଶୀଘ୍ର ବାହାରିବାକୁ।

ଗୋଟିଏ ବିରାଟ ଲଗେଜ ତା ସ୍କୁଟି ପଛରେ ବାନ୍ଧିଦେଲି ଆଉ ସେ ନିଜେ ଗୋଟିଏ ବ୍ୟାଗ୍ କାନ୍ଧରେ ପକାଇ ଆଗକୁ ଝୁଲେଇ ରଖିଲା। ଆଉ ଗୋଟିଏ ପ୍ୟାକେଟ୍ ପାଦ ପାଖରେ ସଜାଡ଼ି ରଖିଦେଇ ତାକୁ ଗାଡ଼ି ଷ୍ଟାର୍ଟ କରିବାକୁ କହିଲି। ହେଲେ ଜେନା ବାବୁ କିଛି ପଚାରିଲେ ନାହିଁ। ମୁଁ ଆଶ୍ୱସ୍ତ ହେଲି।

ଟିକିଏ ସମୟ ପରେ ଆଉ ଦୁଇଟି ବିରାଟକାୟ ଟ୍ରଲି ବ୍ୟାଗ୍ ମୁଁ ଉପର ମହଲାରୁ ତଳକୁ ଆଣିଲି। ମୋ ବାଇକ୍‌ରେ ସେ ଦୁଇଟିକୁ ବାନ୍ଧି ଝିଅ ପଛେ ପଛେ ମୋର ବାହାରିବାର ଥିଲା। ହେଲେ ଜେନା ବାବୁଙ୍କର ଫୁଲ ତୋଳା ତଥାପି ସରିନଥଲା।

ମୁଁ ଗାଡ଼ି ଷ୍ଟାର୍ଟ କରି ଆଗକୁ ବଢ଼ିଲି। ମୋ ଭାଗ୍ୟକୁ ଜେନା ବାବୁ ଏତିକିବେଳେ ଆଉ ଜଣେ ଫୁଲ ତୋଳାଳି ସହିତ କଥା ହେଉଥିଲେ। ମୁଁ ସେଇ ସମୟରେ ବାହାରିଗଲି।

ପ୍ରକୃତରେ ଏଇ ଯାତ୍ରା ପାଇଁ ଗତରାତିରୁ ହିଁ ପ୍ରସ୍ତୁତି ଚାଲିଥିଲା। ଯାତ୍ରା ମୋର ନୁହେଁ ଝିଅର। ହେଲେ ଆମେ ସପରିବାର ରାତି ଅନିଦ୍ରା ଥିଲୁ କହିଲେ ଚଳେ। ଭୋର ଚାରିଟା ବେଳକୁ ଝିଅ ମୋ ପାଖକୁ ଆସିଲା ବେଳକୁ ମୁଁ ଡ୍ରଇଂ ରୁମରେ ଏମିତି ବସିଥିଲି। ଚା କପଟିଏ ପାଇଁ ଅନୁରୋଧ କରି ବସିଲା। ହଠାତ୍ ଚାହିଁ ବି ମନା କରିପାରିଲିନି ତାକୁ। ହୁଏତ ଏଇ ଶେଷଥର ପାଇଁ ସେ ଚା କପଟିଏ ମାଗୁଛି ! ଏମିତି ତ ସେ ସକାଳୁ ସ୍କୁଲ ବାହାରିବା ବେଳକୁ ମୋ ସହିତ ତା ପାଇଁ ବି ଚା କପଟିଏ କରିଥାଏ । ଆଜିଠାରୁ ଚାରିଦିନ ତଳର କଥା ମନେ ବି ପଡ଼ିଲା। ଝିଅର ଜନ୍ମଦିନ ଥିଲା। ଅଥଚ ଏଇ ପ୍ରଥମ ଥର ପାଇଁ ତାର ଜନ୍ମଦିନ ପାଳନ ହୋଇ ନଥିଲା। କାରଣ ଘରର ପରିବେଶ ଖୁବ୍ ଗମ୍ଭୀର ଥିଲା। ସେ ଚୁପ୍ ଚାପ୍ ଗୋଟିଏ ଘରେ କବାଟ ବନ୍ଦ କରି ରହିଥିଲା ସେ ଦିନ ସାରା।

ଏହାର କାରଣ ତ ସେ ନିଜେ। ଘରେ ଆମର ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ଖାସ୍ ତା ପାଇଁ।

ସେଇ ପ୍ରକାର ପରିସ୍ଥିତି ସୃଷ୍ଟି ହୋଇ ଜାରି ରହିଥିଲା ଗତ ରବିବାର ଠାରୁ। ସେଦିନ ସକାଳ ଦଶଟା ବେଳକୁ ଆସି ପହଞ୍ଚିଲା ଯୁବକଟିଏ। ଝିଅ ପଢ଼ାଉଥିବା ସେଇ ଏକା ସ୍କୁଲରେ ସେ ଶିକ୍ଷକ ଅଛି ବୋଲି ପରିଚୟ କରାଇଥିଲା ନିଜେ ଝିଅ । ତାର ଯଥାରୀତି ସତ୍କାର କରିବା ଭିତରେ ସେ ଅନର୍ଗଳ ଗପି ଚାଲିଥିଲା। ନିଜ ବିଷୟରେ, ନିଜ କ୍ୟାରିୟର ବିଷୟରେ, ରାଜ୍ୟର ସାମ୍ପ୍ରତିକ ଶିକ୍ଷାବ୍ୟବସ୍ଥା ବିଷୟରେ। ଏମିତି ସବୁ ଗପିବା ଭିତରେ ସରକାରୀ ଶିକ୍ଷକ ଚାକିରିରେ ସେ ଖୁବ୍ ଶୀଘ୍ର ଯୋଗଦେବ ଏବଂ ତନିମା (ଝିଅ)କୁ ବାହା ହେବାକୁ ଚାହୁଁଛି ବୋଲି ନିଜର ମନକଥା ଜଣାଇଲା।

ଏଇ ଯେଉଁ ରବିବାର ଦିନର ବିବରଣୀ ଦେଲି ସେସବୁ କଥା ମୋତେ କହିଥିଲେ ପତ୍ନୀ। କାରଣ ସେ ପିଲା ଆମ ଘରକୁ ଆସିବା ସମୟକୁ ମୁଁ ଘରେ ଉପସ୍ଥିତ ନଥିଲି।

ସେ ପିଲାଟି କିନ୍ତୁ ଆମ ଜାତିର ନୁହେଁ ବୋଲି ପତ୍ନୀ ଜାଣିଥିଲେ। ହେଲେ ନିଜର ଅଶାନ୍ତିକୁ ତା ଆଗରେ ପ୍ରକାଶ ନକରି ବାହାଘର ବିଷୟରେ ମୋ ସହିତ ଆଲୋଚନା କରି ଜଣାଇବେ ବୋଲି ତାକୁ କହି ବିଦାୟ ଦେଲେ।

ଆମେ ଦୁହେଁ ପରେ ଏ ବିଷୟରେ ଭାବିଲୁ ଏବଂ ଏ ବାହାଘର ରେ ଆମର ସମ୍ମତି ନାହିଁ ବୋଲି ସେ ପିଲାକୁ ଜଣାଇ ଦେବାକୁ ଝିଅକୁ କହିଲୁ। ପ୍ରକୃତରେ ଆମେ ପିଲାଟିର ଜାତିକୁ ନେଇ ନାରାଜ ଥିଲୁ ଏବଂ ଆମ ହାତରେ ଖୁବ୍ ସୁନ୍ଦର ଦୁଇଟି ପ୍ରସ୍ତାବ ଥିଲା। ମୋର ବଡ଼ଭାଇ ଯେଉଁ ପ୍ରସ୍ତାବଟି ଆଣିଥିଲେ ଆମ ବିଚାରରେ ସର୍ବୋତ୍ତମ ଥିଲା।



ବଡ଼ଭାଇ ପୂର୍ବ ଶନିବାର ରାତି ଦଶଟା ବେଳକୁ ସେଇ ପ୍ରସ୍ତାବ ବିଷୟରେ ଆଲୋଚନା କଲେ ଏବଂ ମୁଁ ନିଜର ସକାରାତ୍ମକ ସମ୍ମତି ଜଣାଇଲି। ଆମ ଦୁହିଁଙ୍କର ବାର୍ତ୍ତାଳାପ ଝିଅ ନିଶ୍ଚୟ ଶୁଣିଥିଲା ଏବଂ ତାକୁ ଶୁଣାଇବାର ଅଭିପ୍ରାୟ ନେଇ ହିଁ ମୁଁ ମୋବାଇଲର ସ୍ପିକର ଅନ୍ ରଖିଥିଲି। ଠିକ୍ ତା ପରଦିନ ଅର୍ଥାତ ରବିବାର ଦିନ ଉପରୋକ୍ତ ପିଲାଟିର ଆମଘରେ ଆର୍ବିଭାବ ହୋଇଥିଲା।

ଝିଅକୁ ବହୁତ ପ୍ରକାରର ବୁଝାଇବାକୁ ଚେଷ୍ଟା କରିଥିଲୁ ଏମିତି ଏକ ଡିସିସନ ନନେବା ପାଇଁ। ସମାଜ ଜାତିଭେଦ ନାହିଁ ବୋଲି କହେ ସିନା ପୁଣି ସେଇ ସମାଜ ଏମିତି ଏକ ଘଟଣା ଦେଖି ଆଖି ମିଟିକା ମାରି ତେରେଛା ହସେ। ଦେହରେ ଗଳି ଗଲା ଭଳି ଶାଣିତ ଶବ୍ଦର ଆକ୍ରମଣରେ ଘାଇଲା କରିଦିଏ ଦେହକୁ ମନକୁ। ନିଠେଇ ନିଠେଇ ପଚାରି ବସେ ଘଟଣାର ସବିଶେଷ ବିବରଣୀ ଜାଣିବାକୁ। ଉପରକୁ ସାବଲୀଳ ବ୍ୟବହାର କରିବାକୁ ଚେଷ୍ଟା କଲା ଭିତରେ ପଦେ ଦି ପଦ ଶବ୍ଦର ବ୍ୟବହାରରେ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଦିଅନ୍ତି। ନା କିଛି କହି ହୁଏ ନା ସହି ହୁଏ ..! କୋହର ଉଦଗୀରଣକୁ ଚାପି ରଖିବାକୁ ଢେର ସାରା ପରିଶ୍ରମ କରିବାକୁ ପଡେ। ଆକ୍ତାମାକ୍ତା ହୋଇ ସେ ଜାଗା ଛାଡି ଚାଲି ଆସିବାକୁ ପ୍ରାଣ ବିକଳ ହୁଏ।

ଆମେ ହାରି ଯାଇଥିଲୁ ଝିଅର ଜିଦ୍ ପାଖରେ ତ ଅନନ୍ୟୋପାୟ ହୋଇ ତାଙ୍କରି ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଫୋନ କରି ଝିଅକୁ ବୁଝାଇବାକୁ ଚେଷ୍ଟା କରିବାକୁ ମୁଁ ଅନୁରୋଧ କରିଥିଲି। ହେଲେ ଫଳ ହେଲା ଓଲଟା। ସେଇ ଶିକ୍ଷୟିତ୍ରୀ ଜାତିଭେଦ ଆଜିକାଲି ନାହିଁ ଏବଂ ଏ ବାହାଘର ପାଇଁ ସମ୍ମତି ପ୍ରଦାନ କରିବାକୁ ମୋତେ ବୁଝାଇବାକୁ ଚେଷ୍ଟା କରିଥିଲେ। କଥା ଛଳରେ ମୋତେ ସେ ଏକଥା ବି ସୂଚେଇ ଦେଲେ ଯେ ସେ ନିଜେ ବି ଲଭ୍ ମ୍ୟାରେଜ କରିଛନ୍ତି। ଆଉ ପ୍ରଥମେ ପ୍ରଥମେ ଅମଙ୍ଗ ହେଉଥିବା ତାଙ୍କ ସ୍ୱାମୀଙ୍କ ପରିବାର ପରେ ରାଜି ହୋଇ ଯାଇଥିଲେ। ନିଜ ଗାଲରେ ନିଜେ ଚାପୁଡ଼ା ଖାଇଲା ଭଳି ଅନୁଭବ ନେଇ ଫୋନ୍ କାଟିଲି।

ପୁଣି ଥରେ ଝିଅ ପାଖରେ ବସି ତା ମାଆ ବୁଝେଇବାକୁ ଲାଗି ପଡ଼ିଲେ। ସେ ପିଲାଟିର ନାଁ, ଗାଁ, ଠିକଣା ଜାଣି ନଥାଇ କେମିତି କ'ଣ ଏ ବାହାଘରରେ ରାଜି ହେବୁ ବୁଝି ହେଉନଥିଲା। ପତ୍ନୀଙ୍କ ଆଖିରୁ ଅବାରିତ ଲୁହ ଝରି ଚାଲିଥିଲା।

ରାତି ପାହିଲା ବେଳକୁ ଝିଅ ପ୍ରସ୍ତୁତ ହୋଇ ଯାଇଥିଲା। ହେଲେ ସେତେବେଳକୁ ପତ୍ନୀ ନିଘୋଡ ନିଦରେ ଶୋଇଥିବାର ପ୍ରତୀତ ହେଉଥିଲେ। ଝିଅ ଦୁଇ ଥର ମାଆକୁ ଡାକିଲା। ଶେଷକୁ ଫେରି ଆସିଲା ସେଇଠୁ। ହେଲେ ଆଲଣାରୁ ତା ମାଆର ଶାଢ଼ୀ ଖଣ୍ଡେ ଧରି ଆସିବାର ମୁଁ ଦେଖିଲି। ତରତର ହୋଇ ସେଇଟିକୁ ତା ଟ୍ରଲି ବ୍ୟାଗ୍ ରେ ରଖିଲା। ମୋ ଆଖିରେ ଲୁହ ଟଳମଳ କରୁଥିଲା ସେତେବେଳକୁ।

ହଠାତ୍ ନିଦ ଭାଙ୍ଗିଗଲା ତ ମୁଁ ଆଶ୍ୱସ୍ତ ହେଲି ମୁଁ ଏତେ ବଡ଼ ଘଟଣା ସ୍ୱପ୍ନ ରେ ହିଁ ଦେଖୁଥିଲି। ତଥାପି ଆଖିରେ ମୋର ଲୁହ ଥିଲା ବୋଲି ମୁଁ ବୁଝି ପାରିଲି। ମୋର ପ୍ରିୟ ବନ୍ଧୁ ତା ଝିଅ ବାହାଘର ବିଷୟରେ ଏମିତି କିଛି କହିଥିଲା ତ ସେସବୁ ସ୍ୱପ୍ନରେ ଆସିଥିଲା ବୋଲି ମୁଁ ବୁଝି ପାରିଲି।

ତଥାପି ମନରେ ସଂଶୟ ଭରିଗଲା ମୋର। ମୋ ଝିଅ ବି ଏବେ ବିବାହ ଯୋଗ୍ୟା ହୋଇ ସାରିଛି। ମନେ ମନେ ଭାବିଲି ଯଦି ଏମିତି କିଛି ସତରେ ମୋ ସହିତ ହୁଏ ତେବେ କ'ଣ କରିବା ଠିକ୍ ହେବ ? ଏତିକି ବେଳକୁ ଝିଅ ଆଣି ମୋ ହାତରେ ଚା କପଟିଏ ଧରାଇ ଦେଇ କହିଲା ଆଜି ଏତେ ଡେରିରେ ଉଠିଲ। ରାତିରେ ଭଲ ନିଦ ହୋଇନି କି? ସହାସ୍ୟ ପଚାରିଲା।

ହେଲେ ଝିଅ ତା ପ୍ରଶ୍ନର ଉତ୍ତର ମୋ ଠାରୁ ପାଇବା ଜରୁରୀ ନୁହେଁ ବୋଲି ମନେକଲା ନିଶ୍ଚୟ। ତା ସ୍କୁଲରେ ଛଅଟା ତିରିଶ ସୁଦ୍ଧା ପହଞ୍ଚିବାକୁ ପଡିବ ବୋଲି ତରବର ହୋଇ ବାହାରିଗଲା। ସେ କି ବୁଝିବ ତା'ର ବାହାଘର ଏବଂ ଭବିଷ୍ୟତ ନେଇ ମୋ ମନ ଭିତରେ ଉଙ୍କି ମାରୁଥିବା ଅଜସ୍ର ପ୍ରଶ୍ନର ଉତ୍ତର ନୀରବରେ ତାରି ପ୍ରତୀକ୍ଷାରେ ରହିଛନ୍ତି ବୋଲି...!!!

ମୋ: ୯୪୩୮୧୭୫୫୪୨

---

# ଅଧୁରା ସ୍ୱପ୍ନ

**ହରେରାମ ପଣ୍ଡା**

ଗାଆଁମୁଣ୍ଡରେ ପହଞ୍ଚିଲାବେଳକୁ ସଞ୍ଜ ନଇଁଆସୁଥିଲା। ଗୋଟାଏ ଅସମ୍ଭବ ନୀରବତାକୁ ନେଇ। ମୁହଁଅନ୍ଧାର ହେବା ସାଙ୍ଗେସାଙ୍ଗେ ପକ୍ଷୀମାନଙ୍କର ନୀଡ଼ଫେରନ୍ତା କିଚିରିମିଚିରି ଶବ୍ଦ ନୀରବିଗଲାଣି ସେତେବେଳକୁ। ଯତ୍ପରୋନାସ୍ତି ଚେଷ୍ଟାପରେ ବି ସମୟ ଭିତରେ ଗାଆଁରେ ପହଞ୍ଚିହେଲାନି କିମ୍ବା ଖୁସିର ଶବଟାକୁ ଶେଷଥରପାଇଁ ଟିକେ ଦେଖିହେଲାନି। ଆଖିରଲୁହ ଖାଲି ଆଖିରେ ମରିବା ହିଁ ସାରହେଲା। କିଏ ଜାଣିଥିଲା ଏମିତି ଗୋଟାଏ ଘଟଣା ଅକସ୍ମାତ୍ ଘଟିବ ବୋଲି? ଖୁସିପରି ଚୁଲବୁଲି ଝିଅଟା, ଯାହାକୁ କେବେ ମନଦୁଃଖ କରିଆସେନି, ରାଗିଆସେନି କି କାହାକୁ ପରବୋଲି ଭାବିବା ଆସେନି, ସିଏ ପୁଣି ଆତ୍ମହତ୍ୟା କରିବ ବା କାହିଁକି? ଖବରଟା ଶୁଣିଲାପରେ ସହଜରେ ଗ୍ରହଣକରି ହେଉନଥିଲା ଜମା। ଯେମିତିହେଲେ ଗାଆଁରେ ପହଞ୍ଚି କେମିତି ଥରେ ଆଖିପୂରେଇ ତା'ର ଶବଟାକୁ ଦେଖିବାକୁ ମନଟା ଏମିତି ବ୍ୟସ୍ତବିବ୍ରତ ହୋଇପଡୁଥିଲା ଯେ କିଛିକାମ ହାତରେ ପଶୁନଥିଲା। ସେଇ ବ୍ୟସ୍ତତାଭିତରେ ପିଲାଛୁଆଙ୍କୁ ସାଙ୍ଗରେଧରି ଆସିବା ହୁଏତ ଅସହଜ ମନେହେଉଥିଲା ମତେ। ଫ୍ଲାଇଟ୍‌ରେ ବେଙ୍ଗାଲୁରୁରୁ ଭୁବନେଶ୍ୱର ପାଖାପାଖି ଅଢ଼େଇଘଣ୍ଟା, ପୁଣି ଭୁବନେଶ୍ୱରରୁ ଗାଆଁରେ ପହଞ୍ଚିବା ଅତିକମ୍‌ରେ ତିନିଘଣ୍ଟା। ଖୁବ୍ ବେଶୀ ଡେରିହେଇଗଲା। ଗାଡ଼ିକୁ ସେଇ ଗାଆଁପାଖ ପଡ଼ିଆରୁ ବିଦା କରିଦେଇ ପୋଖରୀ ଆଡ଼କୁ ଆଗେଇଲି, ଯିବାକୁ ଗୋଡ଼ ଉଠୁନଥାଏ ଯେମିତି। ସଞ୍ଜବେଳର ନୀରବତା ସତେ କି ମତେ ଟାଣି ନେଉଥିଲା ଗାଆଁମୁଣ୍ଡ ମଶାଣି ଆଡ଼କୁ।

ଭାରି ଖାଁ ଖାଁ ଲାଗୁଥିଲା ମଶାଣିଟା। ଏମିତି କେବେ ତ ଲାଗେନା? ଝାପ୍ସା ଅନ୍ଧାରରେ ଦିକିଦିକି ହୋଇ ଜଳୁଥିବା ମଶାଣିର ନିଆଁକୁ ଦେଖି ଆଉ ବୁଝିବାକୁ ବାକି କିଛିନଥିଲା ମନଭିତରେ। ଏଣେତେଣେ ବିଛାଡ଼ିହୋଇ ପଡ଼ିଥିବା ଲୁଗାପଟା, ବିଛଣାପତ୍ର, କଳସୀ, ବଢ଼ା, ଫୁଲ, ଧୂପ, ଦୀପ ଇତ୍ୟାଦି। ଏ ସବୁ ଭିତରେ ଖୁସିର ସ୍ମୃତି ଯେମିତି ମୋର ମନଭିତରେ ଜୀବନ୍ତ ହୋଇ ଉଠୁଥିଲା। ଜୁଇର ସେହି ଦିକିଦିକିନିଆଁ ଭିତରୁ ଖୁସିର କାନ୍ଦୁରା ମୁହଁଟା ସ୍ପଷ୍ଟ ଦିଶୁଥିଲା ମୋତେ, ଆଉ ଶୁଭୁଥିଲା ଖାସ୍ ଖୁସିରକଣ୍ଠସ୍ୱର, ''ମତେ କ୍ଷମା କରିଦବୁ ଜଗନ୍ ଭାଇ, ତତେ ଥରୁଟେ ଦେଖିବାକୁ ମୁଁ ରହିପାରିଲିନି। ଭାଉଜଙ୍କୁ ଟିକେ ଦେଖିପାରିଲିନି। ମରଣଟା ମତେ ଏତେଶୀଘ୍ର ଭିଡ଼ିନେବ ବୋଲି ମୁଁ କ'ଣ ଜାଣିଥିଲି? ଦୁନିଆଁର ଗୋଟାଏ ଅଲୋଡ଼ାଝିଅ ଭାଗ୍ୟରେ ଆଉ କ'ଣ ଲେଖା ହେଇଥାଆନ୍ତା? ମନ ଦୁଃଖ କରିବୁନି। ଭାଉଜଙ୍କୁ ବୁଝେଇଦବୁ, ଖୁସି ବୋଲି ଯେଉଁ ଝିଅଟା ତୁମ ସ୍ନେହଡୋରିରେ ବାନ୍ଧି ହୋଇଯାଇଥିଲା, ଧରିନବ ଏ ଦୁନିଆଁର ଭିଡ଼ଭିତରେ ସେ ହଜିଯାଇଛି, ଆଉ ଖୋଜିବା ଯାହାକୁ ଜମା ସମ୍ଭବନୁହେଁ। ରହସ୍ୟଭିତରୁ ଉତୁରି ଆସୁଥିବା କୁଆରରେ ଭଙ୍ଗା ପଡ଼ିଯାଇଛି। ରହସ୍ୟ ଗୋଟାଏ ରହସ୍ୟ ହୋଇ ରହି ଯାଇଛି।''

ଦିଶିଯାଉଥିଲା ତା'ର ମୁହଁଟା, ସେମିତି ଅଲରାବାଳ ମେଞ୍ଚାଏ ଉଲୁରି ପଡ଼ିଥିଲା ତା'ର ମୁହଁଉପରକୁ। କଥାଗୁଡ଼ାକ ସିଏ କହୁଥିଲା ନା ମୋ ମନର ଭ୍ରମ ଥିଲା? ସତରେ ଯା'ଭିତରେ କିଛି ରହସ୍ୟ ନାହିଁ ତ? ଖୁସିପରି ଝିଅଟା ଯାହାର ଦୁନିଆଁରେ କେହି ଶତ୍ରୁ ନାହାନ୍ତି କି ସେ ବି କାହାରି ସହିତ ଶତ୍ରୁତା କରି ଶିଖିନି, କ'ଣ ଏମିତି ଘଟିଲା ଯେଉଁଥିପାଇଁ ସେ ଆତ୍ମହତ୍ୟା କରିଛି? ଅସମ୍ଭାଳ କୋହ ଅନୁଭବ କରୁଥିଲି ଛାତି ଭିତରେ। କେତେ ଆପଣାର ଥିଲା ଖୁସିଟା ମୋପାଇଁ! ଗୋଟାଏ ଅସଜଡ଼ା ମନକୁ



ସଜାଡ଼ି ଦେବାର ସମସ୍ତ ସାଧନ ଯେମିତି ଭରିରହିଥିଲା ତା'ର ଆଚରଣ ଆଉ ଉଚ୍ଚାରଣରେ। ପିଲାଟିବେଳୁ ବାପମାଆ ଛେଉଣ୍ଡହୋଇ ବୁଢ଼ୀମାଆର ହେପାଜତରେ ବଢ଼ି ଆସିଥିଲା ଖୁସି। ଖୁବ୍ ଛୋଟବେଳୁ ଆମଘରକୁ ଯିବାଆସିବା, ଖିଆପିଆ, ଖେଳକୁଦ, ଅଳିଅଝଟ ସବୁ ଆମରିଘରେ। ଭଉଣୀଟିଏ ନଥିଲା ବୋଲି ମନଭିତରେ ଥିବା ଶୂନ୍ୟସ୍ଥାନଟାକୁ ପୂରଣ କରିବାରେ ବେଶ୍ କାବିଲ୍ ଥିଲା ସେ। ଏତେ ଛୋଟବେଳୁ ଏମିତି ନିବିଡ଼ଭାବରେ ଗୋଟାଏ ଅଜବ ବନ୍ଧନରେ ଆମସମସ୍ତଙ୍କୁ ସେ ବାନ୍ଧିଦେଇଥିଲା ଯେ ଯେଉଁଥିରୁ ମୁକୁଳିବା ଆମପାଇଁ ସହଜ ନଥିଲା। ନଥିବାଘରର ଝିଅଟେ ବୋଲି ଅନୁଭବ କରିବାକୁ କେବେ ବି ତାକୁ ସୁଯୋଗ ଦେଇ ନଥିଲୁ ଆମେ। ଗାଁ ପାଖ କଲେଜରେ ବି.ଏ.ଫାଇନାଲ ବର୍ଷରେ ପାଠପଢ଼ା ଚାଲିଥିଲା ତା'ର। ବୁଢ଼ୀ ମାଆଟା ତା'ର ତାକୁ ଅଧିକ ପାଠ ପଢ଼େଇବାକୁ ଅମଙ୍ଗହେଉଥିଲେ ବି ତାକୁ ବୁଝାସୁଝାକରି ଆଗକୁ ଯିବାକୁ ଖୁସିର ଇଚ୍ଛାକୁ ସାକାର କରିବାର ଉଦ୍ୟମକରିଥିଲୁ ଆମେ। ଖୁବ୍ ଭଲପଢୁଥିଲା ସେ। ତା'ର ଉତ୍ତମ ବ୍ୟବହାର ପାଇଁକଲେଜରେ ବି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲା ଖୁସି। ତାହେଲେ ଏମିତି କ'ଣ ଘଟିଲା...

ଗାଆଁଭିତରକୁ ଯିବାକୁ ଗୋଡ଼ ଉଠୁନଥିଲା ସହଜରେ। ଏମିତି ଗୋଟାଏ ଅଭାବନୀୟ ପରିସ୍ଥିତିକୁ ସାମନାକରିବାର ଯୁ ନଥିଲା ମୋ ଭିତରେ। ଭାରି ପାଦ, ଅବଶ ଶରୀର ଓ ଗୋଟାଏ ଅସଜଡ଼ା ମନନେଇ ଚାଲିଲି ଗାଆଁଭିତରକୁ। ଗାଆଁଭିତରେ ପାଦ ରଖୁରଖୁ ନିଜଭିତରେ ନିଜକୁ ମୁଁ ପଚାରୁଥିଲି, ଯେଉଁଠି ଖୁସି ନାହିଁ ସେଠିକି ଯାଇ କେବଳ ଗୁଡ଼ାଏ ଅଭାବବୋଧର ଛାଟ ଖାଇବାଛଡ଼ା ଆଉ ମିଳିବ କ'ଣ? ଗାଆଁଭିତରେ ମଦନ ଭାଇ, ପରିଆ ଦାଦା, କୋଇଲି ନାନୀ, ମାଳବୋଉ ଖୁଡ଼ି ଏମିତି କେତେସବୁ ମତେ ଦେଖି କେମିତି କେମିତି ଚାହୁଁଥାନ୍ତି, ଗୁଡ଼ାଏ ଅସମାହିତ ପ୍ରଶ୍ନ ଯେମିତି ସେମାନଙ୍କ ମନଭିତରେ ଉଙ୍କି ମାରୁଥାଏ। ଆମଦାଣ୍ଡରେ ସାହିଭାଇ ସମସ୍ତେ ଏକାଠି। ମଡ଼ାସାଙ୍ଗିଆ ଭାଇମାନେ ଗାଧୁଆପାଧୁଆ ସାରି ଜଳଖିଆ ଯୋଗାଡ଼ରେ ବ୍ୟସ୍ତ। କେଉଁଠି ନା କେଉଁଠି ସମସ୍ତଙ୍କଭିତରେ ବାରି ହୋଇପଡୁଥାଏ ବିଷାଦର ଛାୟା। ଘରୁ ହଠାତ୍ ବୋଉ ମୋପାଖକୁ ଦଉଡ଼ିଆସି ମତେ କୁଣ୍ଢେଇଧରି କାନ୍ଦିକାନ୍ଦି କହିଚାଲିଥାଏ, ''ଖୁସି ଆଉ ନାହିଁରେ ଧନ, କାହାକୁ ଦେଖିବାକୁ ଆସିଲୁ? ଆମ ସମସ୍ତଙ୍କୁ ଛାଡ଼ି ଝିଅଟା ଚାଲି ଗଲାରେ!''

ବୋଉର କାନ୍ଦଣାରେ ଧୈର୍ଯ୍ୟରବନ୍ଧ ଭାଙ୍ଗିଗଲା ମୋର। ଏତେବେଳଯାଏ ଅଟକି ରହିଥିବା ଲୁହଗୁଡ଼ାକ ଗଡ଼ିଆସିଲା ମୋ ଆଖିରୁ। ମୋ ଆଖିରେ ଲୁହ ଦେଖି ବୋଉ ତା'ର ଶାଢ଼ୀ ପଣତରେ ପୋଛିବାରେ ଲାଗିଥାଏ ମୋ ମୁହଁକୁ, ନିଜେ ବି କାନ୍ଦୁଥାଏ ସେମିତି। ଦାଣ୍ଡଦୁଆରେ ବ୍ୟାଗ୍‌ଟା ଥୋଇଦେଇ ପାଖଘରେ ରହୁଥିବା ଖୁସିର ବୁଢ଼ୀମାଆ ଶାରୀ ଗୋସିମାଆର ଘରଆଡ଼କୁ ମୁହେଁଇଲି। ଯେଉଁଘରେ ବୁଢ଼ୀମାଆ ନାତୁଣୀ ଦୁହିଁଙ୍କ ଭିତରେ ଅହରହ କଟର ମଟର ଚାଲିଥାଏ, ଯେଉଁଥିରେ ମୁଖ୍ୟପ୍ରସଙ୍ଗ ଥାଏ କେବଳ ଖୁସିର ଖୁଣ ବାହାରକରିବା। ସେଇ ଘରଟା ଭାରି ଖାଁ ଖାଁ ଲାଗୁଥିଲା ମତେ। ଦୁଆରମୁହଁରେ ପଡ଼ିଛି ଶାରୀ ଗୋସିମାଆ। ଚାପାକଣ୍ଠରେ ଗୁମୁରି ଗୁମୁରି କାନ୍ଦୁଥିଲା ସେ। ମନ ଭିତରେ ସବୁସାହସକୁ ଏକାଠିକରି ପାଖକୁଯାଇ ଡାକିଲି, ''ଗୋସିମା!''

ଚମକିପଡ଼ି ଉଠିଲା ବୁଢ଼ୀ, ଚାହିଁଲା ମତେ। କ'ଣ ବା କହିଥାଆନ୍ତା ମତେ? ମୋ ମୁହଁକୁଧରି ଭୋଭୋ ହେଇ ଖାଲି କାନ୍ଦୁଥାଏ ସେ, ''ଜଗନ୍‌ରେ, ଭୋଉଣୀଟାକୁ ତୋର ମାରିଦେଲେ ରେ! ଚାଣ୍ଡାଳ ଗୁଡ଼ାକ ତୋ ଖୁସିକୁ ମାରିଦେଲେ ...''

ଚିହିଁକି ଉଠିଲି ମୁଁ। ଶାରୀ ଗୋସିମା ଏମିତି କ'ଣ କହୁଛି? ତାହେଲେ ଏଯାଏଁ ମୁଁ ଯାହା ଜାଣିଥିଲି...ଖୁସି ତ ଆତ୍ମହତ୍ୟା କରିଛି, କିନ୍ତୁ ଗୋସିମା ଯେ କ'ଣ କହୁଛି? ଟାଣି ଟାଣି ଘର ଭିତରକୁ ମତେ ନେଇ ପାଖରେବସେଇ ଭଙ୍ଗାକଣ୍ଠରେ ଏମିତି କଥାସବୁ କହୁଥିଲା ଯାହା ମୋ ଭାବନାରେ ବି ନଥିଲା। ମାତ୍ର କେଇ ମିନିଟର ଗୋସିମାଆର ବୟାନ ମୋତେ ହତଚକିତ କରିଦେଉଥିଲା। ଯେତିକି ମୁଁ ତାଠୁଁ ବୁଝିଲି ଖୁସିକୁ କଲେଜ ଯିବାବାଟରେ କେଇଜଣ ଦୁର୍ବୃତ୍ତ ଅଟକାଇ ଜବରଦସ୍ତ ଉଠାଇ ନେଇଯାଇଥିଲେ ନଈପଠାର ଗୋଟାଏ ନିଷିଦ୍ଧ ଇଲାକାକୁ। ଜୋରଜବରଦସ୍ତି କରି ବଳାତ୍କାର କରିଛନ୍ତି ତା'ସହିତ। ସେଇଠି ଫୋପାଡ଼ିଦେଇ ଯାଇଛନ୍ତି ଖୁସିର ଅଧାଫୁଙ୍ଗୁଳା ରକତ ଜୁଡୁବୁଡୁ ଦେହଟାକୁ। ଗାଆଁରେ ଖୋଜାପଡ଼ିଲା। ଖୋଜିଖୋଜି କରି ପୋଲିସ୍ ପାଇଲା ଖୁସିର ଶବଟାକୁ। ଡାକ୍ତରଖାନା ନିଆଗଲା ଡେଡ୍‌ବଡିକୁ। ପୋଷ୍ଟମଟମ୍ କରାଗଲା। ରିପୋର୍ଟ କ'ଣ ଆସିଲା କେଜାଣି ପୋଲିସ ଶବଟାକୁ ଆଣି ପହଞ୍ଚାଇଲେ ଗୋସିମାଆର ଦୁଆରେ। ଖୁବ୍‌ଶୀଘ୍ର ଶବଟାକୁ ପୋଡ଼ିଦେବାକୁ ତାଗିଦ୍ କରିଗଲେ। ଗାଆଁଲୋକେ ଅଭିଯୋଗ କଲେ, ବାରମ୍ବାର ଥାନାକୁ ଦଉଡ଼ିଲେ। ପୋଲିସ ସେମାନଙ୍କୁ ଏମିତି ଡରେଇ ଦେଇଥିଲା ଯେ କେହି ଆଉ ଆଗକୁବଢ଼ିବାକୁ ସାହସ କଲେନାହିଁ। ବିଚାରୀ ବୁଢ଼ୀଟାପାଇଁ ଆଉ କିଏ ବା ଅଛି ଦରଦ ଦେଖାଇବାକୁ? ଶେଷରେ ମଶାଣିରେ ଖୁସିର ଶେଷକୃତ୍ୟ ସାରିଦେଇ ସମସ୍ତେ ନିଜନିଜର କର୍ତ୍ତବ୍ୟ ସମ୍ପାଦନ କରିଦେଲେ।

ଆଖିରେ ମୋର ଲୁହ ବି ନଥିଲା ଗଡ଼ିବାକୁ। ଭାଷା ବି କିଛି ନଥିଲା ଗୋସିମାଆକୁ ସାନ୍ତ୍ୱନା ଦେବାକୁ। ମନଭିତରେ ଗୋଟାଏ ବିରାଟ ବିଦ୍ରୋହରଝଡ଼ ଉଠୁଥିଲା ଖୁସିପାଇଁ ଟିକିଏ ନ୍ୟାୟ ମାଗିବାକୁ। କିନ୍ତୁ କ'ଣ ବା ପ୍ରମାଣ ଆଉ ଅଛି ମୋପାଖରେ? କାହାକୁ ବା ନ୍ୟାୟ ମାଗିଥାନ୍ତି? ଦୁନିଆଁରେ ନ୍ୟାୟ ଥିଲେ ସିନା! ଯିଏ ନ୍ୟାୟ ଦେବାକଥା, ସେମାନେ ତ ନିଜକୁ ନିରାପଦ ରଖିବାକୁ ସବୁପ୍ରମାଣକୁ ଜାଳିପୋଡ଼ି ଛାରଖାର କରିଦେଇଛନ୍ତି ମଶାଣିରେ। ଦୁର୍ବୃତ୍ତ ଗୁଡ଼ାକ ଯେମିତି ଅଦୃଶ୍ୟରେ ଥାଇ ଅଟ୍ଟହାସ୍ୟ କରି କହୁଥାନ୍ତି, ''ଦେଖ, ତୁମେ ଆମର କିଛି କରିପାରିଲନି, ଆମେ ଜିତିଗଲୁ। ଖୁସିଭଳି ଆହୁରି ଅନେକ ଆମ ଟାର୍‌ଗେଟ୍‌ରେ ଅଛନ୍ତି। ଆଗକୁ ଆଗକୁ ଦେଖିଚାଲ, ବୁଝିପାରିବ ଆମର ତାକତ କେତେ!''

ନିଜକୁ ଧିକ୍କାର କରୁଥିଲି ମନେମନେ। କି ଭଳିଆ ଭାଇଟେ ମୁଁ? ଏ ଦୁନିଆଁର ଭିଡ଼ଭିତରେ ଭଉଣୀଟା ମୋର କୁଆଡ଼େ ହଜିଗଲା, ଅଥଚ ସମସ୍ତେ ଆମେ ଜଳକାହୋଇ ରହିଗଲୁ। ପୋଖରୀକୁ ଯାଇ ବୁଡ଼ଟିଏ ପକେଇଲି ଖୁସିପାଇଁ, ଥରିଲା କଣ୍ଠରେ କହୁଥିଲି,

''ମତେ କ୍ଷମା କରିଦେବୁଲୋ ଖୁସି, ତୋପାଇଁ ମୁଁ କିଛି କରିପାରିଲିନି। ତୋ'ପାଇଁ ଦେଖିଥିବା ସବୁ ସ୍ୱପ୍ନ ମୋର ଅଧୁରାହୋଇ ରହିଗଲା!''

ମନରେ ଗୁଡ଼ାଏ ଅବସୋସ ନେଇ ଫେରିବାଛଡ଼ା ଆଉ କ'ଣ ବା ଚାରା ଥିଲା ମୋର?

ମୋ : ୯୪୩୮୦୬୫୧୯୫

---

# ଦିନେ କେବେ ସୂର୍ଯ୍ୟାସ୍ତ ପୂର୍ବରୁ

**ଡ. ଅଭୟ ନାରାୟଣ ନାୟକ**



ତମେ ଦିନେ ଆସ
ସୂର୍ଯ୍ୟାସ୍ତ ପୂର୍ବରୁ
ଏଠି ବିଦେଶୀ ଗୋଲାପ ବଣରେ
କେହି କେହି ଚିହ୍ନିପାରୁ ନାହାନ୍ତି
କୁରେଇ ଫୁଲର ବାସ୍ନା କି ଚମ୍ପା ବଣର ମହକ
ଖୁବ ମନେ ପଡୁଛି ସେ ଡଙ୍ଗର ତଳେ
ଆମେ କେମିତି ଗାଇଥିଲେ ଗୋଟାଏ
ହୁମୋ ବଉଲିର ଗୀତ
ଅରଖ ଗଛର ପତ୍ରରେ
ପୋକ ଲାଗିଲାପରି
ମତେ କୋରି ଖାଉଛି ଆମ ସ୍ମୃତି
ବିଭୋର କରୁଛି ପାତାଳି ଶ୍ରୀକ୍ଷେତ୍ରର
ଫର ଫର ଉଡୁଥିବା ନେତ
କ୍ଲାନ୍ତ ଲାଗୁଛି ଏ ଅପରାହ୍ନରେ
ସୋନପୁରୀ ମଠା ଢଙ୍କା ଉଦ୍‌ବେଗ
ଗୋରୁ ଗୋଠଙ୍କୁ ଫେରିବା ପୂର୍ବରୁ
ତମେ ଥରେ ଆସ
ପାହାଡ଼ ତଳ ଡୁଲିରେ ମଡାଇବା ପାଇଁ
ମହାନଦୀର ପାଣି
ଧୂସର ମଳିନ ଧାନ କ୍ଷେତରୁ
ସୁନାରଙ୍ଗର ସେଲ୍‌ଫି ନେବାକୁ
ଲଙ୍କେଶ୍ୱରୀ ଦରହର ପାଣି ଶୁଖିବା ପୂର୍ବରୁ
ମେଟାକାନୀ ଜଙ୍ଗଲରୁ ଶାଳଗଛସବୁ
ହଜିଯିବା ପୂର୍ବରୁ
କୋଟି ଲାବଣ୍ୟ ସୁନ୍ଦରୀ ବାନ୍ଧଶାଢ଼ୀ ପିନ୍ଧି
ଥରେ ଆସ........ ଆସିବ ତ ??
ଘୋଟି ନ ଆସୁ ଆମ ପ୍ରତ୍ୟୟରେ ସୂର୍ଯ୍ୟାସ୍ତ
ଆସୁଛ ଯଦି
ବେଳ ଥାଉ ଥାଉ ତମେ ଦିନେ ଆସ
ଆସିବା ଦିନ ହେବ
ବସନ୍ତର ମହମହ ବାସ ।।

ମୋ: ୯୪୩୭୮୯୨୫୪୦

# ଗାଆଁକୁ କେବେ ଫେରିବା

**ସୁନୀଲ କୁମାର ପ୍ରଧାନ**

ଗାଆଁକୁ କେବେ ଫେରିବା
ଗାଁରେ ରହି ଗାଉଁଲି କହିବା
ମନ ଉଲ୍ଲାସେ ବୁଲିବା ।

ଗାଆଁକୁ କେବେ ଫେରିବା
ଛଣ ଛପର ବାସ କରିବା
ଶୁଦ୍ଧ ପବନ ପାଇବା ।

ଗାଆଁକୁ କେବେ ଫେରିବା
ଚଉରା ମୂଳେ ଖେଳ ଖେଳିବା
ଗାଁ କିମ୍ବଦନ୍ତୀ ଜାଣିବା ।

ଗାଆଁକୁ କେବେ ଫେରିବା
ଦୁବୁନା ବନେ କୋଳି ତୋଳିବା
ପାଣି ଚୁଆରେ ଡେଇଁବା ।

ଗାଆଁକୁ କେବେ ଫେରିବା
ସଭ୍ୟ ସମାଜ କଥା ଜାଣିବା
ନମ୍ର ସ୍ୱଭାବ ପାଇବା ।



ଗାଆଁକୁ କେବେ ଫେରିବା
ସନ୍ଧ୍ୟା ସମୟେ ପାହାଡ଼ ଶିଖେ
ପ୍ରକୃତି ଶୋଭା ଦେଖିବା ।

ଗାଆଁକୁ କେବେ ଫେରିବା
ଏକତା କଥା ସେଠୁ ଶିଖିବା
ଗାଁ ଭାଇଚାରା ପାଇବା ।

ଗାଆଁକୁ କେବେ ଫେରିବା
ଗାଁର ନାମଟି ଆଗେ କହିବା
ଏତିକି ନିର୍ଣ୍ଣୟ ନେବା ।

ମୋ: ୭୬୦୯୯୩୪୩୬୬

# ଜଳୁଛି ଜୀବନ ଜଳୁଛି ଜଗତ

**ପ୍ରଦୋଷ କୁମାର ଦାସ**

ଜଳୁଛି ଜୀବନ, ଜଳୁଛି ଜଗତ।
ଯୁଦ୍ଧ ଥମିବାର ନାହିଁ,
କାହିଁ କେଉଁଠି ସଂକେତ ।।
ଦିନୁଦିନ ପରିସ୍ଥିତି ହୁଏ ଅଣାୟତ୍ତ।
ହାୟ! କେତେ ଦାରୁଣ ନିର୍ବିକାର ସତେ
ଯୁଦ୍ଧ ଖୋର ଚିତ୍ତ !!
ମାଟିପାଣି ପବନ ହୁଏ ନିତି ବିସ୍ଫୋରିତ ।
ନିଆଁ ଓ ଧୂଆଁରେ
ଜୀବନର ଦୀପ ହୁଏ ନିବାପିତ ।।
ଯୁଦ୍ଧର ଲେଲିହାନ ଶିଖା
ଚଉଦିଗେ ହୁଏ ପ୍ରସାରିତ।
କ୍ଷେପଣାସ୍ତ୍ର ଲଢ଼େଇରେ ମାଟିର ଭୂଗୋଳ
ନିତି ହୁଏ ଭୁଲୁଣ୍ଠିତ ।।
ଯୁଦ୍ଧ ପ୍ରଭାବିତ ନିରୀହ ମଣିଷଟି
ଆଜି ବାସ୍ତୁହରା ବୁଭୁକ୍ଷିତ ।
ହରାଇ ପରିବାର ପରିଜନ
ବଞ୍ଚିବାର ରାହା ଖୋଜଇ ଆହତ ।।
ଜଳୁଛି ଜୀବନ, ଜଳୁଛି ଜଗତ ।
ଯୁଦ୍ଧ ଥମିବାର ନାହିଁ
କାହିଁ କେଉଁଠି ସଂକେତ ।।
ହିଂସା ଅଶାନ୍ତି ବଳୟରେ ରୁଦ୍ଧ
ସାରା ମାନବ ଜଗତ।
ଯୁଦ୍ଧର ଯମ ଯନ୍ତ୍ରଣାରେ
ମାନବତା ଆଜି ଭାରି ମର୍ମାହତ ।।
ଦେଶ ଦେଶ ଯୁଦ୍ଧ ବିରୋଧରେ
ହୁଅ ସଭିଏଁ ସତତ ଜାଗ୍ରତ ।
ଆଉ ନବହୁ ଅଯଥା ଶୋଣିତ ।
ଆସ ଉଡ଼ାଇବା ଆମେ ଶାନ୍ତିର କପୋତ ।।
ନୀଡହରା ପକ୍ଷୀ ଫେରିଆସୁ
ପାଇ ତା'ର ବାସ ।
ଶାନ୍ତି ପ୍ରଗତିରେ
ମାନବତାର ହେଉ ନବ ଉନ୍ମେଷ ।।
ଯୁଦ୍ଧ ନୁହେଁ କେବେ ସମାଧାନ ପଥ ।
ପୃଥିବୀ ସୁରକ୍ଷା ସଭିଙ୍କ ଜୀବନ ରକ୍ଷା ପାଇଁ
କର ଶପଥ ।।
ଆଉ ନ ଜଳୁ ଜୀବନ, ନ ଜଳୁ ଜଗତ ।
ଆପୋଷ ବୁଝାମଣା ହେଉ,
ଯୁଦ୍ଧ ବନ୍ଦ ପାଇଁ ଆସୁ ସଂକେତ ।।
ଥମିଯାଉ ଯୁଦ୍ଧ,
ଥମିଯାଉ ହିଂସାର ପ୍ରଳୟ,
ମାନବତାର ହେଉ ମାର୍ମିକ ବିଜୟ ।।

ମୋ: ୬୩୭୦୪୯୫୯୪୪

# ପ୍ରାର୍ଥନା

**ଅଳକା ମହାନ୍ତି**

ତୁମେ ତ ଦେଇଛ ସ୍ନେହ ଧାରା ପ୍ରଭୁ,
ବାଣ୍ଟିବାକୁ ଜଗତ ରେ !
ତୁମରି ଚରଣେ ଅଳି କରେ ପ୍ରଭୁ,
ଶକ୍ତି ଦିଅ ମୋ ମନ ରେ !!

ତୁମେ ପ୍ରଭୁ ଅଟ ସୁଖର ସାଗର
ଅଣୁ ଏ ଦେଇଛ ମୋତେ,
ବାଣ୍ଟୁ ଥିବି ସୁଖ ପ୍ରସାଦ ସମାନ
ଦୁଃଖ ବି ଆସିଲେ କେତେ ।

ସନ୍ତୁଷ୍ଟତା ହେଉ ମୋ ଗଳାର ମାଳି
ମୁକୁଟ ହେଉ ସାହସ,
କ୍ଷମା ଦେଉଥାଏ ଦୟାବାନ୍ ହୋଇ
ଦେଇ ସ୍ନେହର ପରଶ ।

ପରବଶେ ରହି ପର ଚିନ୍ତନରେ
ମନ ମୋ ନ ଲାଗୁ କେବେ,
କାମନା, ବାସନା ମୋହଗ୍ରସ୍ତ ହୋଇ
ଶାନ୍ତି ନ ମିଳୁ ଏ ଭବେ ।

ସଭିଙ୍କୁ ସମ୍ମାନ, ସଭିଙ୍କୁ ଆଦର
କରୁଥାଏ ହୃଦୟରୁ,
ସଭିଙ୍କ ସୁଖରେ ସୁଖୀ ହେଉଥାଏ
ସ୍ନେହ ବାରି ସଦା ଝରୁ ।

# ଭକତ ପ୍ରେମରେ ବନ୍ଧା ତୁ କାଳିଆ

**ପ୍ରଶାନ୍ତ କୁମାର ନାୟକ**

ସବୁ ସୌନ୍ଦର୍ଯ୍ୟର ସବୁ ମାଧୁର୍ଯ୍ୟର
ତୁମେ ହିଁ ତ ଗନ୍ତାଘର,
ସବୁ ଐଶ୍ୱର୍ଯ୍ୟର ତୁମେ ହିଁ ଆଧାର
ନୀଳାଚଳ କଳାକାର ।।

ଭକତ ପ୍ରେମରେ ବନ୍ଧାତୁ କାଳିଆ
ଭକ୍ତ ତୋ ଜୀବନ ଧନ,
ତା' ପାଇଁ ଆଖିରେ ପଲକ ପଡେନି
ଭକ୍ତ ତୋ ହୃଦ ଚନ୍ଦନ ।।

ସାରା ଜଗତର ତୁମେ ହିଁ କରତା
ଆହେ ଜଗତର ସ୍ୱାମୀ,
ଏ ସାରା ସଂସାରେ ତୁମପରି ସଖା
ନାହିଁ କେହି ଅନ୍ତର୍ଯ୍ୟାମୀ ।।

ତୁମେହିଁ ସମସ୍ୟା ତୁମେ ସମାଧାନ
ତୁମେ ପ୍ରଭୁ ସଂଶୋଧନ,
ତୁମେ ହିଁ ବିକାଶ ତୁମେ ହିଁ ବିନାଶ
ତୁମେ ପୁଣି ବ୍ରହ୍ମଜ୍ଞାନ ।।

ହେ କଳା ସାଆନ୍ତ କ୍ଷମାର ପ୍ରଦୀପ
ଦୋଷ ମୋର କର କ୍ଷମା,
ତୁମରି ଚରଣେ ସମର୍ପିତ ହେଲି
କିଛି ନୁହେଁ ମୁଁ ତୁମବିନା ।।

ମୋ: ୮୨୪୯୬୫୦୪୧୪

## ତୈଳସଙ୍କଟ ବୃଦ୍ଧି ନେଇ ଅସାଧୁ ଟାଙ୍କି ମାଲିକଙ୍କ ଉତ୍ସାହ ବଢୁଛି

ତାଳଚେର, ୧୬।୫ (ନି.ପ୍ର): ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତୈଳ ମହଜୁଦ ରହିଥିବା କହୁଥିବା ବେଳେ ଏପଟେ ତାଳଚେର ଅଞ୍ଚଳରେ ରହିଥିବା ସମସ୍ତ ଟାଙ୍କି ଗୁଡ଼ିକରେ ଗ୍ରାହକମାନଙ୍କର ଲମ୍ବାଧାଡ଼ି ଲାଗି ରହିଥିବା ଦେଖିବାକୁ ମଲୁଛି । କେନ୍ଦ୍ର ସରକାର ପ୍ରେଟ୍ରୋଲ ଦର ଲିଟର ପ୍ରତି ୩.୩୯ପଇସା ବୃଦ୍ଧି କରିଥିବା ବେଳେ ଡ଼ିଜେଲ ୩.୨୩ ପଇସା ବୃଦ୍ଧି କରିଛନ୍ତି । ତଥାପି ଯୋଗାଣମନ୍ତ୍ରୀ କହିବା ଅନୁଯାୟୀ ତୈଳ ସାମଗ୍ରୀ ଯଦି ଗଚ୍ଛିତ ରହିଛି ତେବେ ଟାଙ୍କି ଗୁଡ଼ିକରେ କାହିଁକି ଶହଶହ ଗାଡ଼ିମଟର ଲମ୍ବାଲାଇନ୍ କରି ୪୨ଡ଼ିଗ୍ରୀ ଖରାରେ ଅପେକ୍ଷା କରୁଛନ୍ତି ତାହାକୁ ନେଇ ଗ୍ରାହକମନରେ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇବାରେ ଲାଗିଛି



। ପ୍ରାଶାସନିକ ସ୍ତରରେ କେଉଁ ଗାଡ଼ିକୁ କେତେ ତେଲ ଦିଆଯିବ ନିୟମ କରାଯାଇ ନଥିବା ବେଳେ ଆଜି ତାଳଚେର ବାଙ୍କଧରା ଛକ ପେଟ୍ରୋଲ ପମ୍ପରେ ବାଇକକୁ ଶହେ ଟଙ୍କା ଲେଖାଏଁ ଓ ଟ୍ରକକୁ ୨୫ରୁ ୪୦ଲିଟର ତେଲ ଦେଉଥିବା ବେଳେ ଗ୍ରାହକମାନେ ଅସନ୍ତୁଷ୍ଟ ହେବା ସହିତ ବାଙ୍କଧରା ଛକ ୧୪୯ ନଂ ଜାତୀୟ ରାଜପଥ ଜାମ ରହିଥିବା ଅଭିଯୋଗ ହୋଇଥିଲା। ଏହି ଖବର ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଜାଣିବାପରେ ସେ ତୁରନ୍ତ ତାଳଚେରଥାନାକୁ ଜଣାଇଥିଲେ। ଘଟଣା ସ୍ଥଳରେ ପୋଲିସ୍ ପଂହଚି ତୁରନ୍ତ ପରିସ୍ଥିତିକୁ ଏଡ଼ାଇବାକୁ ଚେଷ୍ଟା କରି ସଫଳ ମଧ ହୋଇଥିଲେ । ସେହିପରି ଅନ୍ୟ ଟାଙ୍କି ଗୁଡ଼ିକ ମଧ ଏକା ଅବସ୍ଥା । ତତ୍ ମଧ୍ୟରୁ କିଛି ଟାଙ୍କିରେ ତେଲ ନଥିବାରୁ ଟାଙ୍କିକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବା ଶୁଣିବାକୁ ମିଳିଛି । ତାଳଚେର ସହର ସମେତ ଏହାର ଆଖାପାଖ ଅଞ୍ଚଳରେ ୧୬ଟି ତେଲଟାଙ୍କି ରହିଛି । ପୂର୍ବରୁ ଏହି ଟାଙ୍କି ଗୁଡ଼ିକରୁ ଦୈନିକ ପେଟ୍ରୋଲ ଅପେକ୍ଷା ଡ଼ିଜେଲ ଅଧିକ ବିକ୍ରି ହୋଇଥାଏ । କାରଣ ତାଳଚେର ଏକ ଖଣିଖାଦାନ ଅଂଚଳ ହୋଇଥିବାରୁ ଏଠାରୁ ଦୈନିକ ଶହଶହ ଭାରୀଯାନ ଚଳାଚଳ କରିଥାଏ । ମାତ୍ର ତୈଳ ସଙ୍କଟ ଦେକାଦେବା ଯୋଗୁଁ ଟ୍ରକ, ବସ୍, ଆମ୍ବୁଲାନ୍ସ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ତେଣୁ ଏଥିପ୍ରତି ସ୍ଥାନୀୟ ଯୋଗାଣ ବିଭାଗ ଯତ୍ନବାନ ନରହିଲେ ତୈଳସଙ୍କଟ ବୃଦ୍ଧିକୁ ନେଇ କେତେକ ଅସାଧୁ ଟାଙ୍କି ମାଲିକମାନେ ଲାଭଖୋର ମନୋଭାବ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି କି ଡ଼ିପୋରୁ ଅଳ୍ପସଂଖ୍ୟକ ତେଲ ଦେଉଥିବାରୁ ଏହିପରି ଅଚଳ ଅବସ୍ଥା ସୃଷ୍ଟି କରିଛି । ତେଣୁ ଏହାର ପ୍ରତିକାର ନକଲେ ଆଗାମୀ ଦିନରେ ଗ୍ରାହକମାନେ ଅଧିକ ଅସନ୍ତୋଷ ହେବା ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତକରି ବିଧି ବ୍ୟବସ୍ଥା ନକରାଗଲେ ଆଗାମୀ ଦିନରେ ଏହାକୁ ନେଇ ଜନଅସନ୍ତୋଷକୁ ଏଡ଼ାଇ ଦିଆଯାଇନପାରେ ।

## ସାବିତ୍ରୀ ବ୍ରତ ପାଳି ସ୍ୱାମୀଙ୍କ ମଙ୍ଗଳ କାମନା କଲେ ସଧବା ନାରୀ

ରାମଚନ୍ଦ୍ରପୁର,୧୬।୫(ନି.ପ୍ର): ପବିତ୍ର ସାବିତ୍ରୀ ବ୍ରତ ପାଇଁ ପୁରପଲ୍ଲୀ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଏଥିରୁ ବାଦ ପଡିନି ଘଷିପୁରା ବ୍ଲକର ବିଭିନ୍ନ ଶୈବପୀଠ । ବଡି ଭୋରରୁ ଉଠି ବିବାହିତ ମହିଳାମାନେ ଉପବାସ ବ୍ରତ ରଖି ନୂତନ ବସ୍ତ୍ର ପରିଧାନ ପୂର୍ବକ ବିଭିନ୍ ସୁସ୍ୱାଦୁ ଫଳ, ପୁଷ୍ପ ସହ ଶଙ୍ଖା ସିନ୍ଦୁର ବିଭିନ୍ନ ଦେବାଦେବୀ ମନ୍ଦିର ତଥା ବୃକ୍ଷ ମୂଳରେ ପୂଜା କରୁଥିବା ଦେଖିବାକୁ ମିଳିଥିଲା । ଆଜିର ଦିନରେ ବିହାହିତା ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ନିରୋଗ ତଥା ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ସାବିତ୍ରୀ ନିଜର ପତିବ୍ରତା ବଳରେ ଯମରାଜଙ୍କ ଠାରୁ ସ୍ୱାମୀଙ୍କୁ ମୃତ୍ୟୁମୁଖରୁ



ଫେରାଇ ଆଣିଥିଲେ । ସେଥିପାଇଁ ସଧବା ନାରୀମାନେ ବ୍ରତ ଧାରଣ କରି ପ୍ରଭୁଙ୍କ ନିକଟରେ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିଥାନ୍ତି । ଘଷିପୁରାର ଝାଡେଶ୍ୱର, ଦେଓଗାଁ, କୁଶଳେଶ୍ୱର ମନ୍ଦିର, ସାଇଁକୁଳର ସିଦ୍ଧେଶ୍ୱର, ଅଳତିର ହରଚଣ୍ଡୀ ଏବଂ ଚନ୍ଦ୍ରଶେଖର ମନ୍ଦିରରେ ସକାଳୁ ଶତାଧିକ ଶ୍ରଦ୍ଧାଳୁ ମହିଳାଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା ।

## ତ୍ରିଦିବସୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ତାଳଚେର, ୧୬।୫ (ନି.ପ୍ର): ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସର୍ବଶେଷ ଶିକ୍ଷଣ କୌଶଳ ସହ ଅଭ୍ୟସ୍ତ କରାଇବା ଓ ଦକ୍ଷତାର ବିକାଶ ଘଟାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟର ଆନୁକୂଲ୍ୟରେଦକ୍ଷତା ବିକାଶ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଆସୁଛି । ଏହି କ୍ରମରେ, ମାଧ୍ୟମିକସ୍ତରୀୟ ଓଡ଼ିଆ ଓ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏକ ତ୍ରିଦିବସୀୟ ଦକ୍ଷତା ବିକାଶ କର୍ମଶାଳା ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ, ଜଗନ୍ନାଥ କ୍ଷେତ୍ର ,ଡେରା ଠାରେ ୧୪ ତାରିଖରେ ଉଦଯାପିତ ହୋଇଯାଇଛିଛ ଗତ ୧୨ ତାରିଖରେ ଏହାର ଉଦଘାଟନୀ ଉତ୍ସବରେ ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଶୁକ୍ଲାଛ ଚକ୍ରବର୍ତ୍ତୀ ପୌରହିତ୍ୟ କରି ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ପ୍ରଶିକ୍ଷଣ ନିମନ୍ତେ ଶୁଭେନ୍ଦୁ ବୋଷ ଅଧ୍ୟକ୍ଷ, ଡିଏଭି ପବ୍ଲିକ୍ ସ୍କୁଲ, ଏମସିଏଲ ଅନନ୍ତବିହାର ଓ ରଞ୍ଜନ କୁମାର ପଟେଲ, ଅଧ୍ୟକ୍ଷ, ଡିଏଭି ପବ୍ଲିକ୍ ସ୍କୁଲ, ଏମସିଏଲ ବସୁନ୍ଧରା ସମୀକ୍ଷକ ଓ ମୂଲ୍ୟାୟନକାରୀ ଭାବେ ଯୋଗଦେଇଥିଲେ । ସେହିପରି ଭାବେ ହିନ୍ଦୀ ପ୍ରଶିକ୍ଷଣ ନିମନ୍ତେ ସମୀକ୍ଷକ ଓ ମୂଲ୍ୟାୟନକାରୀ ଭାବେ ଏମ. ଏମ. ହକ, ଅଧ୍ୟକ୍ଷ ଡ଼ିଏଭି ପବ୍ଲିକ ସ୍କୁଲ, ନିମାପଡା ଓ ସସ୍ମିତା ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ, ଡ଼ିଏଭି ପବ୍ଲିକ ସ୍କୁଲ, ଛଟନପଲ୍ଲୀ, ସୁନ୍ଦରଗଡ଼, ଯୋଗଦେଇଥିଲେ । ସୂଚନାଯୋଗ୍ୟ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ କେ.ସି. ଶତପଥୀଙ୍କ ଦିଗଦର୍ଶନରେ ସମଗ୍ର ଓଡ଼ିଶାର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିମନ୍ତେ ଏହି ଶୈକ୍ଷିକ କାର୍ଯ୍ୟକ୍ରମ ନିରନ୍ତର ଆୟୋଜିତ ହୋଇଆସୁଛି । ଏହି କର୍ମଶାଳାରେ ସହକାରୀ ଆଞ୍ଚଳିକ ଅଧିକାରୀପ୍ରଶାନ୍ତ କୁମାର ପଣ୍ଡା, ଜୋନ -ଡି ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କର କର୍ମ ଶାଳାର ଲବ୍ଧ ଜ୍ଞାନକୁ ଶ୍ରେଣୀ ଗୃହରେ ଉପଯୁକ୍ତ ବିନିଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

## କଅଁଳେଇ ବାଲିପାଳ ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପ ଫେଲ୍
## ୧୧୨ ପରିବାର ପାଣି ପାଇବାରୁ ବଞ୍ଚିତ

ହାଟଡିହି, ୧୬।୫ (ନି.ପ୍ର) : ହାଟଡିହି ବ୍ଲକ କଅଁଳେଇ ବାଲିପାଳ ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପ ଫେଲ ମାରିଛି । ଯାହାଦ୍ୱାରା ଗାଁର ୧୧୨ ପରିବାର ପିଇବା ପାଣି ପାଇବାରୁ ବଞ୍ଚିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ଘରେ ଘରେ ଟ୍ୟାପ୍ ଓ ପାଇପ୍ ସଂଯୋଗ ହୋଇଥିଲେ ମଧ ପାଣି ଆସିବାର ନାଁ ଗନ୍ଧ ନଥିବା ଅଭିଯୋଗ ହୋଇଛି । ଗ୍ରାମର ମୋଟ ୧୪୨ପରିବାର ମଧ୍ୟରୁ ପ୍ରାୟ ୩୦ ପରିବାରକୁ ମାତ୍ର ପାଣି ମିଳୁଥିବା ବେଳେ ଅନ୍ୟ ପରିବାର ଗୁଡ଼ିକ ପାଣି ପାଣି ସୁବିଧରୁ ବଞ୍ଚିତ ଅଛନ୍ତି । ବିଶେଷକରି ସମତଳ ଅଞ୍ଚଳରେ ଥିବା ଘରଗୁଡ଼ିକୁ ପାଣି ମିଳୁଥିବା ବେଳେ ଉଚ୍ଚ ସ୍ଥାନରେ ରହିଥିବା ପରିବାରର ଲୋକମାନେ କେବଳ ଟ୍ୟାପ୍ ଓ ପାଇପ୍



ସଂଯୋଗରେ ସୀମିତ ରହିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଁ ରେ ନଳକୂପ ଥିଲେ ବି ସେଥିରେ ଆଇରନ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନି । ବିଶେଷକରି ଏହି ଗ୍ରାମ ପାଇଁ ଏକ ସ୍ୱତନ୍ତ୍ର ଉଚ୍ଚ ପାଣି ଟାଙ୍କି ବ୍ୟବସ୍ଥା କରାଗଲେ ସମସ୍ତ ପରିବାରକୁ ସଠିକ ଭାବେ ପାଣି ଯୋଗାଣ ସମ୍ଭବ ହେବ । ବର୍ତ୍ତମାନ ପରିସ୍ଥିତିରେ ଅନେକ ପରିବାର ଦୂରଦୂରନ୍ତରୁ ପାଣି ଆଣି ଦୈନନ୍ଦିନ କାମ ଚଳାଉଛନ୍ତି । ଏନେଇ ଗ୍ରାମବାସୀ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଜଣାଇ ଶୀଘ୍ର ସମସ୍ୟାର ସମାଧାନ କରିବା ସହ କଅଁଳେଇ ବାଲିପାଳ ଗ୍ରାମ ପାଇଁ ସ୍ୱତନ୍ତ୍ର ପାଣି ପାଣି ଟାଙ୍କି ନିର୍ମାଣ ପାଇଁ ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, କୁନା ଗୋଇପାଇ, ରାଜନ ସୋରେନ, ନିଶିକାନ୍ତ ନାଇକ, ଟୁନା ସିମିନିକିଆ, ସୁନାରାମ ପୂର୍ତ୍ତି, ସାଉଁରି ପୂର୍ତ୍ତି, ମକରୀ ସଲଙ୍ଗି, ରାମଚନ୍ଦ୍ର ଗୁଡ୍ଡୁ, ହେମନ୍ତ ମାଝୀ, ସୁଭଦ୍ରା ସିମିନିକିଆ, ନରି ନାଇକ, ମାସୁରି ହୋ, କୁନା ପ୍ରଧାନ, ମୁନା ହୋ, ନାରାୟଣ ହୋ, ମାନି ପୂର୍ତ୍ତି, ପାଲ ହୋ, ରିତା ସୋରେନ୍ ପ୍ରମୁଖ ଦାବି କରିଛନ୍ତି।

## ଭିନ୍ନକ୍ଷମ ରାଣୀ ମୁଣ୍ଡାଙ୍କୁ ଘର ମିଳିବ କେବେ?

ସାହାରପଡା,୧୬।୫(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ମାଛଗଡ ଗ୍ରାମ ସୁନାରିପଶି ସାହିର ଭିନ୍ନକ୍ଷମ ରାଣୀ ମୁଣ୍ଡା ଦୁଇ ପୁଅଙ୍କୁ ନେଇ ବେଶ୍ ଖୁସିରେ ରହୁଥିଲେ । ଦୁଇ ପୁଅ ବିବାହ କରିବା ପରେ ଭିନ୍ନକ୍ଷମ ମା'ଙ୍କୁ ଆଉ ଖାଇବା ପିଇବାକୁ ନଦେବରୁ ସେ ଏକୁଟିଆ ଏକ ଭଙ୍ଗା କୁଡିଆ ଘରେ ରହୁଛନ୍ତି । ସରକାରୀ ସହାୟତା କହିଲେ ଭିନ୍ନକ୍ଷମ ଭତ୍ତା ଏକ ହଜାର ସହିତ ୫ କେ.ଜି. ଚାଉଳ ସରକାରଙ୍କ ଠାରୁ ପାଉଛନ୍ତି । ତାଙ୍କର ଗୋଟିଏ ଗୋଡ ସରୁ ଥିବାରୁ ଚାଲି ପାରୁନଥିବା ବେଳେ ଦୁଇଟି ବାଡି ସାହାଯ୍ୟରେ ପଂଚାୟତକୁ ଚାଲି ଚାଲି ଯାଇ ୫ କେ.ଜି. ଚାଉଳ ଆଣିଥାନ୍ତି । ସବୁ ଭିନ୍ନକ୍ଷମଙ୍କୁ ଅ'ର୍ଦୋୟ ଯୋଜନାରେ ଆବାସ ମିଳିଥିବା ବେଳେ ତାଙ୍କୁ ଏ ପର୍ଯ୍ୟନ୍ତ ମିଳିପାରି ନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ବ୍ୟାଟେରୀ ଚାଳିତ ଗାଡି ଗୋଟିଏ ମିଳିଲେ ସେ ସୁବିଧାରେ ଯାତାୟତ କରିପାରନ୍ତେ ବୋଲି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି । ସରକାର ଭିନ୍ନକ୍ଷମ ରାଣୀ ମୁଣ୍ଡାଙ୍କ ଦୁଃଖ ବୁଝି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ

ଆନନ୍ଦପୁର, ୧୬।୫ (ନି.ପ୍ର): ଆନନ୍ଦପୁରର ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ପୁରାଣ ବର୍ଣ୍ଣିତ ଜଣାଯାଏ କି ସାବିତ୍ରୀ ନିଜ ସତ୍ୟବାନକୁ ବଞ୍ଚାଇବା ପାଇଁ ଯମରାଜଙ୍କ ପାଖରୁ ନିଜ ସ୍ୱାମୀଙ୍କୁ ଛଡାଇ ଆଣିଥିଲେ । ଏହି ପ୍ରଥାକୁ ମନେ ପକାଇ ପ୍ରତେକ ସଧବା ନାରୀ ମାନେ ଏହି ବ୍ରତକୁ ପାଳନ କରିଥାନ୍ତି । ସ୍ୱାମୀର ଦୀର୍ଘାୟୁ କାମନା କରି ସଧବା ନାରୀ ମାନେ ଉପବାସ ସହିତ ବିଭିନ୍ନ ମନ୍ଦିର ଏବଂ ଘରେ ପୂଜାର୍ଚ୍ଚନା ସହ ବ୍ରତ ବାନ୍ଧିଥାନ୍ତି । ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ଘସିପୁରାର ଝାଡ଼େଶ୍ୱର ମନ୍ଦିରରେ ସକାଳୁ ବହୁ ବ୍ରତ ଧାରୀ ମାନେ ମନ୍ଦିରରେ ପହଞ୍ଚି ସାବିତ୍ରୀ ବ୍ରତ ପାଳନ କରିଥିଲେ ।

## ବେଦାନ୍ତ ମୁନି ମହାରାଜଙ୍କ ହରିକଥା ପ୍ରବଚନ

ହାଟଡିହି,୧୬।୫(ନି.ପ୍ର): ହାଟଡିହି ବ୍ଲକ ବଞ୍ଜୋ ଗ୍ରାମର ପ୍ରଭୁ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ବୃନ୍ଦାବନରୁ ଆସିଥିବା ସ୍ୱାମୀ ଭକ୍ତ ବେଦା' ମୁନି ମହାରାଜଙ୍କ ଦ୍ୱାରା ହରିକଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଂଚ ପ୍ରଶା' ରାଉତଙ୍କ ସଂଯୋଜନାରେ ଓ ଗ୍ରାମର ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ସମୟରେ ସମାଜ ଯେପରି କଳୁଷିତ ହେଉଛି ସେଥିରେ ସୁଧାନ ଆଣିବାରେ ପ୍ରତି ଗାଁରେ ଏପରି ପ୍ରବଚନ ଆବଶ୍ୟକ ଅଛି ବୋଲି ଆୟୋଜକମାନେ ମତ ଦେଇଛନ୍ତି । ଏହି ପ୍ରବଚନ ଶୁଣିବା ପାଇଁ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା । ଏହି ପ୍ରବଚନ ମାଧ୍ୟମରେ ଲୋକମାନଙ୍କ ଭିତରେ ଏକ ଆଧାତ୍ମିକ ଚେତନା ଓ ପରସ୍ପର ଭିତରେ ଭାତୃଭାବର ବାତାବରଣ ସୃଷ୍ଟି କରାଯିବା ସହିତ ଭଗବାନଙ୍କ ଶରାଣାପନ୍ନ ହେବାକୁ ମୁନି ମହାରାଜ ପ୍ରବଚନ ମାଧ୍ୟମରେ ଅହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଗ୍ରାମର ଦୁଇଟି କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ସ୍ୱାମୀ ଭକ୍ତ ବେଦାନ୍ତ ମୁନି ମହାରାଜଙ୍କୁ ନାମ ସଙ୍କୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଇ ଭଗ୍ୟ ସ୍ୱାଗତ ଜଣାଇଥିବା ବେଳେ ପ୍ରମିଳା ବରାଳ, ଲକ୍ଷ୍ମୀପ୍ରିୟା ରାଉତ, ଅନୁସୟା ରାଉତଙ୍କ ସମେତ ଅନେକ ମହିଳାମାନେ ବନ୍ଦାପନା କରି ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ । ସନାତନ ଓଝା, ସୁଧାଂଶୁ ରାଉତ, ଚିନ୍ତାମଣି ବରାଳ, ଯୁଧିଷ୍ଠିର ରାଉତ, ଚିନ୍ତାମଣି ରାଉତ, ସୁରେନ୍ଦ୍ର ବିଶ୍ୱାଳ, ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, କୀର୍ତ୍ତନ ବିହାରୀ ନାୟକ, ପୂର୍ଣ୍ଣ ନାୟକ, ବନମାଳୀ ବରାଳ, ନନ୍ଦ କିଶୋର ନାୟକ, ଜବତ ବରାଳ, ପ୍ରଦୀପ ରାଉତ, ଗଙ୍ଗାଧର ରଣା, ଶ୍ରୀଧର ରାଉତ, ନିରନ ରାଉତ, ସନ୍ତୋଷ ପଣ୍ଡା, ଭରତ ପାତ୍ର, ପର୍ଶୁରାମ ଜେନା, ଖଗେଶ୍ୱର ଜେନା, ନାକଫୋଡି ଜେନା, ଦୁର୍ଯ୍ୟୋଧନ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଲୋକଙ୍କ କାମରେ ଲାଗୁନି ଆଦର୍ଶ ଗ୍ରାମ୍ୟ ଉଦ୍ୟାନ



ଚମ୍ପୁଆ,୧୬।୫(ନି.ପ୍ର): ପଞ୍ଚାୟତବାସୀଙ୍କ ଆମୋଦ ପ୍ରମୋଦ ସହିତ ସାରିରିକ ସୁସ୍ଥତା ପାଇଁ ନିର୍ମାଣ ହୋଇଥିବା ଆଦର୍ଶ ଗ୍ରାମ୍ୟ ଉଦ୍ୟାନ ଲୋକଙ୍କ କାମରେ ଆସୁନଥିବା ବେଳେ ଅଧପନ୍ତରା ହୋଇ ହୋଇ ପଡିରହିଛି। ଏପରିକି ଦିର୍ଘଦିନ ହେବ ଗେଟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ ରଜିଆ ପଂଚାୟତରେ ନିର୍ମାଣ କରାଯିବଥିବା ଆଦର୍ଶ ଗ୍ରାମ୍ୟ ଉଦ୍ୟାନ । ସୂଚନା ଅନୁସାରେ ଆର୍ଥକବର୍ଷ ୨୦୨୨/୨୩ ମସିହାରେ ଜିଲା ଖଣିଜ ପାଣ୍ଠିରୁ ଅଟକଳ ମୂଲ୍ୟ୨୯ଲକ୍ଷ ୬୩ହଜାର ଟଙ୍କା ମୂଲ୍ୟରେ ତଥା ଚୁକ୍ତି ମୂଲ୍ୟ ୨୬ଲକ୍ଷ ୧୪ହଜାର୩୦୭ଟଙ୍କା ବ୍ୟୟବରାଦରେ ଚମ୍ପୁଆ ପଂଚାୟତ ସମିତି ପକ୍ଷରୁ ଏହି ଉଦ୍ୟାନ ନିର୍ମାଣ କରାଯାଇଥିଲା। ଆମୋଦ ପ୍ରମୋଦ ପାଇଁ ଆବଶ୍ୟକ ଉପକରଣ ଲାଗାଯାଇ ଥିଲେ ମଧ ମୁଖ୍ୟ ଫାଟକ ଅଧାପ'ରିଆ ଅବସ୍ଥାରେ ପଡିରହିଥିବା ବେଳେ ଫାଟକଟିରେ ପଡିଥିବା ତାଲା ବି କଳଙ୍କି ଖାଇଗଲାଣି। ଉଦ୍ୟାନ ଭିତରେ ଥିବା ଶିଶୁ ଖେଳସାମଗ୍ରୀ ଗୁଡିକର ମଧ ସମାନ ଅବସ୍ଥା। ଲଟାଝଟାରେ ପୁରି ଉଠିଥିବା ଏହି ଉଦ୍ୟାନ ବ୍ୟବହାର ପୂର୍ବରୁ ନଷ୍ଟ ହେବାରେ ଲାଗିଛି। ଜାତିୟ ରାଜପଥକୁ ଲାଗିରହିଥିବା ତଥା ପଂଚାୟତ କାର୍ଯ୍ୟାଳୟକୁ ଲାଗିରହିଥିବା ଏହି ଉଦ୍ୟାନ କାହିଁକି ନିର୍ମାଣ କରାଯାଇଛି ତାହା ଲୋକଙ୍କ ମନରେ ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏନେଇ ରଜିଆ ସରପଂଚ ସନ୍ତୋଷ ନାୟକଙ୍କୁ ପଚାରିବାରୁ ଅନେକ ଦିନରୁ କାମ ସରିଲାଣି ମାତ୍ର ପଞ୍ଚାୟତକୁ ହସ୍ତାନ୍ତର କରାଯାଇନାହିଁ ଫଳରେ ପଂଚାୟତବାସୀ ଏହାକୁ ବ୍ୟବହାର କରିପାରୁନାହାଁ। ଅନ୍ୟପକ୍ଷରେ ଚମ୍ପୁଆ ବିଡିଓ ସ୍ମୃତି ରଂଜନ ସାହୁଙ୍କୁ ପଚାରିବାରୁ ଯନ୍ତ୍ରୀ ଚାବି ପଂଚାୟତକୁ ହସ୍ତାନ୍ତର କରିବା କଥା । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ସାଇଁକୁଳରେ ଶାସ୍ତ୍ରୀୟ ସଙ୍ଗୀତ ଆସର

ଆନନ୍ଦପୁର,୧୬।୫(ନି.ପ୍ର): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳରେ ସାନିଧାପା ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି । ପତିତ ପାବନ



ମହାବିଦ୍ୟାଳୟ ପରିସରରେ ସଙଅଗୀତ ଗୁରୁ ହରିହର ଜେନା, ସନ୍ତୋଷ ପରିଡା, ସୁବାଶିଷ ଶରପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିନ୍ଦୁସ୍ତାନ ଭୋକାଲ ଓଡିଶୀ ଓ ତବଲା ବାଦନ ପ୍ରତିଯୋଗିତା ହୋଇଥିଲା । ବିଚାରକ ଭାବେ ମନୋରନ ମହାପାତ୍ର, ସୁବ୍ରତ କୁମାର ନାୟକ, ଅମୀୟ ରନ ବାରିକ, ନନ୍ଦକିଶୋର ଦାସ, ବସ' ଦାସ, ବିଜୟିନୀ ବେହେରା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗି ମାନଙ୍କ ପରିବେଷଣର ମୂଲ୍ୟାୟନ କରିଥିଲେ । ଆଜିର ଶାସ୍ତ୍ରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୨୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ପରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଥିବା ନିଷ୍ଠା ଓ ଶାସ୍ତ୍ରୀୟ ସଙ୍ଗୀତକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଆଲୋଚନା ଏବଂ ଅନେକ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାରଥୀ ଓ ଗୁରୁ ମାନଙ୍କୁ ନେଇ ତବଲା, ହିନ୍ଦୁସ୍ତାନୀ ଗାୟନ ଓ ଓଡିଶୀ ଗାୟନର ଆସର ଉଚ୍ଚକୋଟୀର ହୋଇଥିଲା । କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ସାହୁ, ବିଜୟ ତ୍ରିପାଠୀ, ନିମାଇଁ ହରିଚନ୍ଦନ ଜେନା, ହରିହର ମିଶ୍ର, କୁନାଲ ସାହୁ, ଅମିୟ ନାଥ, ଦୀପକ ମିଶ୍ର, ଅଭିଲିପ୍ସା ତ୍ରିପାଠୀ, କ୍ଷୀରାବ୍ଧି ତନୟା ପଣ୍ଡା, ସୁତପା ନାଥ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ତେଲନଦୀରେ କୁମ୍ଭୀର ଆତଙ୍କ

ସୁବର୍ଣ୍ଣପୁର,୧୬।୫ (ନି.ପ୍ର): ତେଲ ନଦୀରେ ଏକ କୁମ୍ଭୀରକୁ ଦେଖି ଲୋକେ ଭୟଭୀତ ହୋଇପଡିଛନ୍ତି । ବନ ବିଭାଗ ପକ୍ଷରୁ କୁମ୍ଭୀରକୁ ସୁରକ୍ଷା ଦେବାକୁ ପ୍ରୟାସ କରୁଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟନାଥ ସେତୁ ତଳେ ଏକ ଘଡ଼ିଆଳ କୁମ୍ଭୀରକୁ ଦେଖି ଅଞ୍ଚଳବାସୀ ବେଶ୍ ଆତଙ୍କିତ ହୋଇଥିବା ଦେଖିବାକୁ ମିଳିଛି । ଏବେ ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ଲୋକେ ତେଲ ନଦୀକୁ ଗାଧୋଇବାକୁ ଯାଉଥିବାବେଳେ କୁମ୍ଭୀରର ଉପସ୍ଥିତି ଲୋକଙ୍କୁ ଭୟଭୀତ କରିଛି । କୁମ୍ଭୀରଟି କୁଆଡୁ ଆସିଛି ତାହା ସ୍ପଷ୍ଟ ଜଣା ପଡି ନଥିଲେ ବି ବନ ବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଘଉଡାଇବାକୁ ଚେଷ୍ଟା କରିଛି । ଆଜି ସକାଳୁ କିଛି ଲୋକ ଗାଧୋଇବାକୁ ଯାଇଥିବାବେଳେ କୁମ୍ଭୀରଟି ପାଣିରେ ପହଁରୁଥିବା ଦେଖିଥିଲେ । ଏନେଇ ଭୟଭୀତ ହୋଇ ସେମାନେ ବନ ବିଭାଗକୁ ଖବର ଦେଇଥିଲେ । ତେବେ ଲୋକଙ୍କୁ ଭୟଭୀତ ନହେବା ସହ ସୁରକ୍ଷିତ ଭାବେ ନଦୀକୁ ଯିବାକୁ ନିବେଦନ କରାଯାଉଛି । ଉଭୟ କନ୍ଧମାଳ ଓ ସୋନପୁର ବନ ବିଭାଗ ସହ ଅଗ୍ନିଶମ ବାହାନି କୁମ୍ଭୀରକୁ ଠାବ କରିବା ପାଇଁ ଲାଗି ପଡ଼ିଛନ୍ତି । ତେବେ କୁମ୍ଭୀରଟି ସାତକୋଶିଆରୁ ଆସିଥିବାବେଳେ ୩୨୦ ନମ୍ବର କୁମ୍ଭୀର ହୋଇଥିବା ଟ୍ରାକିଙ୍ଗ୍ ରୁ ଜଣାପଡ଼ିଛି ଆମେ ଚେଷ୍ଟା କରୁଛୁ ପୁଣି ଯେତେଶୀଘ୍ର ହେବ କୁମ୍ଭୀର କୁ କେମିତି ମହାନଦୀକୁ ପଠାଇବାପାଇଁ ବୋଲି କନ୍ଧମାଳ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

## ବିଜେଡି କର୍ମୀଙ୍କୁ ସରକାରୀ କାମ ଦିଆଯାଉଥିବା ଅଭିଯୋଗକୁ ଖଣ୍ଡନ କଲେ ପାଟଣା ବିଧାୟକ

ପାଟଣା,୧୬।୫(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପି ସଂପୃକ୍ତ କର୍ମୀ ମାନଙ୍କୁ ସରକାରୀ କାମ ଦିଆଯାଉଥିବା ଅଭିଯୋଗ ଉଠିବା ପରେ ବିଧାୟକ ଏହାକୁ ଦୃଢ ଖଣ୍ଡନ କରିଛନ୍ତି । ସେ କହଛନ୍ତି ଯେ, ଏଭଳି ଅଭିଯୋଗର କୌଣସି ସତ୍ୟତା ନଥିବା ବେଳେ କିଛି ଲୋକ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ମିଥ୍ୟା ଅପପ୍ରଚାର କରୁଛନ୍ତି । ସୂଚନା ଅନୁଯାୟୀ ପାଟଣା ବ୍ଲକର ବିଭିନ୍ନ ପଂଚାୟତରେ ବିଜେଡି ସଂପୃକ୍ତ କର୍ମୀଙ୍କୁ କଂକ୍ରିଟ ରାସ୍ତା ସମେତ ଉନ୍ନୟନ ମୂଳକ କାମ ଦିଆଯାଉଥିବା ନେଇ କିଛି ବିଜେପି କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ । ତୁରୁମୁଙ୍ଗା, ରାଜନଗର, କଣ୍ଟିଆପଡା ଓ ଟାଙ୍ଗରପଡା ଅଂଚଳରେ ବିଜେଡି ସଂପୃକ୍ତ କର୍ମୀ ମାନଙ୍କୁ କଂକ୍ରିଟ ରାସ୍ତା ସହ ବିଭିନ୍ନ ଉନ୍ନୟନ ମୂଳକ କାମ ଦିଆଯାଉଥିବା ନେଇ କିଛି ବିଜେପି କର୍ମୀ ଅସଂ'ୋଷ ପ୍ରକାଶ କରିଥିଲେ । ସେମାନେ ଏହାକୁ ନେଇ ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ରାଜନୈତିକ ପ୍ରଭାବରେ କାମ ବଣ୍ଟନ କରିବାକୁ ଦାବି କରିଥିଲେ । ଏନେଇ ଗତ ୧୨ ତାରିଖରେ ଦୈନିକ ଓଡିଆ ଖବର କାଗଜ 'ପ୍ରତିଦିନ'ରେ ଖବର ପ୍ରସାରଣ ହୋଇଥିଲା । ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବିଧାୟକ ଅଖିଳ ଚନ୍ଦ୍ର ନାୟକ ସମୀକ୍ଷା କରି କହିଛିଁ ଯେ, ଏହା ସମ୍ପୂର୍ଣ୍ଣ ମିଛ । କୌଣସି ବିଜେଡି କର୍ମୀଙ୍କୁ ସରକାରୀ କାମ ଦିଆଯାଇ ନାହିଁ । କିଛି ଚକ୍ରା'କାରୀ ବ୍ୟକ୍ତି ମୋତେ ବଦନାମ କରିବାକୁ ଏଭଳି ମିଛ ଖବର ପ୍ରଚାର କରୁଛନ୍ତି । ସେ ଆହୁରି କହିଛନ୍ତି ଯେ, ଜନସାଧାରଣଙ୍କ ଉନ୍ନତି ହିଁ ତାଙ୍କର ପ୍ରାଥମିକତା ଓ ରାଜନୈତିକ ଭେଦଭାବ ବିନା ସମସ୍ତ ଅଂଚଳରେ ଉନ୍ନୟନ କାର୍ଯ୍ୟ କରାଯାଉଛି । ଆଗାମୀ ଦିନରେ ଯଦି କେହି ପୁନର୍ବାର ଏଭଳି ମିଥ୍ୟା ଅଭିଯୋଗ କରି ବିବାଦ ସୃଷ୍ଟି କରି' ତେବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି ।

## ରଥଯାତ୍ରା ପୂର୍ବରୁ ରାଜନଗର ବଡଦାଣ୍ଡ ମରାମତି ପାଇଁ ବିଧାୟକଙ୍କୁ ଦାବି

ପାଟଣା,୧୬।୫(ନି.ପ୍ର): ରଥଯାତ୍ରାକୁ ନଜରରେ ରଖି ଦଧିବାମନ ଜୀଉଙ୍କ ବଡଦାଣ୍ଡର ଜରାଜୀର୍ଣ୍ଣ ଅବସ୍ଥା ନେଇ ଚିନ୍ତା ପ୍ରକାଶ ପାଇଛି । ପ୍ରାୟ ୨୦ବର୍ଷ ପୂର୍ବେ ପିଚୁ ହୋଇଥିବା ଏହି ଦଧିବାମନଜୀଉ ମନ୍ଦିର ଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ୪ଶହ ମିଟର ରାସ୍ତା ବର୍ତ୍ତମାନ ବହୁ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ଚଳାଚଳ ପାଇଁ ଅନୁପଯୋଗି ହୋଇପଡିଛି । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ପୁରାତନ ରଥଯାତ୍ରା ମାନଙ୍କ ମଧ୍ୟରୁ ଏହା ଅନ୍ୟତମ ହୋଇଥିବା ବେଳେ ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଦଧିବାମନଜୀଉଙ୍କ ସେବକ ଓ ରଥଯାତ୍ରା



କମିଟି ପକ୍ଷରୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା । କମିଟି ପକ୍ଷରୁ ବଡଦାଣ୍ଡର ତୁରନ୍ତ ମରାମତି ସହ ରଥ ନିର୍ମାଣ ପାଇଁ ନୂତନ କାଠ ଯୋଗାଣ ଦାବି କରାଯାଇଛି । ଏନେଇ ବିଧାୟକ ଅଖିଳ ଚନ୍ଦ୍ର ନାୟକ ରଥଯାତ୍ରା ପାରମ୍ପରିକ ଓ ଲୋକଙ୍କ ଆସ୍ଥାକୁ ସମ୍ମାନ ଦେଇ ଅବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସକରାତ୍ମକ ଆଶ୍ୱସନା ଦେଇଥିଲେ ।

## ଆବାସ ଯୋଜନା ସାତସପନ
## ଭଙ୍ଗା କୁଡିଆରେ ବିତୁଛି ଝିଲି ପଲେଇଙ୍କ ଜୀବନ

ହିନ୍ଦୋଳ, ୧୬।୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଏବେବି ବିକାଶ ଠାରୁ ଅନେକ ଦୂରରେ । ଏବେବି ଭଙ୍ଗାଘର, ଦଦରାରାସ୍ତା, ଦୂଷିତପାଣି ଭରସା ନିରୀହ ଭୋଟରଙ୍କର,ନା ମିଳୁଛି ବାର୍ଦ୍ଧକ୍ୟ, ବିକଳାଙ୍ଗ ଭତ୍ତା ନା ବର୍ଦ୍ଧିତ ଭତ୍ତା, ବିଜୁଳିପାଇଁ ଦହଗଞ୍ଜ ଜନତା । ନିର୍ବାଚନ ପ୍ରତିଶ୍ରୁତି ମିଥ୍ୟାବୋଲି ଗତ ୨ବର୍ଷରେ ହିନ୍ଦୋଳବାସି ଜାଣିସାରିଲେଣି । ପ୍ରଧାନମନ୍ତ୍ରୀ କହିଥିଲେ ୨୦୨୧ ସୁଦ୍ଧା



ସମସ୍ତଙ୍କୁ ପକ୍କାଘରର ସୁବ୍ୟବସ୍ଥା ହେଲେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଅନେକ ଗୁଡ଼ିଏ ଗରିବ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଏମିତି ଏକ ହୃଦୟ ବିହୀନ ଦୃଶ୍ୟ ଦେଖିବାକୁ ମିଳିଛି ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମରେ । ଗାଁରେ ଭଙ୍ଗାକୁଡିଆରେ ବାସକରୁଛନ୍ତି ଝିଲି ପିରେଇ । ଝିଲିଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି । ସ୍ୱାମୀ ସ୍ୱର୍ଗତଃ ପ୍ରଶାନ୍ତ ପିରେଇ ଆଜିକୁ ୧୧ ବର୍ଷ ହେବ ତାଙ୍କୁ ଛାଡି ଆରପାରିକୁ ଚାଲି ଯାଇଥିବା ବେଳେ କେବଳ ବିଧବାଭତ୍ତା ଓ ରାସନ୍ କାର୍ଡରେ ୧୦ କେଜି ଚାଉଳ ମିଳୁଛି । ହେଲେ ନିର୍ବାଚିତ ଜନପ୍ରତିନିଧି,ବ୍ଲକପ୍ରଶାସନ ଓ ଜିଲ୍ଲାପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେମଧ ତାଙ୍କୁ ମିଳିପାରିନାହିଁ ଆବାସଘର । ଏହି ଭଙ୍ଗା କୁଡିଆରେ ବାସ କରୁଥିବା ବିଧବା ମହିଳା ଆବାସ ଯୋଜନା ପାଇଁ ସ୍ୱପ୍ନ ଦେଖିଥିଲା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଏବଂ ଅନ୍ତୋଦୟ ଚାଉଳ ପାଇବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି । ହେଲେ କେବେ ଏହି ବିଧବା ମହିଳାଙ୍କ ଉପରେ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା



# ତିନିଟି ବିବାହରେ ୧୭ ବର୍ଷ ବରବାଦ

ହିନ୍ଦୀ ଚଳଚ୍ଚିତ୍ରରୁ ଅଭିନୟ ଆରମ୍ଭ କରି ଦକ୍ଷିଣ ଭାରତୀୟ ମନୋରଞ୍ଜନ ଶିଳ୍ପରେ ନାଁ କରିଥିବା ଜଣେ ଅଭିନେତ୍ରୀ ହେଉଛନ୍ତି ମୀରା ବାସୁଦେବନ୍। ଦୁଇ ଦଶନ୍ଧିରୁ ଅଧିକ କାଳ ହେଲା ତାଙ୍କ ପେସାଦାର ଜୀବନ ଖୁବ୍ ସୁରୁଖୁରୁରେ ଚାଲିଛି, କିନ୍ତୁ ବ୍ୟକ୍ତିଗତ ଜୀବନରେ ସେ ବହୁତ କଷ୍ଟ ସହିଛନ୍ତି। ଏବେ ସେ ପଛକୁ ଚାହିଁ ଦେଖିଲା ବେଳକୁ ପଶ୍ଚାତାପ କରୁଛନ୍ତି। ୪୪ ବର୍ଷୀୟା ମୀରା ଏକ ସାକ୍ଷାତକାରରେ କହିଛନ୍ତି, ମୁଁ ଚାହିଁଥିଲେ ନିଜ ଜୀବନରେ ଆହୁରି କେତେ କ'ଣ କରିପାରନ୍ତି। ମୋ ପିତାମାତା ଓ ଭଉଣୀ ସହ ଅଧିକ ସମୟ କାଟିପାରନ୍ତି। କିନ୍ତୁ ସେ ସମୟକୁ ମୁଁ ଏଭଳି ଲୋକଙ୍କ ଲାଗି ନଷ୍ଟ କରିଦେଲି ଯେଉଁମାନେ ମୋତେ ହାଲୁକାରେ ନେଉଥିଲେ ଏବଂ ଅସମ୍ମାନ କରୁଥିଲେ। ନିଜର ତିନି ତିନିଟି ବିବାହ ଛାଡ଼ପତ୍ରରେ ସମାପ୍ତ ହେବା ପରେ ଏପରି କ୍ଷୋଭ ପ୍ରକାଶ କରିଛନ୍ତି ସେ। ଏ ତିନିଟି ବିବାହରେ ୧୭ ବର୍ଷ ନଷ୍ଟ କରିବା ବଦଳରେ ଅଭିନୟ, ଫିଟ୍‌ନେସ୍ ଉପରେ ଧ୍ୟାନ ଦେବା ସହିତ ନିଜର ସାମାଜିକ ପରିସର ବଢ଼ାଇ ପାରିଥାଆନ୍ତେ ବୋଲି କହିଛନ୍ତି। ମୀରା ୨୦୦୫ରେ ଜଣେ ସିନେମାଟୋଗ୍ରାଫରଙ୍କ ପୁଅ ବିଶାଲ ଅଗ୍ରୱାଲଙ୍କୁ ପ୍ରଥମ ବିବାହ କରିଥିଲେ। ଏ ବିବାହ ପାଞ୍ଚ ବର୍ଷ ତିଷ୍ଠିଥିଲା। ୨୦୧୨ରେ ମୀରା ମାଲୟାଲମ୍ ଅଭିନେତା ଜନ୍ କୋକ୍କେନ୍‌ଙ୍କୁ ବିବାହ କଲେ ଏବଂ ଏକ ପୁତ୍ର ସନ୍ତାନର ମାଆ ହେଲେ। ତେବେ ୨୦୧୬ରେ ଜନ୍‌ଙ୍କ ଠାରୁ ମଧ ତାଙ୍କୁ ଅଲଗା ହେବାକୁ ପଡ଼ିଲା। ଶେଷ ଥର ୨୦୨୪ ମେ'ରେ ସେ ସିନେମାଟୋଗ୍ରାଫର ବିପିନ ପୁଥିୟାନକମ୍‌ଙ୍କୁ ବିବାହ କରିଥିଲେ। ଏ ବିବାହ ଦେଢ଼ ବର୍ଷ ବି ତିଷ୍ଠି ନଥିଲା। ବିଳମ୍ବରେ ହେଉ ପଛେ ତୃତୀୟ ବିବାହ ବିଚ୍ଛେଦ ପରେ ମୀରା ନିଜର ଭୁଲ୍ ସ୍ୱୀକାର କରିଛନ୍ତି। ଏବେ ସେ ନିଜ ତିକ୍ତ ଅଭିଜ୍ଞତାରୁ ଆହରଣ କରିଥିବା ଶିକ୍ଷାକୁ ପୁଞ୍ଜି କରି ଜୀବନରେ ଆଗକୁ ବଢ଼ିବାକୁ ଚାହାନ୍ତି।

# ଉପକାରୀ ଜିରା ପାଣି

ଜିରା ଅଧିକାଂଶ ଭାରତୀୟ ପରିବାରରେ ଏକ ମସଲା ଭାବେ ବ୍ୟବହୃତ ହୋଇଥାଏ। ତେବେ ଜିରାର ଅନେକ ଔଷଧୀୟ ଗୁଣ ରହିଛି। ବିଶେଷ କରି ସକାଳେ ଖାଲିପେଟରେ ଜିରା ପାଣି ପିଇବା ଫଳରେ ତାହା ଶରୀରକୁ ଅନେକ ଫାଇଦା ପ୍ରଦାନ କରିଥାଏ। ଜିରାରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକଟେରିୟାଲ୍ ଓ ଆଣ୍ଟିଫଙ୍ଗଲ ଗୁଣ ରହିଛି। ଜିରା ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏଥିସହ ଏହା ଗ୍ୟାସ୍, ଏସିଡିଟିରୁ ମୁକ୍ତି ଦେବାରେ ସହାୟତା ପ୍ରଦାନ କରିଥାଏ। ରାତିରେ ଗୋଟିଏ ଗ୍ଲାସ୍ ପାଣିରେ ଏକ ବଡ଼ ଚାମଚ ଜିରା ଭିଜାଇ ରଖନ୍ତୁ। ସକାଳେ ସେହି ପାଣିକୁ ଫୁଟାଇ ତାକୁ ପିଇପାରିବେ। ଆବଶ୍ୟକ ହେଲେ ସେଥିରେ ଲେମ୍ବୁରସ ମିଶାଇ ପାରିବେ। ଜିରା



ପାଣି ପିଇବା ଫଳରେ ଓଜନ ହ୍ରାସ ହୋଇଥାଏ। ଖାଲିପେଟରେ ଜିରା ପାଣି ପିଇବା ଫଳରେ ମେଟାବୋଲିଜିମ୍ ବୃଦ୍ଧି ହୋଇଥାଏ। ଫଳରେ ଖାଦ୍ୟ ହଜମ ପ୍ରକ୍ରିୟାରେ ସୁଧାର ଆସିଥାଏ ଏବଂ ଖାଦ୍ୟରୁ ଜରୁରୀ ପୋଷକତତ୍ତ୍ୱ ଉପଯୁକ୍ତ ଭାବେ ଅବଶୋଷଣ ହୋଇଥାଏ। ଏଥିସହ ଶରୀରରେ ଜମା ହୋଇଥିବା ଚର୍ବି କମିଥାଏ। ମଧୁମେହ ରୋଗୀ ଖାଲିପେଟରେ ଜିରା ପାଣି ପିଇବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ। ଏହାବ୍ୟତୀତ ଜିରା ପାଣି ପିଇବା ଫଳରେ ପାଚନତନ୍ତ୍ରର ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। ସେହିପରି ଶରୀରରୁ କୋଲେଷ୍ଟୋରଲ୍ ହ୍ରାସ ନିମନ୍ତେ ଜିରା ପାଣି ବେଶ୍ ଉପଯୋଗୀ। ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

# ଅଜବ ସାଇକେଲ



ଜଣେ ବ୍ରିଟିଶ ଇଞ୍ଜିନିୟର ଏକ ପୁରୁଣା ୟାମାହା ଆର୍-୬ ମୋଟର ସାଇକେଲ ଏବଂ କିଛି ବଳକା ଲୁହାକୁ ବ୍ୟବହାର କରି ବିଶ୍ୱର ବୃହତ୍ତମ 'ପେନି-ଫାର୍ଦିଂ' ସାଇକେଲ ତିଆରି କରିଛନ୍ତି। ଏହା ଦେଖିବାକୁ ଯେତିକି ଅଦ୍ଭୁତ, ଚଳାଇବା ସେତିକି କଷ୍ଟକର ଏବଂ ରୋମାଞ୍ଚକର। ଏହି ନିଆରା ବାଇକ୍‌କୁ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ପ୍ରାୟ ୧୫୦ ଘଣ୍ଟା ସମୟ ଲାଗିଥିଲା। ୧୮୭୦ ଏବଂ ୧୮୮୦ ଦଶକରେ ପେନି ଫାର୍ଦିଂ ସାଇକେଲ ଖୁବ୍ ଲୋକପ୍ରିୟ ଥିଲା, ଯାହାର ଆଗଚକ ଅତ୍ୟଧିକ ବଡ଼ ଏବଂ ପଛ ଚକଟି ଖୁବ୍ ଛୋଟ। ଇଂଲଣ୍ଡର ଯୁବ ଇଞ୍ଜିନିୟର ଗ୍ରେଗ୍ ମିଚେଲ ଏହାକୁ ତିଆରି କରିଛନ୍ତି। ସେ ପ୍ରଥମେ ଏଆଇର ସାହାଯ୍ୟ ନେଇ ଏହାର ଏକ ମଡେଲ ପ୍ରସ୍ତୁତ କରିଥିଲେ।

ପ୍ରଥମେ ଏହାକୁ ସେ ଆଲୁମିନିୟମରେ ତିଆରି କରିବାକୁ ଚାହୁଁଥିଲେ, କିନ୍ତୁ ଖର୍ଚ୍ଚ ବଢ଼ିଯିବାରୁ ନିଜ ବାଡ଼ିରେ ପଡ଼ିଥିବା ପୁରୁଣା ଲୁହା ବ୍ୟବହାର କରିଥିଲେ। ତା' ସହ ଏକ ୨୦ ବର୍ଷର ପୁରୁଣା ୟାମାହା ଆର୍-୬ ମୋଟରସାଇକେଲକୁ ବ୍ୟବହାର କଲେ। ଏହି ଅଜବ ବାଇକର ଆଗ ଚକର ଓଜନ ପ୍ରାୟ ୧୨୫ କିଲୋଗ୍ରାମ, ଯାହାକୁ ୪୨୦ଟି ଅଲଗା ଅଲଗା ଛୋଟ ପାର୍ଟସକୁ ଯୋଡ଼ି ପ୍ରସ୍ତୁତ କରାଯାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସେ ଏଥିରେ ହାଇଡ୍ରୋଲିକ୍ ପାୱାର ଷ୍ଟିୟରିଂ ବ୍ୟବହାର କରିଛନ୍ତି, ଯାହା ସାଇକେଲରେ ଥିବା ଓଜନ ଦ୍ୱାରା ପରିଚାଳିତ ହୁଏ। ଏହା ଏତେ ଉଚ୍ଚା ଯେ, ଏହାକୁ ସିଧା ରଖିବା ପାଇଁ ଦୁଇ ପାର୍ଶ୍ୱରେ ଷ୍ଟାବିଲାଇଜର ଚକ ଲଗାଯାଇଛି।

ଗ୍ରେଗଙ୍କ ଅନୁସାରେ ଏଯାଏ ସେ ଏହାକୁ ଘଣ୍ଟା ପ୍ରତି ୮୦ କିମି ବେଗରେ ଚଳାଇ ସାରିଛନ୍ତି। କିନ୍ତୁ ଉପଯୁକ୍ତ ରାସ୍ତା ମିଳିଲେ ଏହା ଘଣ୍ଟା ପ୍ରତି ୨୨୫ କିମି ବେଗରେ ଗତି କରିପାରିବ। ତେବେ ଏହାର ଆଗ ଚକଟି ପବନ ଭର୍ତ୍ତି ଟାୟାର ହୋଇନଥିବାରୁ ଇଂଲଣ୍ଡରେ ଏହାକୁ ସାଧାରଣ ରାସ୍ତାରେ ଚଳାଇବା ପାଇଁ ଅନୁମତି ମିଳିନାହିଁ।



# ପାଟି ସୁଆଦ

## ମସଲା ବ୍ରେଡ୍ ଟୋଷ୍ଟ



**ଆବଶ୍ୟକ ସାମଗ୍ରୀ:**
ବ୍ରେଡ୍, ସିଝା ଆଳୁ (ଅଧା ଚକଟା ହୋଇଥିବା), ଧନିଆ ପତ୍ର, ଲେମ୍ବୁ, ପିଆଜ, ଟମାଟୋ, କ୍ୟାପ୍ସିକମ୍, ପାଓଭାଜି ମସଲା, ଲଙ୍କା ଗୁଣ୍ଡ, ବଟର୍ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ର ନେଇ ସେଥିରେ ସିଝା ଆଳୁ (ଅଧା ଚକଟା ହୋଇଥିବା), କଟା ଧନିଆ ପତ୍ର, ପିଆଜ, ଲେମ୍ବୁ ରସ, କଟା କ୍ୟାପ୍ସିକମ୍, ଲଙ୍କା ଗୁଣ୍ଡ, ପାଓଭାଜି ମସଲା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଶେଷରେ ଲୁଣ ପକାଇ ଆଉଥରେ ଗୋଳାଇ ଦିଅନ୍ତୁ। ଏହାପରେ ବ୍ରେଡ୍ ନେଇ ତା' ଉପରେ ପୂର୍ବରୁ ପ୍ରସ୍ତୁତ କରିଥିବା ମସଲାକୁ ଲଗାଇ ଦିଅନ୍ତୁ। ଗ୍ୟାସ୍‌ରେ ତାୱା ବସାଇ ସେଥିରେ ବଟର୍ ପକାନ୍ତୁ। ପରେ ସେଥିରେ ବ୍ରେଡ୍ ମସଲାକୁ ପକାଇ ଅଳ୍ପ ଆଞ୍ଚରେ ଭାଜନ୍ତୁ। ଅଧିକ ଆଞ୍ଚରେ ବ୍ରେଡଟିକୁ ଭାଜିଲେ ପୋଡ଼ିଯିବ। ଧୀମା ଆଞ୍ଚରେ ଭାଜିଲେ ବ୍ରେଡ୍ ଟୋଷ୍ଟ ଲାଲ ଦେଖାଯିବା ସହ ପୋଡ଼ିବନି। ଦୁଇ ସାଇଡ୍ ହୋଇଯିବା ପରେ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମସଲା ବ୍ରେଡ୍ ଟୋଷ୍ଟ। ଏହାକୁ ଆପଣ ପୁଦିନା ଚଟଣୀ ଓ ଟମାଟୋ ସସ୍ ସହ ଖାଆନ୍ତୁ।

---

ସାଧାରଣତଃ ଅନେକ ଲୋକ ଚା' ପିଇବାକୁ ପସନ୍ଦ କରନ୍ତି। ଚା'ରୁ ସେମାନଙ୍କ ଦିନ ଆରମ୍ଭ ହୋଇଥାଏ। ଆଉ ସେ ଯଦି ଅଦା ଚା' ହୁଏ, ତେବେ ମଜା ଦୁଇ ଗୁଣା ହୋଇଯାଏ। କାରଣ ଅଦା ଚା'ରେ ଏମିତି କିଛି ଔଷଧୀୟ ଗୁଣ ଅଛି, ଯାହା ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ମଧ ବେଶ୍ ଉପକାରୀ ହୋଇଥାଏ। ତେଣୁ ଲୋକେ ସକାଳେ ଅଦା ଚା' ପିଇବାକୁ ପସନ୍ଦ କରନ୍ତି। ସକାଳୁ ସକାଳୁ ଅଦା ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ଆସନ୍ତୁ ଜାଣିବା...

# ଓଜନ କମାଇବ ଅଦା ଚା'

- ଅଦା ଚା' ସହିତ ଦିନ ଆରମ୍ଭ କରିବା ଦ୍ୱାରା ଆପଣଙ୍କର ହଜମ ପ୍ରକ୍ରିୟାରେ ସୁଧାର ଆସିବ। ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା କମିଯିବ। ସେହିପରି ଥଣ୍ଡା, କାଶ ସମୟରେ ଅଦା ଚା' ପିଇବାର ଲାଭ ବିଷୟରେ ତ ସମସ୍ତେ ଜାଣନ୍ତି।
- ଅଦା ଚା' ପିଇବା ଦ୍ୱାରା ଗଳା ସଂକ୍ରମଣ କମିବା ସହ କଫ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଗଳା ଯନ୍ତ୍ରଣା ଦୂର କରିଥାଏ।



# ଟ୍ୟାନ୍ ସମସ୍ୟା ଦୂର କରେ ମୁଲତାନି ମାଟି ଓ ମହୁ



ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ସ୍କିନ୍‌ରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ। ବିଶେଷକରି ଲୋକମାନେ ଖରା ଏବଂ ଟ୍ୟାନିଂର ଶିକାର ହୁଅନ୍ତି। ଏହି ଋତୁରେ ନିଜ ତ୍ୱଚା ଅଧିକ ଯତ୍ନ ନେବା ଆବଶ୍ୟକ ହୋଇଥାଏ। ତେବେ ଏଥିପାଇଁ ବାରମ୍ବାର ପାର୍ଲର ଏବଂ ସେଲୁନ୍ ଯିବା ପରିବର୍ତ୍ତେ ଆପଣ ନିଜ ସ୍କିନ୍ର ଯତ୍ନ ନେବା ପାଇଁ ଏହି ଘରୋଇ ଉପଚାର ମଧ୍ୟରୁ କିଛି ଟ୍ରାଏ କରିପାରିବେ। ଆପଣମାନେ ଜାଣିଥିବେ ଯେ ପୂର୍ବକାଳରୁ ଲୋକମାନେ ଏହି ଘରୋଇ ଉପଚାର ବ୍ୟବହାର କରି ଅନେକ ସ୍କିନ୍ ସମସ୍ୟାରୁ ରକ୍ଷା ପାଇଥାନ୍ତି।

ଆପଣ ମୁଲତାନି ମାଟିର କେତେକ ଫାଇଦା ବିଷୟରେ ଜାଣିଥିବେ। ଆଗ କାଳରେ ଲୋକେ ମୁଲତାନି ମାଟିକୁ ଆୟୁର୍ବେଦିକ ଉପଚାର ଭାବେ ଉପଯୋଗ କରୁଥିଲେ। ଯାହାକୁ ସୌନ୍ଦର୍ଯ୍ୟର ଏକ ନିଆରା ବରଦାନ ବୋଲି ମାନାଯାଇଥାଏ। ମୁଲତାନି ମାଟିର କୌଣସି ପ୍ରକାର କୁପ୍ରଭାବ ତ୍ୱଚା ଉପରେ ପଡ଼ିନଥାଏ। ବରଂ ଏହାକୁ ଲଗାଇବା ଦ୍ୱାରା ସ୍କିନ୍‌ର ସମସ୍ତ ମଇଳା ସଫା ହୋଇଯାଏ ଏବଂ ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଏହା ସହ ସ୍କିନ୍‌ରେ ଚମକ ଆସିଥାଏ ଏବଂ ବ୍ରଣ ଏବଂ ଟ୍ୟାନିଂ ସମସ୍ୟା ଦୂର ହୋଇଥାଏ। ତ୍ୱଚା ଭଲ ରଖିବା ପାଇଁ ମୁଲତାନି ମାଟି ସହ ମହୁ ମିଶାଇ ଲଗାଇବା ଦ୍ୱାରା ସ୍କିନ୍ ଉପରେ ଶୀଘ୍ର ଭଲ ପ୍ରଭାବ ପକାଇଥାଏ।

**◆ ମୁଲତାନି ମାଟି ଓ ମହୁର ପ୍ରସ୍ତୁତି:**
ପ୍ରଥମେ ଗୋଟିଏ ଚାମଚ ମୁଲତାନି ମାଟି ପାଉଡର ନିଅନ୍ତୁ। ସେଥିରେ କିଛି ମହୁ ନିଅନ୍ତୁ। ମହୁର ପରିମାଣ ଏପରି ହେବା ଉଚିତ ଯେ ମୁଲତାନି ମାଟି ଏବଂ ମହୁକୁ ମିଶାଇ ଏକ ସ୍ମୁଥ୍ ପେଷ୍ଟ ପ୍ରସ୍ତୁତ କରାଯାଇପାରିବ। ଏହି ଫେସ୍ ପ୍ୟାକକୁ ଗ୍ଲୋଇଂ ତ୍ୱଚା ପାଇଁ ବ୍ୟବହାର କରିପାରିବେ। ଯାହାଫଳରେ ଆପଣଙ୍କ ସ୍କିନ ଉପରେ ଭଲ ଫାଇଦା ପକାଇବାରେ ସାହାଯ୍ୟ କରିବ।

**◆ ବ୍ୟବହାର କିପରି କରିବେ:**
ଏହି ପ୍ରାକୃତିକ ଫେସ୍ ପ୍ୟାକକୁ ଆପଣଙ୍କ ମୁହଁ ଏବଂ ବେକରେ ବ୍ୟବହାର କରିପାରିବେ। ଅଧିକ ଭଲ ଫଳାଫଳ ପାଇଁ ଏହି ଫେସ୍ ପ୍ୟାକକୁ ପ୍ରାୟ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିବା ପରେ ଆପଣ ମୁହଁ ଧୋଇବା ଉଚିତ। ଚମତ୍କାର ତ୍ୱଚା ପାଇଁ ଆପଣ ଏହି ଫେସ୍ ପ୍ୟାକକୁ ସପ୍ତାହରେ ଥରେ କିମ୍ବା ଦୁଇଥର ବ୍ୟବହାର କରିବା ଆବଶ୍ୟକ।

ଏହି ଫେସ୍ ପ୍ୟାକ୍ ବ୍ୟବହାର କରିବା ପରେ ଆପଣଙ୍କ ତ୍ୱଚାରେ ଥିବା ଡେଡ୍ ସେଲ୍ସଗୁଡ଼ିକ ଦୂର କରିବାରେ ସହାୟକ କରିଥାଏ। ଯାହା ଆପଣଙ୍କୁ ଏକ ଉଜ୍ଜ୍ୱଳ ତ୍ୱଚା ପ୍ରଦାନ କରିଥାଏ। ଟ୍ୟାନ୍ ଦୂର କରିବା ପାଇଁ ଏହି ଫେସ୍ ପ୍ୟାକ୍ ବେଷ୍ଟ ରହିବ। ଏଥିରେ ଔଷଧୀୟ ଗୁଣ ଥିବାରୁ ଏହା ତ୍ୱଚା ଉପରେ କୌଣସି ସାଇଡ ଇଫେକ୍ଟ ପକାଇନଥାଏ।

# କିପରି କଟିବ ଆଜିର ଦିନ

୧୭ ମେ ୨୦୨୬

**ମେଷ:** ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ। ମହିଳାମାନେ କର୍ମତତ୍ପର ହେବେ।

**ବୃଷ:** ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହୋଇନପାରେ।

**ମିଥୁନ:** ନିଜ ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା ଦେଖାଦେବ।

**କର୍କଟ:** ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭ୍ରମଣ ଯୋଗ ରହିଛି।

**ସିଂହ:** ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେନି। ବ୍ୟବସାୟିକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା:** ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା:** କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ହ୍ରାସ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ:** ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର:** ହାତ ପାଆନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**କୁମ୍ଭ:** ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଦିନଟି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ:** ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍‌ଦେଲେ ପ୍ରାୟତଃ ଅସୁବିଧା ରହିବନି। ଅନ୍ୟ କଥାକୁ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

# ଜୁନିୟର ଏସୀୟ ମୁଷ୍ଟିଯୁଦ୍ଧ: ଭାରତକୁ ୧୭ ପଦକ



ତାସ୍କେଣ୍ଟ,୧୬।୫(ଏଜେନ୍ସି): ଉଜ୍ବେକିସ୍ତାନର ତାସ୍କେଣ୍ଟଠାରେ ଅନୁଷ୍ଠିତ ୧୫ ଓ ୧୭ ବର୍ଷରୁ କମ୍ ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାରତ ମୋଟ ୧୭ ପଦକ ଜିତିଛି।ଏଥିରେ ଦୁଇ ସ୍ୱର୍ଣ୍ଣ, ସାତ ରୌପ୍ୟ ଓ ଆଠ କାଂସ୍ୟ ପଦକ ରହିଛି। ତେବେ ୧୭ ବର୍ଷରୁ କମ୍ ବର୍ଗରେ ବାଳିକାମାନଙ୍କର ପ୍ରଦର୍ଶନ ଉଚ୍ଚ କୋଟୀର ଥିଲା। ଏହି ବର୍ଗରେ ବାଳିକାମାନେ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୮ କାଂସ୍ୟ ପଦକ ଜିତିଥିବାବେଳେ ବାଳକମାନେ ଗୋଟିଏ ରୌପ୍ୟ ଓ ଚାରି କାଂସ୍ୟ ପଦକ ହାସଲ କରିଛନ୍ତି। ରାକ୍ଷୀ ୪୬ କିଲୋଗ୍ରାମ ବର୍ଗରେ ଉଜବେକିସ୍ତାନର ରୁକ୍ସୋନାବୋନୁ ଆହାଦୋବାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିବାବେଳେ ୫୭ କିଲୋଗ୍ରାମ ବର୍ଗରେ ନବ୍ୟା ଜାପାନର ସାରା କୋନୋଙ୍କୁ ୪.୦ରେ ପରାସ୍ତ କରି ଭାରତ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ଖୁସି ଚାନ୍ଦ ୪୮ କିଲୋଗ୍ରାମ୍ ବର୍ଗ ଫାଇନାଲରେ ଜାପାନର ଆରିସା ୟୋସିନାଗାଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସେହିପରି ଦିୟା (୬୩ କିଲୋଗ୍ରାମ) ଓ ହିମାଂଶୀ (୭୦ କିଲୋଗ୍ରାମ୍) ବର୍ଗରେ ରୌପ୍ୟ ଓ ୭୫ କିଲୋଗ୍ରାମ୍ ବାଳକ ବର୍ଗରେ ଲକ୍ଷ୍ୟ ଫୋଗଟ୍ ରୌପ୍ୟ ଜିତଥିଲେ।

# ଥାଇଲାଣ୍ଡ ଓପନ ଫାଇନାଲରେ ସାତ୍ତ୍ୱିକ–ଚିରାଗ ଯୋଡ଼ି




ବ୍ୟାଙ୍କକ୍,୧୬।୫(ଏଜେନ୍ସି): ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟି ସଂପ୍ରତି ଥାଇଲାଣ୍ଡରେ ଚାଲିଥିବା ଥାଇଲାଣ୍ଡ ଓପନ ସୁପର ୫୦୦ ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।୨୦୧୯ ଓ ୨୦୨୪ରେ ଟାଇଟଲ ବିଜେତା ଏହି ଭାରତୀୟ ଯୋଡ଼ି ଶନିବାର ଅନୁଷ୍ଠିତ ସେମିଫାଇନାଲରେ ମାଲେସିଆର ତଥା ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଯୋଡି ଗୋହ ସେଜ୍ ଫେଇ ଓ ନୂର ଇଜୁଦ୍ଦିନଙ୍କୁ ୧୯–୨୧, ୨୨–୨୦, ୨୧–୧୬ରେ ପରାସ୍ତ କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ଦୀର୍ଘ ୮୨ ମିନିଟ ଧରି ଚାଲିଥିଲା। ପ୍ରଥମ ଗେମ୍ସରେ ହାରି ଥିଲେ ହେଁ ପରବର୍ତ୍ତୀ ଦୁଇ ଗେମ୍ସରେ ବିଜୟୀ ହୋଇଥିଲେ ସାତ୍ତ୍ୱିକ –ଚିରାଗ ଯୋଡି ।ଲଗାତର ଏହି ଟୁର୍ଣ୍ଣାମେଣ୍ଟ ଖେଳି ଆସୁଥିବା ଭାରତୀୟ ଯୋଡି ଚଳିତ ବର୍ଷ ଶୀର୍ଷ ମାନ୍ୟତା ପ୍ରାପ୍ତ ହୋଇଥିବା ବେଳେ ଏହି ଟୁର୍ନାମେଣ୍ଟରେ ଭାରତୀ ଯୋଡ଼ିଙ୍କର ଏହା ଥିଲା ତୃତୀୟ ଏବଂ ଚଳିତ ସିଜନରେ ପ୍ରଥମ ଫାଇନାଲ। ଫାଇନାଲରେ ସାତ୍ତ୍ୱିକ –ଚିରାଗ ଯୋଡି ଇଣ୍ଡୋନେସିଆର ଲିଓ ରୋଲି କାର୍ନାଣ୍ଡୋ ଓ ଡାନିଏଲ ମାର୍ଟିନଙ୍କୁ ଭେଟିବେ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ କୃଷି ଆଉଟ୍‌ରିଚ୍




ଭୁବନେଶ୍ୱର, ୧୬।୫ (ନି.ପ୍ର): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ କୃଷି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୀମପୁରସ୍ଥିତ ଗାଲୁଆ ପଞ୍ଚାୟତଠାରେ ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ ରଞ୍ଜନ ସହାୟ ଏବଂ ଭୀମପୁର ଶାଖା ମୁଖ୍ୟ ବନ୍ଦିତା ରାଉତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାରକାନ୍ତ କରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୩୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମ୍ମାନିତ ଗ୍ରାହକମାନେ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ହିତାଧିକାରୀମାନଙ୍କୁ ୭୦ ଲକ୍ଷ ଟଙ୍କାର ୧୨ଟି ଋଣ ମଞ୍ଜୁରୀ ପତ୍ର ବନ କରାଯାଇଥିଲା। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଂଯୋଗୀକରଣ, ଉନ୍ନତି ଏବଂ ଅଧିଗ୍ରହଣ, ୟୁନିୟନ୍ ଲକ୍ଷପତିଦିଦି ଯୋଜନା ଏବଂ କୃଷି ଅନ୍ତର୍ଗତ ବିଭିନ୍ନ ଯୋଜନା ଉପରେ ଏକ ଫଳପ୍ରଦ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ୪.୦୪ କୋଟି ଟଙ୍କାର ମଞ୍ଜୁରୀ ପତ୍ର ୬୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ରାଥମିକ କୃଷି କ୍ଷେତ୍ରକୁ ୫.୭୮ କୋଟି ଟଙ୍କା ବନ କରାଯାଇଛି।

# କଣ୍ଟିଲୋ ଫାଣ୍ଡି କ୍ୱାର୍ଟର୍ସ କାର୍ଯ୍ୟ ନିମ୍ନମାନର ଅଭିଯୋଗ

କଣ୍ଟିଲୋ,୧୬।୫(ନି.ପ୍ର): ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି କାର୍ଯ୍ୟାଳୟର ପୂର୍ବ ପାର୍ଶ୍ୱରେ ଥିବା ପୁରୁଣା କ୍ୱାର୍ଟର ଗୁଡ଼ିକୁ ଭାଙ୍ଗି ନୂତନ ଭାବେ ନିର୍ମାଣ ହେଉଥିବା ସ୍ଥାୟୀ କ୍ୱାର୍ଟର ଗୁଡ଼ିକର କାର୍ଯ୍ୟ ଖୁବ୍ ନିମ୍ନ ମାନର ଓ ଅନିୟମିତତା ହେଉଥିବାର ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଫାଣ୍ଡିର ଏହି ନୂତନ କ୍ୱାର୍ଟର ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଥିବାର ଜଣାପଡିଛି। ଏହି ନୂତନ କ୍ୱାଟରର ନିର୍ମାଣ କାର୍ଯ୍ୟ ପୋଲିସ ହାଉସିଙ୍ଗ କର୍ପୋରେସନ ଦ୍ୱାରା କରାଯିବା ପାଇଁ ଚୁଡାନ୍ତ ନିଷ୍ପତ୍ତି ମଧ ହୋଇଯାଇଛି। କାର୍ଯ୍ୟର ଭଲ ମନ୍ଦ ପାଇଁ ହାଉସିଂ କର୍ପୋରେସନ ସମ୍ପୂର୍ଣ ଭାବେ ଉତ୍ତରଦାୟୀ। ମାତ୍ର ପୋଲିସ ହାଉସିଙ୍ଗ କର୍ପୋରେସନ ସରକାରଙ୍କ ପାଖରେ ଉତ୍ତରଦାୟୀ ଥିବାବେଳେ ନିଜସ୍ୱ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ ସ୍ଥାନୀୟ ଠିକାଦାରମାନଙ୍କୁ ଟେକି ଦେଇଥିବା ଅଭିଯୋଗ ହେଉଛି।

ନିମ୍ନମାନର ଓ ଅନିୟମିତତା ଭାବେ ଚାଲିଥିବା ନିର୍ମାଣ କାର୍ଯ୍ୟର ଦୁର୍ନୀତିକୁ ଲୁଚାଇବା ପାଇଁ ସୂଚନାଫଳକ ଲାଗି ନଥିବା ସହିତ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିରେ ମନଇଚ୍ଛାରେ ଭାଗମାପ ପ୍ରସ୍ତୁତ କରି ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା ରାତିରେ ଢଳେଇ



କାର୍ଯ୍ୟ ଚାଲୁଥିବାର ଅଭିଯୋଗ ହେଉଛି। ସାଧାରଣରେ ପ୍ରଶ୍ନ କାହା ଇଙ୍ଗିତରେ ସୂଚନା ଫଳକ ନଥାଇ ଏବଂ ଏଷ୍ଟିମେଟ୍‌କୁ ଭ୍ରୁକ୍ଷେପ ନକରି ବହୁ ନିମ୍ନ ମାନର କାର୍ଯ୍ୟ ଚାଲୁଥିବାର ଅଭିଯୋଗ ହେଉଛି। ସ୍ଥାନୀୟ ବୁଦ୍ଧିଜୀବି ଓ ସର୍ବସାଧାରଣଙ୍କ ମନରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଯେ, ଦୁର୍ନୀତି ଗ୍ରସ୍ତ ପୋଲିସ ହାଉସିଂ କର୍ପୋରେସନ ସବୁ କାର୍ଯ୍ୟକୁ ହାତକୁ ନେଇ ନିଜେ ନକରି ଅନଭିଜ୍ଞ ଠିକାଦାରମାନଙ୍କୁ ହସ୍ତାନ୍ତର କରୁଛି କାହିଁକି? ନିକଟ ଅତୀତରେ ପୋଲିସ ହାଉସିଙ୍ଗ କର୍ପୋରେସନ ଦ୍ୱାରା କରାଯାଇଥିବା ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ହଷ୍ଟେଲ କାର୍ଯ୍ୟ, ବର୍ତ୍ତମାନ କଣ୍ଟିଲୋ ମେଡିକାଲ ନିକଟରେ ନିର୍ମାଣ ହେଉଥିବା ଚବିଶ ଘଣ୍ଟିଆ ରୋଗୀ ସେବା ଗୃହ, ଫାଣ୍ଡି କ୍ୱାର୍ଟର ନିର୍ମାଣ କାର୍ଯ୍ୟ ଏବଂ ଫାଣ୍ଡି କ୍ୱାର୍ଟର ପାଖରେ ପୁଣି ଗୃହ ନିର୍ମାଣ ପାଇଁ ଲେ ଆଉଟ୍ ଶେଷ ହୋଇଥିବା କାର୍ଯ୍ୟଛବାରମ୍ୱାର ପୋଲିସ ହାଉସିଂ କର୍ପୋରେସନ ଦ୍ୱାରା କଣ୍ଟିଲୋରେ ଚାଲିଥିବା ରୋଗୀ ସେବା ଗୃହ ନିର୍ମାଣ ଓ କଲେଜରେ ହୋଇଥିବା କାର୍ଯ୍ୟର ଦୁର୍ନୀତି ଓ ନିମ୍ନ ମାନର କାର୍ଯ୍ୟ ଉପରେ ଦୈନିକ ଖବର କାଗଜ ପ୍ରତିଦିନରେ ଖବର ପ୍ରକାଶିତ ହୋଇଥିଲେ ମଧ କୌଣସି ଦିନ ଜିଲ୍ଲା ପ୍ରଶାସନିକ ଅଧିକାରି, ରାଜ୍ୟ ପ୍ରଶାସନିକ ଅଧିକାରୀ ଓ ସର୍ବୋପରି ନିର୍ବାଚିତ ବିଧାୟକ, ସାଂସଦ, ମନ୍ତ୍ରୀମାନଙ୍କର କେଉଁ ସ୍ୱାର୍ଥ ପାଇଁ ଏହାର ତଦନ୍ତ ନକରି ପୋଲିସ ହାଉସିଂ କର୍ପୋରେସନକୁ ପ୍ରତ୍ୟେକ ସାମୁହିକ ଜନହିତକର କାର୍ଯ୍ୟ ଗୁଡ଼ିକୁ ଦିଆଯାଉଛି। ଯଥା ଶୀଘ୍ର ଫାଣ୍ଡିରେ ଚାଲୁଥିବା ନିମ୍ନ ମାନର କ୍ୱାର୍ଟର ନିର୍ମାଣ କାର୍ଯ୍ୟର ଟିକିନିଖି ଭାବେ ତଦନ୍ତ କରାଗଲେ ପୋଲିସ ହାଉସିଂ କର୍ପୋରେସନ, ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଦୁର୍ନୀତି ପଦାରେ ପଡ଼ି ପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ମାଈଁର ଭଉଣୀକୁ ହତ୍ୟା କଲା ଭଣଜା

## କାରଣ ଅସ୍ପଷ୍ଟ, ସାଇଣ୍ଟିଫିକ ଟିମ୍‌ର ଛାନଭିନ୍





ଅସ୍ତରଙ୍ଗ ,୧୬।୫(ନି.ପ୍ର):ମାଈଁର ଭଉଣୀକୁ ବିଳମ୍ବିତ ରାତ୍ରରେ ଭଣଜା ହତ୍ୟା କରିଥିବା ଅଭିଯୋଗ । ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନି। ପୁରୀ ଜିଲ୍ଲା କୋଣାର୍କ–କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମଲ୍ଲିକ କଲ୍ୟାଣୀ ମଣ୍ଡପ ମାଲିକ ଅଲେଖ ମଲ୍ଲିକଙ୍କ ଘରେ ଦୀର୍ଘ ଦିନ ହେବ ବଡ଼ ଭଉଣୀ ପୁଅ ତଥା ଅସ୍ତରଙ୍ଗ ଥାନା ଅଧୀନ ବେଗୁନିଆବସ୍ତ ଗ୍ରାମର ଭଣଜା ଶ୍ରୁତିରଂଜନ ସ୍ୱାଇଁ ଓରଫ ରାହୁଲ ରହୁଥିବା ବେଳେ ଅଲେଖଙ୍କ ଶାଳୀ ମିଲିପ୍ରିୟା ମଧ ରହୁଥିଲେ। ରାହୁଲ ମାମୁଁଙ୍କ ମଣ୍ଡପ କାର୍ଯ୍ୟ ବୁଝାବୁଝି କରୁଥିବା ବେଳେ ବିବାଦ ହୋଇଥିଲା ବୋଲି ମାମୁଁ ଅଲେଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ଶୁକ୍ରବାର ବିଳମ୍ବିତ ରାତ୍ରରେ ମିଲିଙ୍କୁ ଅଲେଖଙ୍କ ଭଣଜା ରାହୁଲ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ନିଶାଶକ୍ତ ଅବସ୍ଥାରେ ହତ୍ୟାକାଣ୍ଡ ସ୍ଥଳରୁ କିଛି ଦୂରରେ ସ୍ମୃତିରଂଜନଙ୍କୁ ଉଦ୍ଧାର କରି ପୋଲିସ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ।ସ୍ୱାସ୍ଥ୍ୟ ଅବସ୍ଥାରେ ପରିବର୍ତ୍ତନ ଆସିବା ପରେ ପୁଲିସ ରାହୁଲଙ୍କୁ ଅଟକ ରଖି ଘଟଣା କାରଣ ସମ୍ପର୍କରେ ପଚରାଉଚରା କରୁଛି।ତେବେ ହତ୍ୟାକାଣ୍ଡକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରାଥମିକ ସୂଚନାରୁ ମିଳିଛି ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ରାହୁଲ ଏଭଳି ଆକ୍ରମଣ କରିଥାନ୍ତି, ତାହା ହେଲେ ମିଲିଙ୍କୁ କାହିଁକି ଆକ୍ରମଣ କଲେ, ନା ମିଲିକୁ ନେଇ ପୂର୍ବରୁ ବିବାଦ ହୋଇଥିଲା ତାହା ତଦନ୍ତ ପରେ ସ୍ପଷ୍ଟ ଜଣାପଡିବ। ଅନ୍ୟ ପଟେ ଘଟଣା ସ୍ଥଳରେ ଶନିବାର ସାଇଣ୍ଟିଟିମ୍ ଅଧିକାରୀ ଆଦିତ୍ୟ ରଂଜନ ନାୟକ ନେତୃତ୍ୱ ରେ ୩ ଜଣିଆ ଟିମ୍ ପହଂଚି , ଘଟଣା ସ୍ଥଳରୁ ଗୋଟିଏ ଛୁରୀ, ଆଉ ଏକ ଲୁହାର ଧାରୁଆ ଚାପଡ଼ ଜବତ ସହ ଅନ୍ୟ କିଛି ସାମଗ୍ରୀ ଜବତ କରିଛି।ପୁଲିସ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ତଦନ୍ତ ଜାରି ରଖିଛି।

# ରାଇଜିଂ ଷ୍ଟାର କ୍ଲବର ୩୮ତମ ବାର୍ଷିକ ଉତ୍ସବ

କାକଟପୁର/ଅସ୍ତରଙ୍ଗ, ୧୬।୫ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଈଗୁଆଁ ଗ୍ରାମର ରାଇଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ମହେନ୍ଦ୍ର ପ୍ରଧାନ ସ୍ମୃତି ଉଦ୍ୟସରେ ୩୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲୁ ବେରୀ କମ୍ପାନୀର ଅଧିକାରୀ ଦେବୀପ୍ରସାଦ ପରିଡାଙ୍କ ସହିତ ସଂମ୍ମାନିତ ଅତିଥି ଭାବେ କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ୱାଦିକ ତଥା ସମାଜସେୀ ପ୍ରଦୀପ୍ତ କୁମାର ଦୀକ୍ଷିତ (ଦୁଆରୀ )ଅତିଥି ଭାବେ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମାଞ୍ଚଳରେ କଳା, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ କ୍ଲବ ପକ୍ଷରେ କ୍ଲବର ସଦସ୍ୟ ମାନଙ୍କ ଦ୍ୱାରା ଦୁଇଦିନିଆ ନାଟକ ପରିବେଷଣ କରାଯାଇଥିଲା। ଏହି ନାଟକ ଦେଖିବା ପାଇଁ ଆଖପାଖ ଗ୍ରାମର ହଜାର ହଜାର ଦର୍ଶକ ନାଟକକୁ ଉପଭୋଗ କରିଥିଲେ। କ୍ଲବର ଉପଦେଷ୍ଟା କେଦାରନାଥ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବକୁ କ୍ଲବର ବରିଷ୍ଠ ସଦସ୍ୟ ଜୟନ୍ତ ତ୍ରିପାଠୀ, ତପନ ମଲ୍ଲ, ଅନିରୁଧ ତ୍ରିପାଠୀ, ରବୀନ୍ଦ୍ର ବିଶ୍ୱାଳ, ଅଶୋକ ବିଶ୍ୱାଳ, ସୁଶାନ୍ତ ତ୍ରିପାଠୀ, ବିକାଶ ତ୍ରିପାଠୀ, ଦେବେନ୍ଦ୍ର ପ୍ରଧାନ, ଉତ୍କଳ କେଶରୀ ପ୍ରଧାନ, ପ୍ରଦୀପ୍ତ ବିଶ୍ୱାଳ, ରୋହିତ ମଲ୍ଲଙ୍କ ସହିତ କ୍ଲବର ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅଜଣା ଗାଡି ଧକ୍କାରେ ଠିକା କର୍ମଚାରୀଙ୍କ ମୃତ୍ୟୁ

ନିମାପଡା,୧୬।୫ (ନି.ପ୍ର): ନିମାପଡା–ବଳଙ୍ଗା ରାସ୍ତାର ନୁହାରକିରୀ ଛକ ନିକଟରେ ଜଣେ ଯୁବକ ଏକ ବିଦ୍ୟୁତ ଖୁଂଟରେ ପିଟିହୋଇ ମୃତ୍ୟୁ ହୋଇଥିବା ଜଣାପଡିଛି। ଖବରରୁ ଜଣାଯାଇଛି ଯେ ନିମାପଡା ବିଜ୍ଞାପିତ ଅଚଳ ପରିଷଦରେ ରାତ୍ର ଜଗୁଆଳୀ ଠିକାକର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ତରଡାପଡା ଗ୍ରାମର ସୁରେଶ କୁମାର ସେଠୀ (୪୬) । ଆଜି ଅଫିସରେ ନିଜକାମ ସାରି ସକାଳୁ ଘରକୁ ଫେରୁଥିବା ସମୟରେ ନୁହାରକିରୀ ଛକରେ ଏକ ଅଜଣା ଗାଡି ଧକ୍କା ଦେବାଫଳରେ ସେ ଭାରସ୍ୟାମ ହରାଇ ସେଠାରେ ଥିବା ଏକ ବିଦ୍ୟୁତ ଖୁଂଟରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାରକରି ଚିକିତ୍ସାପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ନିମାପଡା ପୁଲିସ ସେଠାରେ ପହଂଚି ୧୫୨/୨୬ରେ ଏକ ମାମଲା ରୁଜୁ କରିବାସହ ବ୍ୟବଛେଦ ପାଇଁ ପଠାଇଛି। ବ୍ୟବଛେଦ ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ ସଂପନ୍ନ କରାଯାଇଥିବା ନେଇ ପରିବାର ପକ୍ଷରୁ ସୁଚନା ମିଳିଛି ।

# ପିପିଲିରେ ତେଲ ସଙ୍କଟ



ପିପିଲି, ୧୬।୫ (ନି.ପ୍ର): ସାରା ରାଜ୍ୟରେ ତୈଳ ସଙ୍କଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁରୀ ଜିଲ୍ଲାରେ ପ୍ରାୟ ସମସ୍ତ ତେଲ ଟାଙ୍କିରୁ ତେଲର ଅଭାବ ଦେଖାଯାଥିବା ବେଳେ, ମାତ୍ର ଦୁଇରୁ ତିନୋଟି ତେଲ ଟାଙ୍କିରେ ମିଳୁଛି ତେଲ। ସହ ସହ ଲୋକଙ୍କ ଲମ୍ୱା ଲାଇନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି ଲୋକମାନେ। ତେଲ କିଣିବାକୁ ଉତରା ଛକ ନିକଟ କଲେଜ ପାଖରେ ଥିବା ତେଲ ଟାଙ୍କିରେ ପ୍ରବଳ ଭିଡ ଯୋଗୁଁ ମ୍ୟାନେଜର ମକରା ବାବୁ ଲୋକମାନଙ୍କ ସୁବିଧା ପାଇଁ ସମସ୍ତଙ୍କୁ ବାଣ୍ଟି କି ଦେଉଛନ୍ତି ତେଲ। ଭୁବନେଶ୍ୱରରୁ ଲୋକ ଆସି ଏଠାରେ ତେଲ ପକାଉଛନ୍ତି। ୩ ଲିଟରରୁ ଅଧିକ ତେଲ ଦେଉ ନଥିବାବେଳେ ଭିଡ କମିବାର ନା ନେଉନି। ଯଦି ଆଗାମୀ ଦିନରେ ସରକାର ସଠିକ ପଦକ୍ଷେପ ନ ନିୟନ୍ତି, ଏହା ବଡ ଧରଣର ଆସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ।

# ସାବିତ୍ରୀ ପାଇଁ ଚଳଚଞ୍ଚଳ ଶୈବ ପୀଠ

କଣ୍ଟିଲୋ, ୧୬।୫ (ନି.ପ୍ର): ଓଡ଼ିଆ ଘରର ପର୍ବ ପର୍ବାଣୀମାନଙ୍କ ମଧ୍ୟରୁ ପବିତ୍ର ସାବିତ୍ରୀ ବ୍ରତ ଅନ୍ୟତମ। ପ୍ରତ୍ୟେକ ଘରର ଗୃହିଣୀମାନେ ନିଜ ସ୍ୱାମୀଙ୍କର ଦୀର୍ଘ ଜୀବନ କାମନାକରି ନିଷ୍ଠାର ସହିତ ଏହି ସାବିତ୍ରୀ ବ୍ରତ କରିଥାନ୍ତି। ସାବିତ୍ରୀ ବ୍ରତ ପରିପ୍ରେକ୍ଷୀରେ କଣ୍ଟିଲୋ ତଥା ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ଗୁଡିକରେ ପୂଜାର୍ଚ୍ଚନା ନିମନ୍ତେ ଶହଶହ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହିଳାମାନେ ନବ ବସ୍ତ୍ର ପରିଧାନ କରି ମନ୍ଦିରରେ ପହଞ୍ଚି ମା ପାର୍ବତୀଙ୍କ ନିକଟରେ ପରିବାରର ମଙ୍ଗଳ ମନାସି ବିଭିନ୍ନ କିସମର ଫଳ ଭୋଗ ଆକାରେ ଲାଗି କରିଥିଲେ। ସକାଳୁ ସକାଳୁ ଘରର ଗୃହିଣୀମାନେ ଘରର ସମସ୍ତ କାର୍ଯ୍ୟ ଶେଷକରି ପିତଳ ଥାଳିରେ ବିଭିନ୍ନ କିସମର ଫଳ, ଗଜାମୁଗ, ନୂତନ ବସ୍ତ୍ର, ଶଙ୍ଖା, ସିନ୍ଦୂର ଧରି ନିକଟରେ ଥିବା, ଶୈବପୀଠ ବାବା କପିଳେଶ୍ୱର, କୃଷ୍ଣେଶ୍ୱର ମହାଦେବ, ସିଦ୍ଧେଶ୍ୱର ଓ ବଟେଶ୍ୱର ଆଦି ପୀଠରେ ପୂଜାର୍ଚ୍ଚନା ନିମନ୍ତେ ଦିବା ୧୨ ଟା ପର୍ଯ୍ୟନ୍ତ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ଡେଲାଙ୍ଗ–ହରିପୁର ବୋମାମାଡ ଓ ଗୁଳିକାଣ୍ଡ ଘଟଣା

# ଅଟକ ଅଭିଯୁକ୍ତଙ୍କୁ ଛାଡିବା ଦାବିରେ ପିପିଲି ଥାନା ଘେରାଉ

ପିପିଲି, ୧୬।୫ (ନି.ପ୍ର): ଡେଲାଙ୍ଗ ହରିପୁର ବୋମା ମାଡ଼ ଘଟଣା ରେ ଅଟକ ଥିବା ୪ ଜଣ ବ୍ୟକ୍ତିଙ୍କୁ ଛାଡ଼ିବା ପାଇଁ ପିପିଲି ଥାନା ଘେରାଉ କଲେ ଶତାଧିକ ଲୋକେ। ଦୋଷୀକୁ ନ ଧରି ପୋଲିସ ନିର୍ଦୋଷ ଲୋକମାନଙ୍କୁ ଉଠାଇ ଆଣିଥିବା ଅଭିଯୋଗ କରିଥିଲେ ଅଟକ ଥିବା ଲୋକଙ୍କ ପରିବାର ଲୋକେ। ତେବେ ତୁରନ୍ତ ସେମାନଙ୍କୁ ଛଡାଯାଉ ବୋଲି ଜିଦ୍ ଧରି ପିପିଲି ଥାନା ସମ୍ମୁଖରେ ଧାରଣା ଦେଇଥିଲେ, ପରିବାର ଲୋକଙ୍କ ସହ କିଛି ଦଳିୟ କର୍ମୀ। ଏଭଳି ଘଟଣା ଆଜି ଅପରାହ୍ନ ୩ଟା୩୦ରେ ହୋଇଥିଲା ବେଳେ ପ୍ରାୟ ଏକ ଘଣ୍ଟା କାଳ ପିପିଲି ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଶେଷରେ ଘଟଣା ନେଇ ପୁରୀ ଏସପି ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ସୂଚନାଯୋଗ୍ୟ ଡେଲାଙ୍ଗ ଗୋଡିପୁଟ ମାଟିଆପଡା ପଂଚାୟତ ଅନ୍ତର୍ଗତ ହରିପୁର ଗ୍ରାମ ପଂଚାୟତ କଲେଜ ପଛପଟ ଗହୀର ଫାର୍ମ ହାଉସ ଉପରେ ଗତ ୧୩ ତାରିଖରେ ବୋମାମାଡ ସହିତ ଗୁଳିକାଣ୍ଡ ଭଳି ଘଟଣା ଘଟିଥିଲା। ଏହି ବୋମାମାଡ ଘଟଣାରେ ଦୁଇ ଜଣ ମଧ ଆହତ ହୋଇଥିଲେ। ଖଣି କାରବାରରେ ଦୁଇ ଗୋଷ୍ଠୀ ମଧରେ ଏଭଳି କାଣ୍ଡ ହୋଇଥିଲାବେଳେ ଗ୍ରାମର ପ୍ରବୀର ଜେନା ଡେଲାଙ୍ଗ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ପ୍ରବୀରଙ୍କ ଅଭିଯୋଗକ୍ରମେ ଡେଲାଙ୍ଗ ଥାନାରେ ୧୩୬/୨୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଆଧାରରେ ଡେଲାଙ୍ଗ ପୋଲିସ ୪ଜଣଙ୍କୁ ଅଟକ ରଖିଥିଲା। ଅଟକ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲଣ କରିବା ପାଇଁ ପିପିଲି ଥାନାକୁ ଅଣାଯାଇଥିଲା। କିନ୍ତୁ ପିପିଲି ଥାନା ସମ୍ମୁଖରେ ଶତାଧିକ ମହିଳା ପୁରୁଷ ମାନେ ଡେଲାଙ୍ଗ ପୋଲିସ ନିର୍ଦ୍ଦୋଷମାନଙ୍କୁ ଧରି ଆଣିଛି। ସେମାନଙ୍କୁ ଛାଡିବା ଦାବି କରି ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ପରେ ପରିସ୍ଥିତ ଅଣାୟତ ହେବାରୁ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଶେଷରେ ୪ଅଟକ ବ୍ୟକ୍ତିଙ୍କୁ ପୋଲିସ ଗାଡି ଦ୍ୱାରା ଡେଲାଙ୍ଗ ଥାନାକୁ ନିଆଯାଇ ସେମାନଙ୍କୁ ପିଆର ବଣ୍ଡରେ ଛଡାଯାଇଥିବା ସହ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୁଚନା ଦେଇଛନ୍ତି।


## CLASSIFIED

**WE ARE HIRING !**
Wanted **Content Writer(2 Nos)** for a leading Digital Platform. Applicants must have minimum 1/2 year experience in related field. interested candidates come directly to the office address with their CV at Office hour. **Contact No. 8093545300**

**ଗୋବରଖତ ବିକ୍ରି**
ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ଅଞ୍ଚଳରେ ପାଖାପାଖି ଗୋଟିଏ ହାଇୱା(୭ ଟ୍ରାକ୍ଟର) ଗୋବର ଖତ ବିକ୍ରି ହେବ । ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରି କ୍ରୟ କରିପାରିବେ । ଯୋଗାଯୋଗ: ୭୦୭୭୭୩୩୮୪୨/୮୦୯୩୫୪୫୩୦୦ ।

**ଟ୍ୟୁସନ ଶିକ୍ଷକ ଆବଶ୍ୟକ**
CBSE, Jnv, +2 ପର୍ଯ୍ୟନ୍ତ ଛାତ୍ରଙ୍କୁ ପଢ଼େଇବା ପାଇଁ ବିଜ୍ଞାନ ଶିକ୍ଷକ ଆବଶ୍ୟକ। ଦରମା ମାସିକ ଟ. ୧୦୦୦୦/– ପର୍ଯ୍ୟନ୍ତ ହେଇପାରେ। କିନ୍ତୁ ଯୋଗ୍ୟତା ମୁତାବକ। ଯୋଗାଯୋଗ: ୮୧୧୪୮୩୮୨୮୫
ଅନ୍ତର୍ଯ୍ୟାମୀ ପ୍ରଧାନ

**ଆବଶ୍ୟକ**
ରୋଷେଇ, ଘରକାମ, ବେବିକେୟାର ପାଇଁ ମହିଳା ଓ ପୁରୁଷ ଆବଶ୍ୟକ । NURSING CARE ପାଇଁ (ପୁରୁଷ/ମହିଳା) RESTAURANT COOK, DRIVER ଆବଶ୍ୟକ – 9348602508

**WALK-IN-INTERVIEW**
G4S **REQUIRED: SECURITY GUARDS**
For Bhubaneswar / Jajpur / Jharsuguda
Eligibility: 10th pass Certificate/ Marksheet / Age:19-40 / Height: 5"6"+
Medically Fit. Document Required: Police Verification Certificate
2 Passport Photo, Aadhar, PAN, Bank Passbook
Address: Plot No: K-6, BJB Nagar, Near BJEM Scool, Bhubaneswar
CONTACT / WHATSAPP 9090188381

**URGENTLY REQUIRED**
WANTED MANPOWER
SUPPLY SUPERVISOR IN GOA
MOB: 8263866234

**REQUIRED BY A FMCG FOOD PRODUCTS MARKETING COMPANY**
01. Sales Manager- Graduate or MBA ( Marketing )With experience in marketing FMCG food products in Odisha
02. Sales Executive- Experience in selling FMCG Food Products
03. Accountant- Commerce Graduate with experience in Tally and good typing speed.
Email- sahebramkakka@gmail.com
Hridaansh Foods & Beverages Pvt. Ltd,401, 4th Floor, Janpath Towers, Ashok Nagar, Bhubaneswar-751009
Contact No. 9937131953,

**URGENTLY REQUIRED**
Vaccancy for cook & office cum store assistant.
Contact: 9861028300
Adress: Ashok Nagar, Bhubaneswar

# ନେଦରଲ୍ୟାଣ୍ଡସରେ ପ୍ରଧାନମନ୍ତ୍ରୀ ମୋଦୀ


ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି


ପ୍ରବାସୀ ଓଡ଼ିଆଙ୍କଠାରୁ ଉପହାର ଗ୍ରହଣ କରୁଛନ୍ତି


ପ୍ରବାସୀ ଓଡ଼ିଆଙ୍କୁ ଭେଟୁଛନ୍ତି

## ସିବିଏସ୍‌ଇର ବଡ଼ ନିଷ୍ପତ୍ତି
## ନବମ ଓ ଦଶମ ଶ୍ରେଣୀରେ ୩ ଭାଷା ବାଧ୍ୟତାମୂଳକ




**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଜୁଲାଇ ୧ରୁ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରଙ୍କ ପାଇଁ ୩ଟି ଭାଷା ବାଧ୍ୟତାମୂଳକ କରାଯାଇଛି। ଏହି ନୂଆ ନିୟମ ଜୁଲାଇ ୧, ୨୦୨୬ ଶିକ୍ଷାବର୍ଷ ୨୦୨୬-୨୭ରୁ ଆରମ୍ଭ ହେବ। ବୋର୍ଡ ଦ୍ୱାରା ଜାରି ହୋଇଥିବା ସର୍କୁଲାର ଅନୁସାରେ, ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ଏବଂ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ୨୦୨୩ ଅଧୀନରେ ଏହି ନିଷ୍ପତ୍ତି ନିଆଯାଇଛି। ନୂଆ ଶିକ୍ଷାବର୍ଷ ପାଇଁ ୯ମ ଛାତ୍ର ୩ଟି ଭାଷାରେ ପଢ଼ିବା ବାଧ୍ୟତାମୂଳକ। ଏହି ନିୟମରେ ୩ଟି ଭାଷା ମଧ୍ୟରେ ଅତିକମରେ ୨ଟି ଭାଷା ଭାରତୀୟ ହେବା ଜରୁରୀ। ନୂଆ ବ୍ୟବସ୍ଥା ଅନୁସାରେ ତିନୋଟି ଭାଷାରୁ ଅନ୍ୟୁନ ଦୁଇଟି ଭାରତୀୟ ନେଟିଭ ଭାଷା ହେବା ଆବଶ୍ୟକ ରହିବ। ତଥାପି ଦଶମ ବୋର୍ଡ ପରୀକ୍ଷାରେ ତୃତୀୟ ଭାଷା ପରୀକ୍ଷା ଦେବା ବାଧ୍ୟତାମୂଳକ ହେବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ତୃତୀୟ ଭାଷା ଭାବେ ଆଞ୍ଚଳିକ ଭାଷାଗୁଡିକର ତାଲିକାରେ 'ଓଡ଼ିଆ' ସହିତ ମୋଟ ୧୯ଟି ଭାଷାକୁ ସ୍ଥାନ ଦିଆଯାଇଛି। ଯେଉଁ ଛାତ୍ରମାନେ ବିଦେଶୀ ଭାଷା (ଫ୍ରେଞ୍ଚ, ଜର୍ମାନୀ) ଆଦି ପଢିବାକୁ ଚାହୁଁଛନ୍ତି, ସେମାନେ ୩ୟ ଭାଷାକୁ ଚୟନ କରିପାରିବେ। ଛାତ୍ରଛାତ୍ରୀ ଚାହିଁଲେ ୪ର୍ଥ ଭାଷା ମଧ୍ୟ ପଢିପାରିବେ।

**ଜୁଲାଇ ୧ରୁ ଲାଗୁ**

## ଜମି ଅଧିଗ୍ରହଣ ଅର୍ଥ ହଡ଼ପ
## ଏସ୍‌ଡିଏମ୍ ଗିରଫ



**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଗୁରୁଦାସପୁର ଏସ୍‌ଡିଏମ୍ ଅନୁପ୍ରୀତ କୌର ରାନ୍ଧୱାଙ୍କୁ ତରନତାରନ ପୋଲିସ ଗିରଫ କରିଛି। ୨୦୧୮ରୁ ୧୯ ପର୍ଯ୍ୟନ୍ତ ପଟ୍ଟିରେ ଏସ୍‌ଡିଏମ୍ ଥିବା ବେଳେ ରାନ୍ଧୱା ଜମି ଅଧିଗ୍ରହଣ ପାଇଁ ଉଦ୍ଦିଷ୍ଟ ଅର୍ଥ ନିଜ ସମ୍ପର୍କୀୟମାନଙ୍କ ଆକାଉଣ୍ଟକୁ ପଠାଇ ହେରଫେର କରିଥିଲେ। ୫୪ ନମ୍ବର ଜାତୀୟ ରାଜପଥ ନିର୍ମାଣ ପାଇଁ ଅଧିଗ୍ରହଣ କରାଯାଇଥିବା ଜମିର କ୍ଷତିପୂରଣ ବାବଦକୁ ପ୍ରାୟ ୧.୬୩ କୋଟି ଟଙ୍କା ଆସିଥିଲା। ସେତେବେଳେ ସେ ଭୂ-ଅର୍ଜନ ଅଧିକାରୀ ଦାୟିତ ଥାଇ କ୍ଷମତାର ଦୁରୁପଯୋଗ କରିଥିଲେ। ରାଜସ୍ୱ ବିଭାଗର ରେକର୍ଡ ଯାଞ୍ଚ ନକରି ଏହି ଟଙ୍କା ସମ୍ପର୍କୀୟମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ।

ଏହି ଗୁରତର ତ୍ରୁଟି ବିଚ୍ୟୁତିର ତଦନ୍ତ ଚାଲିଥିଲା। ଶନିବାର ସକାଳେ ପୋଲିସ ଗୁରୁଦାସପୁର ଅନ୍ତର୍ଗତ ୧୦-ଜେଲ ରୋଡ୍ କ୍ୱାର୍ଟର୍ସରେ ଚଢ଼ଉ କରି ତାଙ୍କୁ ଗିରଫ କରିଛି। ଗିରଫ ବେଳେ ରାନ୍ଧୱା ବିରୋଧ କରିଥିଲେ। ଏସ୍‌ଡିଏମ୍ ଭାବେ ତାଙ୍କ କାର୍ଯ୍ୟକଳାପ ବିବାଦୀୟ ହୋଇପଡ଼ିଥିଲା। ଗୁରୁଦାସପୁର ବ୍ଲକ ସମିତି ଓ ଜିଲ୍ଲାପରିଷଦ ନିର୍ବାଚନ ବେଳେ ସେ ବିନା କାରଣରେ ବିରୋଧୀ ଦଳ ପ୍ରାର୍ଥୀଙ୍କ ମନୋନୟନ ପତ୍ର ନାକଚ କରିଦେଇଥିଲେ। ଏହା ପଞ୍ଜାବରେ ଆଲୋଚନାର ବିଷୟ ହୋଇଥିଲା।

# ମନ୍ତ୍ରୀଙ୍କୁ ବିଭାଗ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ ବିଜୟ

**ଚେନ୍ନାଇ,୧୬।୫(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ ଚନ୍ଦ୍ରଶେଖର ବିଜୟ କ୍ୟାବିନେଟରେ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗୃହ, ପୁଲିସ ଏବଂ ମହିଳା ଓ ଶିଶୁ କଲ୍ୟାଣ ସମେତ ପ୍ରମୁଖ ବିଭାଗଗୁଡ଼ିକୁ ବଜାୟ ରଖିଛନ୍ତି।

ବିଭାଗ ବଣ୍ଟନ ତାଲିକା ଅନୁସାରେ, ମୁଖ୍ୟମନ୍ତ୍ରୀ ବିଜୟ ସାଧାରଣ ପ୍ରଶାସନ, ଗୃହ, ରାଜସ୍ୱ, ପୋଲିସ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ, ମହିଳା କଲ୍ୟାଣ, ଯୁବ ସଶକ୍ତିକରଣ, ଶିଶୁ କଲ୍ୟାଣ, ବୟସ୍କ ଏବଂ ଭିନ୍ନକ୍ଷମ କଲ୍ୟାଣ, ପୌର ପ୍ରଶାସନ ଏବଂ ନଗର ଓ ଜଳ ଯୋଗାଣ ଦାୟିତ୍ୱରେ ଅଛନ୍ତି। ସେହିପରି ବରିଷ୍ଠ ମନ୍ତ୍ରୀ କେ.ଏ. ସେଙ୍ଗୋଟାଇୟାନଙ୍କୁ ଅର୍ଥ ବିଭାଗ ପ୍ରଦାନ କରାଯାଇଛି। ସେ ନୂତନ ସରକାରରେ ଅର୍ଥ, ପେନସନ ଏବଂ ଭତ୍ତା ପରିଚାଳନା କରିବେ। ସର୍ବକନିଷ୍ଠ ମନ୍ତ୍ରୀ ସେଲଭି ଏସ କୀର୍ତ୍ତନା ଶିଳ୍ପ ବିଭାଗ ପାଇଛନ୍ତି ଏବଂ ନିବେଶ ପ୍ରୋତ୍ସାହନ ମଧ୍ୟ ତଦାରଖ କରିବେ। ଯାହା ତାଙ୍କୁ କ୍ୟାବିନେଟରେ ପ୍ରମୁଖ ଚେହେରା ଭାବେ ଆଗକୁ ଆଣିଛି।

ଜଣେ ମହିଳା ମନ୍ତ୍ରୀଙ୍କୁ ଏକ ପ୍ରମୁଖ ବିଭାଗ ବଣ୍ଟନ ତାମିଲନାଡୁର ରାଜନୈତିକ ମହଲରେ ଦୃଷ୍ଟି ଆକର୍ଷଣ କରିଛି। ଏନ ଆନନ୍ଦ ଗ୍ରାମୀଣ ବିକାଶ ଏବଂ ଜଳସମ୍ପଦ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ବିଭାଗଗୁଡ଼ିକ ମଧ୍ୟରେ ଗ୍ରାମୀଣ ବିକାଶ, ପଞ୍ଚାୟତ ଏବଂ ପଞ୍ଚାୟତ ସଂଘ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ଗ୍ରାମୀଣ ଋଣ ଏବଂ କ୍ଷୁଦ୍ର ଜଳସେଚନ ସମେତ ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଆଧବ ଅର୍ଜୁନ ଲୋକ ନିର୍ମାଣ ଏବଂ କ୍ରୀଡ଼ା ବିକାଶ ମନ୍ତ୍ରୀ ହୋଇଛନ୍ତି। ସେ କ୍ରୀଡ଼ା ବିକାଶ ସହ କୋଠା, ରାଜପଥ ଏବଂ କ୍ଷୁଦ୍ର ବନ୍ଦର ସମେତ ସାଧାରଣ କାର୍ଯ୍ୟ ତଦାରଖ କରିବେ। ଡକ୍ଟର କେଜି ଅରୁଣରାଜଙ୍କୁ ସ୍ୱାସ୍ଥ୍ୟ, ଚିକିତ୍ସା ଶିକ୍ଷା ଏବଂ ପରିବାର କଲ୍ୟାଣ ବିଭାଗ ପ୍ରଦାନ କରାଯାଇଛି। ପି. ଭେଙ୍କଟରମଣନ ଖାଦ୍ୟ ଓ ନାଗରିକ ଯୋଗାଣ ମନ୍ତ୍ରୀ ହୋଇଛନ୍ତି ଏବଂ ଗ୍ରାହକ ସୁରକ୍ଷା ଓ ମୂଲ୍ୟ ନିୟନ୍ତ୍ରଣ ପରିଚାଳନା କରିବେ। ଆର. ନିର୍ମଳ କୁମାରଙ୍କୁ ଶକ୍ତି ସମ୍ପଦ ଏବଂ ଆଇନ ଦାୟିତ୍ୱ ଦିଆଯାଇଛି। ତାଙ୍କ ବିଭାଗଗୁଡ଼ିକ ମଧ୍ୟରେ ବିଦ୍ୟୁତ ଏବଂ ଅଣପାରମ୍ପରିକ ଶକ୍ତି ବିକାଶ, ଆଇନ, ଅଦାଲତ, କାରାଗାର ଏବଂ ଦୁର୍ନୀତି ନିବାରଣ, ବିଧାନସଭା, ରାଜ୍ୟପାଳ, ନିର୍ବାଚନ ଏବଂ ପାସପୋର୍ଟ ଅନ୍ତର୍ଭୁକ୍ତ। ରାଜମୋହନଙ୍କୁ ସ୍କୁଲ ଶିକ୍ଷା, ତାମିଲ ବିକାଶ, ସୂଚନା ଏବଂ ଲୋକସମ୍ପର୍କ ମନ୍ତ୍ରୀ ଭାବରେ ଦାୟିତ୍ୱ ଦିଆଯାଇଛି। ସେ ପ୍ରତ୍ନତତ୍ତ୍ୱ, ତାମିଲ ସରକାରୀ ଭାଷା ଏବଂ ତାମିଲ ସଂସ୍କୃତି, ଚଳଚ୍ଚିତ୍ର ପ୍ରଯୁକ୍ତିବିଦ୍ୟା ଏବଂ ସିନେମାଟୋଗ୍ରାଫ୍ ଆଇନ, ଖବରକାଗଜ ନିୟନ୍ତ୍ରଣ, ଷ୍ଟେସନାରୀ, ମୁଦ୍ରଣ ଓ ସରକାରୀ ପ୍ରେସ୍ ମଧ୍ୟ ତଦାରଖ କରିବେ। ଡକ୍ଟର ଟି. କେ. ପ୍ରଭୁଙ୍କୁ ପ୍ରାକୃତିକ ସମ୍ପଦ ବିଭାଗ ଦିଆଯାଇଛି। ସେ ଖଣିଜ ଏବଂ ଖଣି ପରିଚାଳନା କରିବେ।






# ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆହ୍ୱାନରେ ପେଟ୍ରୋଲ, ଡିଜେଲ ସଞ୍ଚୟ କରିବାରେ ସବୁଠୁ ଆଗରେ ଅର୍ଦ୍ଧସାମରିକ ବାହିନୀ

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବଂ ଉତ୍ତେଜନା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇନ୍ଧନ (ପେଟ୍ରୋଲ ଏବଂ ଡିଜେଲ) ସଂରକ୍ଷଣ କରିବା ପାଇଁ ନାଗରିକମାନଙ୍କୁ ଏକ ବିଶେଷ ନିବେଦନ କରିଛନ୍ତି। ଏହି ନିବେଦନର ପ୍ରଭାବ ଏବେ ଦେଶର ଅର୍ଦ୍ଧସାମରିକ ବାହିନୀରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି। ଦେଶର ସର୍ବବୃହତ ଅର୍ଦ୍ଧସାମରିକ ବାହିନୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ) ଇନ୍ଧନ ବ୍ୟବହାର ହ୍ରାସ କରିବା ପାଇଁ ଏକ ପ୍ରମୁଖ ଏବଂ ଐତିହାସିକ ନିଷ୍ପତ୍ତି ନେଇଛି। ସିଆର୍‌ପିଏଫ ଏହାର ସମସ୍ତ ଯାନବାହନ ପାଇଁ ପେଟ୍ରୋଲ ଏବଂ ଡିଜେଲ ବଜେଟକୁ ସିଧାସଳଖ ୧୦% ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି।

ସିଆରପିଏଫ ସୂତ୍ର ଅନୁଯାୟୀ, ବାହିନୀର ମୁଖ୍ୟାଳୟ କୌଣସି ଅଧିକାରୀଙ୍କୁ ଗୋଟିଏରୁ ଅଧିକ ଗାଡ଼ି ରଖିବାକୁ ନିଷେଧ କରିଛି। ଏହା ସହିତ ବାହିନୀ ଇନ୍ଧନ ସଞ୍ଚୟ କରିବା ପାଇଁ ସୈନିକ ଏବଂ ଅଧିକାରୀଙ୍କଠାରୁ ନୂତନ ପରାମର୍ଶ ଲୋଡିଛି। ଇନ୍ଧନ ଅପଚୟ ରୋକିବା ପାଇଁ ଆଉ ଏକ ଅନନ୍ୟ ପଦକ୍ଷେପ ନିଆଯାଇଛି। ଯେଉଁ ଅଞ୍ଚଳରେ ସୈନିକମାନେ ସହଜରେ ସାଇକେଲ ବ୍ୟବହାର କରିପାରିବେ ସେଠାରେ ମୋଟରସାଇକେଲ ପାଟ୍ରୋଲିଂକୁ ସମ୍ପୂର୍ଣ୍ଣ ଭାବରେ ସ୍ଥଗିତ ରଖାଯାଇଛି। ସାଇକେଲ ଦ୍ୱାରା ପାଟ୍ରୋଲିଂ କେବଳ ଇନ୍ଧନ ସଞ୍ଚୟ କରିବ ନାହିଁ ବରଂ ସୈନିକଙ୍କ ଫିଟନେସକୁ ମଧ୍ୟ ଉନ୍ନତ କରିବ। ଏହି ନିୟମ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପ୍ରଯୁଜ୍ୟ ହେବ ନାହିଁ।



**ଚନ୍ଦ୍ରବାବୁ ନାଇଡୁ ସରକାରଙ୍କ ବଡ଼ ଘୋଷଣା**

# ତୃତୀୟ ସନ୍ତାନ ପାଇଁ ୩୦ ହଜାର ଓ ଚତୁର୍ଥ ସନ୍ତାନ ପାଇଁ ୪୦ ହଜାର ମିଳିବ

**ଅମରାବତୀ,୧୬।୫(ଏଜେନ୍ସି):** ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସରକାର ରାଜ୍ୟବାସୀଙ୍କ ପାଇଁ ଏକ ନୂଆ ସ୍କିମ ଆଣିଛନ୍ତି। ଏହି ଯୋଜନାରେ ସରକାର ଏବେ ତୃତୀୟ ସନ୍ତାନ ପାଇଁ ୩୦ ହଜାର ଟଙ୍କା ଏବଂ ଚତୁର୍ଥ ସନ୍ତାନ ପାଇଁ ୪୦ ହଜାର ଟଙ୍କା ପ୍ରଦାନ କରିବ। ପୂର୍ବରୁ ଦ୍ୱିତୀୟ ସନ୍ତାନ ପାଇଁ ୨୫ ହଜାର ଟଙ୍କା ନଗଦ ପ୍ରଦାନ କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

ନରସନ୍ନପେଟାରେ 'ସ୍ୱର୍ଣ୍ଣ ଆନ୍ଧ୍ର-ସ୍ୱଚ୍ଛ ଆନ୍ଧ୍ର' କାର୍ଯ୍ୟକ୍ରମ ସମୟରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜ୍ୟର ଜନସଂଖ୍ୟା ହ୍ରାସ ପାଉଥିବାରୁ ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ, ପିଲାମାନଙ୍କୁ ବୋଝ ନୁହେଁ, ଦେଶ ସମ୍ପତ୍ତି ବୋଲି ବିବେଚନା କରାଯାଉ। ଜନସଂଖ୍ୟା ବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନୂତନ ଘୋଷଣା କରି କହିଛନ୍ତି, ପରିବାରଗୁଡ଼ିକୁ ସେମାନଙ୍କର ତୃତୀୟ ସନ୍ତାନର ଜନ୍ମ ପାଇଁ ୩୦ ହଜାର ଏବଂ ଚତୁର୍ଥ ସନ୍ତାନର ଜନ୍ମ ପାଇଁ ୪୦ ହଜାର ଟଙ୍କା ମିଳିବ।

ପୂର୍ବରୁ ମୁଁ ପରିବାର ନିୟୋଜନ ପାଇଁ ବିଭିନ୍ନ ଯୋଜନା ବିଷୟରେ କାମ କରୁଥିଲି। କିନ୍ତୁ ଆଜି ପରିସ୍ଥିତି ବଦଳି ଯାଇଛି। ଏବେ ପିଲାମାନେ ଆମର ସମ୍ପତ୍ତି ଏବଂ ଆମକୁ ସେମାନଙ୍କ ଭବିଷ୍ୟତ ପାଇଁ କାମ କରିବାକୁ ପଡିବ। ଏହି ଚିନ୍ତାଧାରା ସହିତ ମୁଁ ନୂଆ ନିଷ୍ପତ୍ତି ନେଇଛି।



# ବିବାଦୀୟ ମନ୍ତବ୍ୟ ଉପରେ ସିଜେଆଇଙ୍କ ସଫେଇ

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ 'କେତେକ ଯୁବକଙ୍କୁ ଅସରପା' ପରି କହିବା ପରେ ଶନିବାର ତାଙ୍କ ବିବାଦୀୟ ଟିପ୍ପଣୀ ଉପରେ ସଫେଇ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି, କେତେକ ଗଣମାଧ୍ୟମ ତାଙ୍କର ମୌଖିକ ମତାମତକୁ ଭୁଲ ଭାବରେ ଉଦ୍ଧୃତ କରିଥିଲେ ଓ ସେଗୁଡ଼ିକୁ ଦେଶର ଯୁବପିଢ଼ିଙ୍କ ସମାଲୋଚନା ଭାବରେ ମିଥ୍ୟା ଭାବରେ ପ୍ରଦର୍ଶିତ କରିଥିଲେ। ଏହା ପଢ଼ିବା ପରେ ମୁଁ ଖୁବ୍ ଦୁଃଖିତ ହୋଇଥିଲି।

ସେ କହିଛନ୍ତି, ଏକ ଅସ୍ୱାଭାବିକ ମାମଲାରେ ଶୁଣାଣି କରିବା ବେଳେ ଆଇନ, ଗଣମାଧ୍ୟମ ଓ ଅନ୍ୟାନ୍ୟ ସମ୍ମାନଜନକ ବୃତ୍ତିରେ ଜାଲ୍ ଡିଗ୍ରି ମାଧ୍ୟମରେ ପ୍ରବେଶ କରିଥିବା ଯୁବକଙ୍କୁ ସେ ପରଜୀବୀ ବୋଲି କହିଥିଲେ। ଏହାଦ୍ୱାରା ସେ ଦେଶର ସମଗ୍ର ଯୁବପିଢ଼ିଙ୍କୁ ସମାଲୋଚନା କରିଥିଲେ ବୋଲି କହିବା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ମୁଁ ଦେଶର ଯୁବପିଢ଼ିଙ୍କୁ ନେଇ ଗର୍ବ କରେ ଓ ସେମାନଙ୍କୁ ବିକଶିତ ଭାରତର ସ୍ତମ୍ଭ ଭାବେ ଗ୍ରହଣ କରିଥାଏ।



ସୂଚନାଯୋଗ୍ୟ, ଗତକାଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ଓକିଲଙ୍କୁ ବରିଷ୍ଠ ଓକିଲ ଭାବରେ ନିଯୁକ୍ତି ସହିତ ଜଡିତ ଏକ ଆବେଦନର ଶୁଣାଣି କରିଥିଲେ। ଏହି ସମୟରେ ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ପରେ ବିବାଦ ଆରମ୍ଭ ହୋଇଥିଲା। ବରିଷ୍ଠ ଓକିଲ ଦାବି କରୁଥିବା ଆବେଦନକାରୀଙ୍କ ବ୍ୟବହାର ବିଶେଷକରି 'ଫେସ୍‌ବୁକ୍'ରେ ସେ ବ୍ୟବହାର କରୁଥିବା ଭାଷାକୁ ନେଇ ପ୍ରଧାନ ବିଚାରପତି ପ୍ରଶ୍ନ ଉଠାଇଥିଲେ। ଖଣ୍ଡପୀଠ ଆବେଦନକାରୀଙ୍କୁ କହିଥିଲେ ଯେ, ସମଗ୍ର ବିଶ୍ୱ ବରିଷ୍ଠ ଆଡଭୋକେଟ୍ ହେବାକୁ ଯୋଗ୍ୟ ହୋଇପାରନ୍ତି, କିନ୍ତୁ ଆପଣ ସେଥିପାଇଁ ହକ୍‌ଦାର ନୁହନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ, ଯଦି ଦିଲ୍ଲୀ ହାଇକୋର୍ଟ ଆବେଦନକାରୀଙ୍କୁ ବରିଷ୍ଠ ଓକିଲ ପଦବୀ ପ୍ରଦାନ କରନ୍ତି, ସୁପ୍ରିମକୋର୍ଟ ତାଙ୍କ ବୃତ୍ତିଗତ ଆଚରଣକୁ ଦୃଷ୍ଟିରେ ରଖି ଏହାକୁ ରଦ୍ଦ କରିଦେବେ। ଓକିଲଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ଆଧାର କରି ପ୍ରଧାନ ବିଚାରପତି କହିଥିଲେ ଯେ, ସମାଜରେ ଅନେକ ପରଜୀବୀ ଅଛନ୍ତି ଯେଉଁମାନେ ବ୍ୟବସ୍ଥା ଉପରେ ଆକ୍ରମଣ କରନ୍ତି ଓ ତୁମେ ସେମାନଙ୍କ ସହିତ ହାତ ମିଳାଇବାକୁ ଚାହୁଁଛ। ଅସରପା ପରି ଯୁବପିଢ଼ି ଅଛନ୍ତି, ଯେଉଁମାନେ କୌଣସି ଚାକିରି ପାଆନ୍ତି ନାହିଁ, କିମ୍ବା ସେମାନଙ୍କର କୌଣସି ବୃତ୍ତି ନାହିଁ। ସେମାନଙ୍କ ମଧ୍ୟରୁ କେତେକ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ସୂଚନା ଅଧିକାରୀ କର୍ମୀ ଓ ଅନ୍ୟ କର୍ମକର୍ତ୍ତା ଭାବେ ସମସ୍ତଙ୍କୁ ଆକ୍ରମଣ କରିବା ଆରମ୍ଭ କରିଦିଅନ୍ତି। ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପରେ ଆବେଦନକାରୀ ଖଣ୍ଡପୀଠଙ୍କୁ ଭୁଲ ମାଗିବା ସହିତ ତାଙ୍କ ଆବେଦନ ଫେରାଇ ନେବାକୁ ଅନୁମତି ମାଗିଥିଲେ ଓ ଖଣ୍ଡପୀଠ ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ।

# ଚୀନ୍ ଉପହାରକୁ ଅଳିଆ ଗଦାରେ ଫିଙ୍ଗିଦେଲେ ଆମେରିକା ପ୍ରତିନିଧି ଦଳ

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** ବେଜିଂରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହାଇପ୍ରୋଫାଇଲ୍ ବୈଠକ ପରେ ଏବେ ଆଶ୍ଚର୍ଯ୍ୟଜନକ ସୂଚନା ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଚୀନ୍ ଛାଡିବା ପୂର୍ବରୁ ସମଗ୍ର ଆମେରିକୀୟ ପ୍ରତିନିଧି ଦଳ ଚୀନ୍‌ରୁ ମିଳିଥିବା ସମସ୍ତ ଇଲେକ୍ଟ୍ରୋନିକ୍ ଉପକରଣ, ପରିଚୟପତ୍ର, ବ୍ୟାଜ୍, ପିନ୍ ଏବଂ ଉପହାରକୁ ଏୟାର ଫୋର୍ସ ୱାନ୍ ତଳେ ରଖାଯାଇଥିବା ଡଷ୍ଟବିନ୍‌ରେ ଫିଙ୍ଗି ଦେଇଥିଲେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା କ୍ୟାମେରା ସାମ୍ନାରେ ହୋଇଥିଲା ଏବଂ ହ୍ୱାଇଟ୍ ହାଉସ୍ ସୁରକ୍ଷା ତଥା ସିକ୍ରେଟ୍ ସର୍ଭିସ୍ ଦ୍ୱାରା କଡ଼ାକଡ଼ି ଭାବରେ ଲାଗୁ କରାଯାଇଥିଲା।

ରିପୋର୍ଟ ଅନୁଯାୟୀ, ବିମାନରେ ଚଢ଼ିବା ପୂର୍ବରୁ କର୍ମଚାରୀ ଏବଂ ପ୍ରେସକୁ ଦିଆଯାଇଥିବା ସମସ୍ତ ଚାଇନିଜ୍ ଫୋନ୍ ମଧ୍ୟ ଫୋପାଡ଼ି ଦିଆଯାଇଥିଲା। ଏୟାର ଫୋର୍ସ ୱାନ୍‌ରେ କୌଣସି ଚୀନ୍ ନିର୍ମିତ ସାମଗ୍ରୀ ନେବାକୁ ଅନୁମତି ନଥିଲା। ଆମେରିକୀୟ ଅଧିକାରୀଙ୍କ ବ୍ୟକ୍ତିଗତ ଇଲେକ୍ଟ୍ରୋନିକ୍ ଡିଭାଇସ୍ ମଧ୍ୟ ସାଧାରଣ ଭାବରେ ବ୍ୟବହାର କରାଯାଇ ନଥିଲା। ଫେରିବା ସମୟରେ କୌଣସି ସମ୍ଭାବ୍ୟ ଡିଜିଟାଲ୍ ନିରୀକ୍ଷଣ କିମ୍ବା ସିଗନାଲ ଟ୍ରାକିଂକୁ ରୋକିବା ପାଇଁ ସେଗୁଡ଼ିକୁ ସ୍ୱତନ୍ତ୍ର ଫାରାଡେ ବ୍ୟାଗ୍‌ରେ ରଖାଯାଇଥିଲା। ସୂତ୍ର ଅନୁଯାୟୀ, ଏହା ଏକ ହଠାତ୍ ନିଷ୍ପତ୍ତି ନଥିଲା, ବରଂ ଏକ ପୂର୍ବ ଯୋଜନାବଦ୍ଧ କାଉଣ୍ଟର-ଇଣ୍ଟେଲିଜେନ୍ସ ପ୍ରୋଟୋକଲ୍ ଥିଲା। ଏହାକୁ ଆମେରିକା ବର୍ଷ ବର୍ଷ ଧରି ଚୀନ୍ ଏବଂ ରୁଷ ଭଳି ଦେଶ ଗସ୍ତ ସମୟରେ ଅନୁସରଣ କରିଆସୁଛି।

ଗସ୍ତ ସମୟରେ ଯେତେବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ କ୍ୟାମେରା ସମ୍ମୁଖରେ ଚୀନ୍‌ର ଗୁପ୍ତଚର କାର୍ଯ୍ୟକଳାପ ବିଷୟରେ ପଚରାଯାଇଥିଲା, ତାଙ୍କର ପ୍ରତିକ୍ରିୟା ବହୁଳ ଭାବରେ ଚର୍ଚ୍ଚାର ବିଷୟ ହୋଇଥିଲା। ଟ୍ରମ୍ପ କହିଥିଲେ, ଆମେ ଏହା ଉପରେ ଆଲୋଚନା କରିନାହୁଁ। କାରଣ ଆମେ ସେମାନଙ୍କ ଉପରେ ଗୁପ୍ତଚରୀ କରୁ, ଯେପରି ସେମାନେ ଆମ ଉପରେ କରନ୍ତି। ଏହି ବକ୍ତବ୍ୟ ଏବେ ସୋସିଆଲ ମିଡିଆ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଅନେକ ବିଶେଷଜ୍ଞ ଏହାକୁ ଆମେରିକା-ଚୀନ୍ ସମ୍ପର୍କରେ ଗଭୀର ଅବିଶ୍ୱାସର ସଙ୍କେତ ବୋଲି ବିବେଚନା କରୁଛନ୍ତି। ଏହି ହାଇପ୍ରୋଫାଇଲ୍ ଆମେରିକା ପ୍ରତିନିଧିମଣ୍ଡଳରେ ବିଶ୍ୱର କିଛି ପ୍ରମୁଖ ଶିଳ୍ପପତି ସାମିଲ ଥିଲେ।

ଟ୍ରମ୍ପଙ୍କ ସହିତ ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲୋନ ମସ୍କ ଏବଂ ଏନଭିଡିଆ ମୁଖ୍ୟ ଜେନସେନ ହୁଆଙ୍ଗ ବେଜିଂ ଯାଇଥିଲେ। କିନ୍ତୁ ସେମାନଙ୍କ ଫେରିବା ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସମସ୍ତେ ଖାଲି ହାତରେ ଫେରିଥିଲେ। ଏଭଳି କାର୍ଯ୍ୟ ଯୋଗୁ ଟ୍ରମ୍ପଙ୍କ ବେଜିଂ ଗସ୍ତକୁ ଚୀନ୍ ନିନ୍ଦା କରିଛି। ବେଜିଂ ଗସ୍ତ ସମୟରେ ଟ୍ରମ୍ପ ଏବଂ ସି ଜିନପିଙ୍ଗଙ୍କର ଅନେକ ବନ୍ଧୁତ୍ୱପୂର୍ଣ୍ଣ ଫଟୋ ଉଠାଯାଇଥିଲା। ଦୁଇ ନେତା ଏକାଠି ଭୋଜନ କରିଥିଲେ, ସାଂସ୍କୃତିକ ସ୍ଥଳ ପରିଦର୍ଶନ କରିଥିଲେ ଏବଂ ସାର୍ବଜନୀନ ଭାବରେ ପରସ୍ପରକୁ ପ୍ରଶଂସା କରିଥିଲେ।

ଏୟାର ଫୋର୍ସ ୱାନ୍ ତଳେ ଦେଖାଯାଇଥିବା ଏହି ସୁରକ୍ଷା ପ୍ରୋଟୋକଲ ସ୍ପଷ୍ଟ କରିଥିଲା ଯେ, କୂଟନୈତିକ ହସ ଏବଂ ପ୍ରକୃତ ରଣନୈତିକ ବିଶ୍ୱାସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ମୁହଁର ହସ କେବଳ ଲୋକ ଦେଖାଣିଆ ଥିଲା। ବିଶେଷଜ୍ଞମାନଙ୍କ ଅନୁସାରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଗୁପ୍ତଚରୀକୁ ନେଇ ଆମେରିକା ଓ ଚୀନ୍ ମଧ୍ୟରେ ଉତ୍ତେଜନା ଅଧିକ ରହିଛି। ତେଣୁ ଆମେରିକା ପ୍ରତିନିଧିମଣ୍ଡଳ ଦ୍ୱାରା ଚୀନ୍‌ରୁ ପ୍ରାପ୍ତ ପ୍ରତ୍ୟେକ ଇଲେକ୍ଟ୍ରୋନିକ୍ ଜିନିଷର ଫିଙ୍ଗିବାକୁ କେବଳ ଏକ ସୁରକ୍ଷା ପଦକ୍ଷେପ ଭାବରେ ନୁହେଁ ବରଂ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ବାର୍ତ୍ତା ଭାବରେ ଦେଖାଯାଉଛି।



INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida